୬ ପୁଣି ଭାରତ-ପାକିସ୍ତାନ ମ୍ୟାଚ୍



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

# ସମ୍ବାଦ କଳିକା

E-mail : sambadkalikanews@gmail.com
The Sambad Kalika

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୫୧ ● ୨୯ ଜୁନ୍ ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-151 ●29th June 2025, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

# ଶରଧାବାଳିରେ ୩ ରଥ

ପୁରୀ, ୨୮।୬
ନ୍ୟୁଜ୍ ବ୍ୟୁରୋ

ଶରଧାବାଳିରେ ପହଞ୍ଚିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ 'ନନ୍ଦିଘୋଷ', ବଳଭଦ୍ରଙ୍କ 'ତାଳଧ୍ୱଜ' ଏବଂ ଦେବୀ ସୁଭଦ୍ରାଙ୍କ 'ଦର୍ପଦଳନ' ରଥ। ପ୍ରଥମେ ତାଳଧ୍ୱଜ ଏବଂ ଦର୍ପଦଳନ ଶରଧାବାଳିରେ ପହଞ୍ଚିବା ପରେ କାଳିଆ ସାଆନ୍ତଙ୍କ ନନ୍ଦିଘୋଷ ରଥ ପହଞ୍ଚିଥିଲା। ଦର୍ଶନ ପାଇଁ ଶରଧାବାଳିରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତମାନେ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଅପରୂପ ଦୃଶ୍ୟ ଦେଖି ବିମୋହିତ ହୋଇପଡିଥିଲେ।

ଶୁକ୍ରବାର ବଡ଼ଦାଣ୍ଡରେ ନନ୍ଦିଘୋଷ ରଥ ଅଟକି ରହିଥିବାବେଳେ ଶନିବାର ସକାଳ ସାଢେ ୯ଟା ପରେ ପୁନର୍ବାର ରଥ ଟଣା ଆରମ୍ଭ ହୋଇଥିଲା। ଘଣ୍ଟ, ହରିବୋଲ, ହୁଳହୁଳି ଧ୍ୱନୀରେ ବଡ଼ଦାଣ୍ଡ ପ୍ରକମ୍ପିତ ହୋଇପଡ଼ିଥିଲା। ଶୁକ୍ରବାର ଶ୍ରୀଗୁଣ୍ଡିଚାରେ ମହାବାହୁଙ୍କ ରଥ ଅଳ୍ପ ଗଡ଼ି ଅଟକି ରହିଥିଲା। ରାତି ହୋଇଯାଇଥିବାରୁ ରଥଟଣା ବନ୍ଦ କରାଯାଇଥିଲା।

ଅନ୍ୟପଟେ ମହାବାହୁଙ୍କ ରଥ ବିଳମ୍ବରେ ଗଡ଼ିବା ନେଇ ପ୍ରତିକ୍ରିୟା ଦେଇଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ପୂର୍ବ ବର୍ଷ ଅପେକ୍ଷା ଚଳିତବର୍ଷ ଅଧିକ ଭକ୍ତଙ୍କ ସମାଗମ ହୋଇଛି। ଯେଉଁ କାରଣରୁ କର୍ଡନ ଭିତରକୁ ଭକ୍ତମାନେ ପଶିଆସିଥିଲେ। ସେମାନଙ୍କୁ ବାହାର କରାଯିବା ପରେ ରଥ ଟଣାଗଲା।



ଶୁକ୍ରବାର ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା ଅଘଟଣଶୂନ୍ୟ ଭାବେ ଅନୁଷ୍ଠିତ ହୋଇଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି। ଶ୍ରୀଗୁଣ୍ଡିଚା ଯାତ୍ରା ସମ୍ପର୍କିତ ସମସ୍ତ ନୀତିକାନ୍ତି ଠିକଣା ସମୟରେ ସମାପନ ପାଇଁ ସମସ୍ତ ସେବକ ନିଯୋଗ, ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନର ସମସ୍ତ କର୍ମଚାରୀ, ସରକାରଙ୍କ ବିଭିନ୍ନ ଅନୁଷ୍ଠାନ, ଗଣମାଧ୍ୟମ ଅନୁଷ୍ଠାନ ଏବଂ ଲକ୍ଷାଧିକ ଭକ୍ତଙ୍କୁ ମୁଖ୍ୟ ପ୍ରଶାସକ କୃତଜ୍ଞତା ତଥା ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ରଥ ଟାଣିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

ପୁରୀ, ୨୮।୬ : ନ୍ୟୁଜ୍ ବ୍ୟୁରୋ

ଶନିବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରଥ ଟାଣିଲେ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣାରେ ସାମିଲ ହୋଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଭକ୍ତଙ୍କ ସହ ମିଶି ରଥ ଟାଣିଛନ୍ତି ଏବଂ ମହାପ୍ରଭୁଙ୍କ ଆଶୀର୍ବାଦ କାମନା କରିଛନ୍ତି।

## ମହାପ୍ରଭୁଙ୍କ ଇଚ୍ଛା ନଥିଲେ ରଥ ଗଡେନି- ଆଇନ ମନ୍ତ୍ରୀ

ପୁରୀ, ୨୮।୬ : ନ୍ୟୁଜ୍ ବ୍ୟୁରୋ

ରଥଟଣା ବିଳମ୍ବ ନେଇ ପ୍ରତିକ୍ରିୟା ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସେ କହିଛନ୍ତି ଯେ, ମହାପ୍ରଭୁଙ୍କ ରଥଯାତ୍ରା ତାଙ୍କ ଇଚ୍ଛା ଅନୁସାରେ ହୁଏ। ସେ ଚାହିଁଲେ ପହଣ୍ଡି ହେବ। ସେ ରଥରେ ବିରାଜମାନ କରିବେ । ସେ ଯେବେ ଚାହିଁବେ ସେବେ ରଥ ଟଣା ହେବ ।

## କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲାଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୨୮।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ଉପସ୍ଥିତ ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲାଙ୍କ ସହ କଥା ହୋଇଥିଲେ। ଶୁଭାଂଶୁ ବର୍ତ୍ତମାନ ଆକ୍ସିଅମ୍-୪ ମିଶନ ଅଧୀନରେ ଆଇଆଏସଏସରେ ଅଛନ୍ତି।

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଶନିବାର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ଥିବା ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲାଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତାର ଏକ ଫଟୋ ସେୟାର କରି ଲେଖିଛନ୍ତି, 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ଥିବା ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲାଙ୍କ ସହ କଥା ହୋଇଥିଲେ।' ଶୁଭାଂଶୁ ଶୁକ୍ଲା ଜୁନ୍ ୨୫ ତାରିଖରେ ସ୍ପେସଏକ୍ସର ଡ୍ରାଗନ୍ କ୍ୟାପସୁଲ୍ ମାଧ୍ୟମରେ ଆକ୍ସିଅମ୍-୪ ମିଶନ ଅଧୀନରେ ଅନ୍ୟ ତିନି ଜଣ ମହାକାଶଚାରୀଙ୍କ ସହିତ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଯାତ୍ରା ଆରମ୍ଭ କରିଥିଲେ। ଏହି ଐତିହାସିକ ଉଡ଼ାଣ ସହିତ, ସେ ବିଶ୍ୱ ମହାକାଶ ମାନଚିତ୍ରରେ ଭାରତର ନାମକୁ ଅଧିକ ଗର୍ବର ସହିତ ଲିପିବଦ୍ଧ କରିଛନ୍ତି। ଏହି ମୁହୂର୍ତ୍ତ *(ପୃଷ୍ଠା ୭ରେ)*

## ଜୁନ୍ ୩୦ ରବି ଧାନ ସଂଗ୍ରହର ଶେଷ ତାରିଖ

ଭୁବନେଶ୍ୱର, ୨୮।୬
ନ୍ୟୁଜ୍ ବ୍ୟୁରୋ

ଜୁନ ୩୦ ତାରିଖ ରବି ଧାନ ସଂଗ୍ରହର ଶେଷ ତାରିଖ ବୋଲି ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ମନ୍ତ୍ରୀ କହିଛନ୍ତି ଯେ ଧାନ ସଂଗ୍ରହ ପାଇଁ ଆଉ ତାରିଖ ବଢ଼ିବ ନାହିଁ, ତାରିଖ ବଦଳାଇବା କାମ କେନ୍ଦ୍ରର। ଏବେ ସୁଦ୍ଧା ୧୭ ଲକ୍ଷ ୪୩ ହଜାର ମେଟ୍ରିକ ଟନ୍ ରବି ଧାନ ସଂଗ୍ରହ ହୋଇଛି। ଗତବର୍ଷ ୧୨ ଲକ୍ଷ ୪୦ ହଜାର ମେଟ୍ରିକଟନ ଧାନ କିଣା ହୋଇଥିଲା। ଆଉ ଦୁଇ ତିନି ଦିନ ସମୟ ଅଛି, ତେଣୁ *(ପୃଷ୍ଠା ୭ରେ)*

## ୬ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୮।୬
ନ୍ୟୁଜ୍ ବ୍ୟୁରୋ

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲ୍ଲା ପୋଲିସ ନିକଟରେ ୬ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଏହି ଆତ୍ମସମର୍ପଣ କରିଥିବା ୬ଜଣ ମାଓବାଦୀଙ୍କ ମଧ୍ୟରୁ ୪ ମାଓବାଦୀ ଓ ଦୁଇ ପୁରୁଷ ମାଓବାଦୀ ଥିବା ବେଳେ ସମସ୍ତେ ବିଏସ୍ଏଫ ୧୫ ବାହିନୀ କମାଣ୍ଡାଣ୍ଟ ନବଲ ସିଂ, ୫୩ ବାହିନୀ କମାଣ୍ଡାଣ୍ଟ ସଞ୍ଜୟ କୁମାରଙ୍କ ନିକଟରେ ଏହି ୬ ଜଣ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରୁ ୫ ଲକ୍ଷ ପୁରସ୍କାର ଘୋଷିତ ଧନାୟ ହଲାମି, ୧ ଲକ୍ଷ ପୁରସ୍କାର ଘୋଷିତ, ଦଶମତୀ କେବାଚି, ୧ ଲକ୍ଷ ପୁରସ୍କାର ଘୋଷିତ, ସୁକାୟ ଓରଫ ରୋଶନୀ ପୋୟାମ, ୧ ଲକ୍ଷ, ଇନାମୀ *(ପୃଷ୍ଠା ୭ରେ)*

## ବସ୍ ଧକ୍କାରେ ୩ ଯୁବତୀ ମୃତ

ପିପିଲି, ୨୮।୬
ନ୍ୟୁଜ୍ ବ୍ୟୁରୋ

ପିପିଲି ତରାକାଜ ନିକଟରେ ଶନିବାର ଅପରାହ୍ନରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ ଜଣ ଯୁବତୀଙ୍କ ମୃତ୍ୟୁ ଘଟିଛି। ସମ୍ପୃକ୍ତ ୩ ଯୁବତୀ ଭୁବନେଶ୍ୱର ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ପୁରୀ ଅଭିମୁଖେ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିବା ଜଣାପଡିଛି।

ସୂଚନା ଅନୁଯାୟୀ, ଭୁବନେଶ୍ୱର ସଙ୍ଗୀତ ମହାବିଦ୍ୟାଳୟର ୩ ଜଣ ଛାତ୍ରୀ ଠାକୁର ଦର୍ଶନ ପାଇଁ ଶନିବାର ଏକ ସ୍କୁଟିରେ ପୁରୀ ଯାଉଥିଲେ। ଅପରାହ୍ନ ୪ଟା ସମୟରେ ପିପିଲି ତରାକାଜ ନିକଟରେ ଗୋଟିଏ ସ୍କୁଟି ପ୍ରଥମେ ୩ ଜଣ ଯାଉଥିବା ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ଭାରସାମ୍ୟ ହରାଇ ସ୍କୁଟିରେ ଯାଉଥିବା ୩ ଜଣ ଯାକ ଯୁବତୀ ଆଗରେ ଯାଉଥିବା ଓଏସଆରଟିସି ବସ ପଛ ଚକ ତଳେ ପଡିଯାଇଥିଲେ ଓ *(ପୃଷ୍ଠା ୭ରେ)*

## ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮।୬ : ନ୍ୟୁଜ୍ ବ୍ୟୁରୋ

ପିପିଲି ତରାକାଜ ନିକଟରେ ଶନିବାର ଅପରାହ୍ନରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୩ ଜଣ ଯୁବତୀଙ୍କ ପରିବାରବର୍ଗଙ୍କ ପାଇଁ *(ପୃଷ୍ଠା ୭ରେ)*

## ଟିକସରେ ବଡ଼ ରିହାତି : ଭାରତକୁ ଆମେରିକାରୁ ଟଙ୍କା ପଠାଇବା ସହଜ ଆଉ ଶସ୍ତା ହେବ

ୱାଶିଂଟନ, ୨୮।୬

ଆମେରିକାରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି ଖବର ଆସିଛି। ୱାନ ବିଗ ବିଉଟିଫୁଲ ବିଲ ଆକ୍ଟର ନୂତନ ଡ୍ରାଫ୍ଟରେ, ରେମିଟେନ୍ସ ଟ୍ୟାକ୍ସକୁ ୩.୫% ରୁ ୧%କୁ ହ୍ରାସ କରାଯାଇଛି । ପୂର୍ବରୁ ଏହି ବିଲରେ ୫% ଟିକସର ବ୍ୟବସ୍ଥା ଥିଲା, ପରେ ଏହାକୁ ୩.୫% କୁ ହ୍ରାସ କରାଯାଇଥିଲା ଏବଂ ବର୍ତ୍ତମାନ ସିନେଟର ସଦ୍ୟତମ ସଂସ୍କରଣରେ ଏହାକୁ ୧%କୁ ହ୍ରାସ କରାଯାଇଛି। ବିଲ୍ ଆଇନ ହେବା ପରେ ଭାରତକୁ ଟଙ୍କା ପଠାଉଥିବା ଲୋକମାନଙ୍କୁ ଏହା ଦ୍ୱାରା ବହୁତ ଲାଭ ମିଳିବ।



ରିପୋର୍ଟ ଅନୁଯାୟୀ, ନୂତନ ନିୟମ ଅନୁଯାୟୀ, ଏହି ଟିକସ କେବଳ ୩୧ ଡିସେମ୍ବର ୨୦୨୫ ପରେ ହେଉଥିବା କିଛି ନିର୍ଦ୍ଦିଷ୍ଟ ସ୍ଥାନାନ୍ତର ଉପରେ ଲାଗୁ ହେବ। ଭଲ କଥା ହେଉଛି ଯେ, ଏହି ଟିକସ ବ୍ୟାଙ୍କ କିମ୍ବା ଆର୍ଥିକ ପ୍ରତିଷ୍ଠାନର ଆକାଉଣ୍ଟରୁ କରାଯାଇଥିବା *(ପୃଷ୍ଠା ୭ରେ)*

## ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସବୁ ପାଇଛି: ଗୌତମ ଆଦାନୀ

ପୁରୀ, ୨୮।୬ : ନ୍ୟୁଜ୍ ବ୍ୟୁରୋ

ଆଦାନୀ ଗ୍ରୁପ୍ର ଅଧ୍ୟକ୍ଷ ତଥା ଦେଶର ଜଣାଶୁଣା ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀ ଶନିବାର ଶ୍ରୀକ୍ଷେତ୍ର ପୁରୀରେ ପହଞ୍ଚି ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ସାମିଲ ହୋଇଥିଲେ। ଶ୍ରୀ ଆଦାନୀଙ୍କ ସହିତ ପତ୍ନୀ ଓ ପୁତ୍ର ରଥ ଉପରେ ଶ୍ରୀଜୀଉଙ୍କ ଦର୍ଶନ କରିବା ସହ ଶ୍ରୀ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟାଣିଥିଲେ। ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହୋଇପଡିଥିବା ବଡଦାଣ୍ଡରେ ଅଗଣିତ ଭକ୍ତମାନଙ୍କ ଗହଣରେ ଶ୍ରୀ ଆଦାନୀଙ୍କ ପରିବାର ପବିତ୍ର ରଥ ଯାତ୍ରା ଅବସରରେ ଗଭୀର ଭକ୍ତିଭାବର ସହ ମହାପ୍ରଭୁଙ୍କ ଦର୍ଶନ କରିଥିଲେ ଏବଂ ରଥ ସମ୍ମୁଖରେ ଯୋଡ ହସ୍ତରେ ମହାପ୍ରଭୁଙ୍କୁ ପ୍ରାର୍ଥନା କରିଥିଲେ। ଶ୍ରୀ ଆଦାନୀ ଏଠାରେ ପହଞ୍ଚିବା ପରେ ତାଙ୍କୁ ଶ୍ରୀମନ୍ଦିର ସେବାୟତ ଓ ଅଧିକାରୀମାନେ ପାଛୋଟି ନେଇଥିଲେ।



ପୁରୀ ଆସି ନିଜକୁ ଭାଗ୍ୟବାନ ମନେ କରିଛନ୍ତି ଗୌତମ ଆଦାନୀ। ସେ ଗଣମାଧ୍ୟମକୁ କହିଛନ୍ତି, ମହାପ୍ରଭୁଙ୍କ ପାଖକୁ ଆସି ଦର୍ଶନ କରିବା ପାଇଁ ମୋତେ ଆଜି ସୁଯୋଗ ମିଳିଛି ଓ ସୌଭାଗ୍ୟ ପ୍ରାପ୍ତି ହୋଇଛି। ଏହି ସୁଯୋଗ ମୋ ଜୀବନରେ ଏକ ଅନନ୍ୟ ଅନୁଭୂତି ଆଣିଦେଇଛି। ମୋ ପାଖରେ ଆଗରୁ କିଛି ନ ଥିଲା, ହେଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ମୁଁ ସବୁ ପାଇଛି । ଲୋକଙ୍କ ଶୁଭେଚ୍ଛା ଓ ଭଗବାନଙ୍କ ଆଶୀର୍ବାଦରୁ ଆଜି ମୋ ପାଖରେ ସବୁକିଛି ଅଛି । ମହାପ୍ରଭୁଙ୍କ ନିକଟରେ ଦେଶବାସୀଙ୍କ ପ୍ରଗତି ପାଇଁ ପ୍ରାର୍ଥନା କରିଛି । ଏହା ବ୍ୟତୀତ ରଥ ଯାତ୍ରାରେ ପ୍ରଶାସନଠାରୁ ଆରମ୍ଭ କରି ସ୍ୱେଚ୍ଛାସେବୀ ସଙ୍ଗଠନ, ସଫେଇ କର୍ମଚାରୀଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। *(ପୃଷ୍ଠା ୭ରେ)*

## ୪ ଯାଏଁ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୮।୬
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଆସନ୍ତା ଜୁଲାଇ ୪ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ରବିବାର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ଥିବାରୁ ଏହାର ପ୍ରଭାବରେ ଉପକୂଳ ଓଡ଼ିଶାରେ ବର୍ଷା ଲାଗି ରହିବ। ସାରା ରାଜ୍ୟରେ ବର୍ଷା ନେଇ ସତର୍କ ସୂଚନା ଜାରି କରିଛି ପାଣିପାଗ ବିଭାଗ । ଅଧିକ ବର୍ଷା ନେଇ ବହୁ ଜିଲ୍ଲାକୁ ଅରେଞ୍ଜ, ଏବଂ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ରାଜ୍ୟର ବିଭିନ୍ନ ଅଞ୍ଚଳରେ କିଛିଦିନ ହେବ ବର୍ଷା ଲାଗି ରହିଥିବାବେଳେ ଶନିବାର ବିଭିନ୍ନ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଛି। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ ଅନୁସାରେ



ଆଗାମୀ ତିନି ଚାରି ଦିନ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ସୁନ୍ଦରଗଡ଼, କେନ୍ଦୁଝର, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର ଓ ମୟୂରଭଞ୍ଜ ଜିଲ୍ଲାକୁ ଏନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର । ତେବେ ବଜ୍ରପାତ ଓ ଝଟ୍କା ପବନ ନେଇ ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଆଦି ଜିଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ଏକାଳ ପଖାଳ



ଅନ୍ତରୀକ୍ଷରୁ ଭାରତ ଦିଶଇ
ସୁନ୍ଦରୁ ସୁନ୍ଦର ତର
ବିଶାଳ ଆକାର ଦେଶର ମୋ
ରତ୍ନ ଏଇ ଜଗତର
ଏ ଶୁଭାଂଶୁ ଶୁକ୍ଲାଙ୍କ ଉତ୍ତର
ଗର୍ବ ତୁମ୍ଭେ ଶୁକ୍ଲା ମହାଶୟ
ବରପୁତ୍ର ଏ ଭାରତର।

## ଆନ୍ଧ୍ରକୁ ବାର୍ତ୍ତା : କୋଟିଆ ଓଡ଼ିଶାର ଥିଲା, ରହିବ



### ପ୍ରଥମ ଥର ପାଇଁ କୋଟିଆରେ ୫ ମନ୍ତ୍ରୀ

କୋରାପୁଟ, ୨୮।୬ : ନ୍ୟୁଜ୍

କୋଟିଆ ରଥଯାତ୍ରାରେ ସାମିଲ ହେଲେ ୫ ମନ୍ତ୍ରୀ । ରଥ ଟାଣିଲେ, ଲୋକଙ୍କ ସହ କଥାହେଲେ, ଆଉ ଯାତ୍ରାରେ ଖଞ୍ଜନ ବି ବଜାଇ ନାଚି ଉଠିଲେ।

କୋଟିଆକୁ ପୂର୍ବରୁ କେବେ ବି ଏତେ ସଂଖ୍ୟକ ମନ୍ତ୍ରୀ ଆସି ନ ଥିଲେ। ପ୍ରଥମ ଥର ପାଇଁ ରାଜ୍ୟ ସରକାରଙ୍କ ୫ ମନ୍ତ୍ରୀ କୋଟିଆକୁ ଆସି ରଥଯାତ୍ରାରେ ସାମିଲ ହୋଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇଥିଲେ। କୋଟିଆବାସୀଙ୍କ ସହ କଥା ବି ହୋଇଥିଲେ। ମନ୍ତ୍ରୀ ମାନଙ୍କ ମଧ୍ୟରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କୋଟିଆରେ ପହଞ୍ଚି ବାସ୍ତବ ସ୍ଥିତି ଦେଖିଥିଲେ । ଏହା ବ୍ୟତୀତ ପଟାଙ୍ଗୀ ବିଧାୟକ ତଥା କଂଗ୍ରେସ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମ, ସାଂସଦ ସପ୍ତଗିରି ଉଲାକା, ସମେତ କୋରାପୁଟ, ଜୟପୁର, କୋଟପାଡ଼, ଲକ୍ଷ୍ମୀପୁର, ବିଧାୟକ ଏବଂ ପୂର୍ବତନ ସାଂସଦ ଏହି ରଥଯାତ୍ରା ରେ ସାମିଲ ହୋଇଥିଲେ।

ଅନ୍ୟପକ୍ଷରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଗଣମାଧ୍ୟମକୁ କହିଛନ୍ତି କୋଟିଆ ଓଡ଼ିଶାର ଥିଲା ରହିଛି ଏବଂ ଆଗକୁ ମଧ୍ୟ ରହିବ। ଏଥିରେ କୌଣସି ଦ୍ୱନ୍ଦ୍ୱ ନାହିଁ। କୋଟିଆ ସହିତ ରାଜ୍ୟ ସରକାର, ସମସ୍ତ ରାଜ୍ୟବାସୀ ଓ ଦଳ ମତ ନିର୍ବିଶେଷରେ ସମସ୍ତେ ରହିଥିବା ନେଇ ଏକ ସନ୍ଦେଶ ଆଜି ଦିଆଯାଇଥିବା ନେଇ ରାଜସ୍ୱ ମନ୍ତ୍ରୀ କହିଥିଲେ।

ପ୍ରଥମ ଥର ପାଇଁ କୋଟିଆ ଗ୍ରାମପୁଞ୍ଜର ହଜାର ହଜାର ଭକ୍ତମାନଙ୍କ ସହ ୫ ମନ୍ତ୍ରୀ ସାମିଲ ହୋଇ ରଥ ଟାଣିଥିଲେ । କୋଟିଆ ସମସ୍ୟାର ସ୍ଥାୟୀ ସମାଧାନ ଏବଂ ସାମଗ୍ରୀକ ବିକାଶ ପାଇଁ ମହାପ୍ରଭୁଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କରାଯାଇଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ। କୋଟିଆ ପ୍ରସଙ୍ଗ ଖାଲି କୋରାପୁଟ ଜିଲ୍ଲାର ନୁହେଁ ଏହା ଓଡିଶାର ପ୍ରସଙ୍ଗ ବୋଲି ସେ କହିଛନ୍ତି। ଏହାର ସମାଧାନ ପାଇଁ ଖସଡ଼ା ପ୍ରସ୍ତୁତ କରାଯାଇଛି। ଶନିବାର ସ୍ଥାନୀୟ ଲୋକମାନଙ୍କ ସହ ବିଭିନ୍ନ ରାଜନୈତିକ ଦଳର ନେତା ମାନଙ୍କର ପରାମର୍ଶ ନିଆଯାଇଛି । ସମସ୍ତଙ୍କ ମତାମତକୁ ନେଇ ଖସଡ଼ା ପ୍ରସ୍ତୁତ କରାଯାଇ କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି ସେ କହିଛନ୍ତି । ଓଡିଶା ରାଜ୍ୟର ସୀମାନ୍ତବର୍ତ୍ତୀ ଅଞ୍ଚଳର ସାମଗ୍ରୀକ ବିକାଶ ପାଇଁ ରାଜ୍ୟ ସରକାର ସଂକଳ୍ପ ନେଇଥିବା ସେ କହିଛନ୍ତି। କୋଟିଆର ଗୃହହୀନଙ୍କୁ ଗୃହ ଯୋଗାଇଦେବା, ଆଦର୍ଶ ବିଦ୍ୟାଳୟରେ ହଷ୍ଟେଲ ନିର୍ମାଣ କରିବା, କୋଟିଆରେ ଏକ ବଡ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କରିବା ପ୍ରଭୃତି ଦାବିପତ୍ର ଆସିଥିଲା ବୋଲି ସେ କହିଥିଲେ। ଏଠାର ପର୍ଯ୍ୟଟନସ୍ଥଳୀର ବିକାଶ ହୋଇ ପାରିଲେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସ୍ଥାନୀୟ ବାସିନ୍ଦା ନିଯୁକ୍ତି ପାଇପାରିବେ। ତେଣୁ ଏଠାରେ ରହିଥିବା ପର୍ଯ୍ୟଟନ ସ୍ଥଳୀର ବିକାଶ କରାଯିବା ସହିତ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାର ବିକାଶ ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି। କୋଟିଆ ସମସ୍ୟାର *(ପୃଷ୍ଠା ୭ରେ)*

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୯ ଜୁନ୍ ୨୦୨୫ ରବିବାର





# ବନ୍ଦୀ ଜୀବନ କାଟୁଛି 'ଜୀନତ୍'

## ୬ ମାସ ହେଲା ଏନ୍‌କ୍ଲୋଜରରେ, ଶିକାର ପ୍ରବୃତ୍ତି ନଷ୍ଟ ଆଶଙ୍କା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ମାସ ପରେ ମାସ ବିତୁଛି। ଏନ୍‌କ୍ଲୋଜର ପରିସୀମା ମଧ୍ୟ ବୃଦ୍ଧି ହେଉଛି। ହେଲେ ମୁକୁଳିପାରୁନି ମହାରାଷ୍ଟ୍ରର ତଡ଼ବା ଅନ୍ଧାରୀରୁ ଓଡ଼ିଶା ଆସିଥିବା ବାଘୁଣୀ 'ଜୀନତ୍'। ୬ ମାସ ହେଲାଣି ଶିମିଳିପାଳ ଅଭୟାରଣ୍ୟ ଭିତରେ ଏକ ଏନ୍‌କ୍ଲୋଜରରେ ବନ୍ଦୀ ଜୀବନ କାଟୁଛି। ପଶ୍ଚିମବଙ୍ଗରୁ ଉଦ୍ଧାର ହୋଇ ଆସିବା ପରେ ଏକ ଛୋଟ ଏନ୍‌କ୍ଲୋଜରରେ ରଖାଯାଇଥିଲା। ତିନି ମାସ ହେଲା ତାହାର ପରିସୀମାକୁ ଯଥେଷ୍ଟ ବୃଦ୍ଧି କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ଅଭୟାରଣ୍ୟକୁ ଆଜି ପର୍ଯ୍ୟନ୍ତ ସେ ଆପଣାଇ ପାରି ନ ଥିବାରୁ ବନ ବିଭାଗ ତାହାକୁ ପୁଣିଥରେ ଜଙ୍ଗଲକୁ ଛାଡ଼ିବା ଦିଗରେ ପଦକ୍ଷେପ ନେଇପାରୁ ନାହିଁ। ଏତେ ସମୟ ଧରି ଗୋଟିଏ ଏନ୍‌କ୍ଲୋଜର ମଧ୍ୟରେ ରହିଥିବାରୁ ତାହାର ଶିକାର ପ୍ରବୃତ୍ତି ନଷ୍ଟ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏଥିସହ ଶିମିଳିପାଳରେ କଳାବାଘ ବଂଶ ବୃଦ୍ଧି ଉପରେ ରୋକ୍ ଲଗାଇବାକୁ ଯେଉଁ ଯୋଜନା ହୋଇଥିଲା ତାହାକୁ ନେଇ ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି। ପାଖାପାଖି ୯ ମାସ ହେଲା ମହାରାଷ୍ଟ୍ରରୁ ଦୁଇଟି ବାଘୁଣୀ ଅଣାଯାଇଥିଲେ ମଧ୍ୟ ସେମାନଙ୍କଠାରୁ ଆଜି ପର୍ଯ୍ୟନ୍ତ କୌଣସି ଶୁଭ ଖବର ମିଳିପାରି ନ ଥିବାରୁ ସାତକୋଶିଆ ଭଳି ଶିମିଳିପାଳରେ ବନ ବିଭାଗ ବିଫଳ ହେବା ନେଇ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

# ମେଘେଶ୍ୱର ମନ୍ଦିରଃ ମରାମତିକୁ ଅପେକ୍ଷା

ଭୁବନେଶ୍ୱରଃନ୍ୟୁଜ ବ୍ୟୁରୋ

୧୧ଶହ ଖ୍ରୀଷ୍ଟାବ୍ଦର ମେଘେଶ୍ୱର ମନ୍ଦିର। ରେଖାଶୈଳୀର ଗର୍ଭଗୃହ ଓ ପୀଢ଼ଶୈଳୀର ଜଗମୋହନ ଥିବା ଏହି ପୁରାତନ ଶୈବପୀଠର ରକ୍ଷଣାବେକ୍ଷଣ କରାଯାଉନାହିଁ। ମନ୍ଦିରରୁ ପଥର କ୍ଷୟ ହେଉଛି। ସାମାନ୍ୟ ବର୍ଷା ହେଲେ ଗର୍ଭଗୃହ ଓ ଜଗମୋହନରୁ ସରସର ପାଣି ଗଳୁଛି। ମନ୍ଦିର ଭିତର ସନ୍ତସନ୍ତିଆ ଯୋଗୁ ଉଭୟ ପୂଜକ ଓ ଭକ୍ତ ନାହିଁନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ମନ୍ଦିର ଉନ୍ନତୀକରଣ ପାଇଁ ଆସିଥିବା ୫୦ ଲକ୍ଷରୁ ଅଧିକ ଟଙ୍କାରେ ପ୍ରଥମେ ମନ୍ଦିର ରକ୍ଷଣାବେକ୍ଷଣ କରାନଯାଇ ଭଲ ଥିବା ପାଚେରିକୁ ଭାଙ୍ଗି ନୂଆ ପାଚେରି ନିର୍ମାଣ କରାଯିବାକୁ ନେଇ ମନ୍ଦିର ପରିଚାଳନା କମିଟି ପ୍ରଶ୍ନ ଉଠାଇଛି।

ଅଭିଯୋଗ ଅନୁସାରେ ୧୦ ବର୍ଷରୁ ଅଧିକ ସମୟ ଧରି ମନ୍ଦିରରୁ ପାଣି ଗଳୁଛି। ମେଘେଶ୍ୱର ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ଥାନୀୟ ନେତୃତ୍ୱ ଓ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାକୁ ବାରମ୍ବାର ଅବଗତ କରାଯାଇଛି। ହେଲେ ମେଘେଶ୍ୱରଙ୍କ ମନ୍ଦିର ପ୍ରତି କାହାରି ଦୃଷ୍ଟି ପଡ଼ିନାହିଁ। ବାରମ୍ବାର ଦାବି ପରେ ମନ୍ଦିରର ବିକାଶ ପାଇଁ ପ୍ରାୟ ୫୬ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ଏହି ଟଙ୍କାରେ ପ୍ରଥମେ ମନ୍ଦିର ପାଣିଗଳିବା ବନ୍ଦ କରିବା, କ୍ଷୟ ହେଉଥିବା ପଥରର ମରାମତି କରିବାକୁ ପରିଚାଳନା କମିଟି ଦାବି କରିଥିଲେ। କିନ୍ତୁ ଆଶ୍ଚର୍ଯ୍ୟର କଥା ମାଙ୍କଡ଼ା ପଥରରେ ନିର୍ମିତ ମଜଭୁତ ପାଚେରିକୁ ରାତାରାତି ଭାଙ୍ଗି ଦିଆଗଲା। ରାସ୍ତା ପାର୍ଶ୍ୱ ଏହି ପାଚେରିରୁ ବାହାରିଥିବା ପଥରରେ ପୁଣି ପାଚେରି ନିର୍ମାଣ କରାଗଲା। ହେଲେ ପାଚେରିର ଉଚ୍ଚତା ବଢ଼ିବା ପରିବର୍ତ୍ତେ କମିଗଲା। ଏବେ ମାତ୍ର ୩ ଥାକ ପଥର ଯୋଡ଼େଇ ହୋଇଛି। ଫଳରେ ବୁଲା ଗାଈ, ଷଣ୍ଢ, କୁକୁର ମନ୍ଦିର ଭିତରେ ଅବାଧ ପ୍ରବେଶ କରୁଛନ୍ତି। ଏହି ପାଚେରି ଉପରେ ଲାଗିଥିବା ଶହେରୁ ଅଧିକ ଲୁହା ଜାଲିକୁ ବିକ୍ରି କରିଦିଆଯାଇଛି। ମନ୍ଦିର ପ୍ରବେଶପଥରେ ପଡ଼ିଥିବା ଶହଶହ ବର୍ଷର ପୁରୁଣା ଭଲ ପଥର କାଢ଼ି ସେଠାରେ ନିମ୍ନମାନର ପଥର ପକାଯାଇଛି।

ଏନେଇ ମେଘେଶ୍ୱର ମନ୍ଦିର ପରିଚାଳନା କମିଟିର ସଭାପତି ତଥା ଟ୍ରଷ୍ଟି ଅଶୋକ କୁମାର ସିଂହ କହିଛନ୍ତି, କେବଳ ଟଙ୍କା ଆତ୍ମସାତ୍ କରିବା ପାଇଁ କାମ କରାଯାଇଛି। କାମ କରିବା ପୂର୍ବରୁ ମନ୍ଦିର ପରିଚାଳନା କମିଟିକୁ ପଚରା ଯାଇନାହିଁ। ଶହଶହ ବର୍ଷର ପୁରୁଣା ପାଚେରିକୁ ଭାଙ୍ଗି ଦିଆଗଲା। ପୂର୍ବରୁ ପୋଖରୀ କାମ ମଧ୍ୟ ଅଧା କରି ପକାଇ ଦିଆଯାଇଛି। ଭକ୍ତଙ୍କ ପାଇଁ ଶୌଚାଳୟ ନାହିଁ। ପରିଚାଳନା କମିଟି ଶୌଚାଳୟ ନିର୍ମାଣ କରିବାକୁ ଏଏସ୍‌ଆଇ ଅନୁମତି ଦେଉନାହିଁ। ମନ୍ଦିରରେ ଏଏସ୍‌ଆଇ କରିଥିବା ନିମ୍ନମାନ କାମର ତଦନ୍ତ କରାଯାଉ। ଅନ୍ୟପଟେ ଏଏସ୍‌ଆଇ ଭୁବନେଶ୍ୱର ଶାଖା ମୁଖ୍ୟ ନନ୍ଦକିଶୋର ସ୍ୱାଇଁ କହିଛନ୍ତି, ରାସ୍ତା ଉଚ୍ଚା ହୋଇଥିବାରୁ ପୁରୁଣା ପାଚେରି ଭାଙ୍ଗି ନୂଆ ପାଚେରି ନିର୍ମାଣ କରାଯାଇଛି। ଏବେ ପାଚେରି କାମ ସରିଛି, ସେଥିରେ କେବଳ ତାରଜାଲି ଲାଗିବ। ପାଣି ଗଳିବା ବନ୍ଦ ପାଇଁ କାମ ଆଗକୁ କରାଯିବ।



# ବିଳମ୍ବରେ ଛଡ଼ାଯିବ କେନାଲ ପାଣି : ଗତବର୍ଷଠୁ ଅଧିକ ରହିଛି ହୀରାକୁଦ ଜଳସ୍ତର

ସମ୍ବଲପୁର, ନ୍ୟୁଜ ବ୍ୟୁରୋ



ଖରିଫ ଫସଲ ନିମନ୍ତେ ହୀରାକୁଦ ଜଳଭଣ୍ଡାରରୁ ଏଥର ବିଳମ୍ବରେ ପାଣି ଛଡ଼ାଯିବ। ଗତବର୍ଷ ତୁଳନାରେ ଜଳଭଣ୍ଡାରରେ ଅଧିକ ପାଣି ରହିଥିବା ସତ୍ତ୍ୱେ ଜଳସେଚନ ନିମନ୍ତେ କେନାଲଗୁଡ଼ିକରେ ପାଣି ଛଡ଼ାଯିବାରେ ଏଥର ପ୍ରାୟ ଏକ ସପ୍ତାହ ବିଳମ୍ବ ହୋଇପାରେ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ମୌସୁମୀ ଋତୁରେ ଜଳ ପରିଚାଳନା ନିମନ୍ତେ ଗତ ଜୁନ୍ ପହିଲାରୁ ହୀରାକୁଦ ଜଳଭଣ୍ଡାର ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ହୋଇଛି। ନିୟମ ଅନୁସାରେ, ଜୁନ୍ ୧୬ କିମ୍ବା ୧୭ ତାରିଖ ଦିନ ଜଳସେଚନ ନିମନ୍ତେ କେନାଲଗୁଡ଼ିକରେ ହୀରାକୁଦ ଜଳଭଣ୍ଡାରରୁ ପାଣି ଛଡ଼ାଯାଇଥାଏ। ରବି ଧାନ ଫସଲ ଅମଳ ନିମନ୍ତେ ପାଣି ବନ୍ଦ କରାଯିବା ପରେ ଶାସନ ମୁଖ୍ୟ କେନାଲର ନବୀକରଣ କାର୍ଯ୍ୟ ଚାଲିଛି। ବରଗଡ଼ ମୁଖ୍ୟ କେନାଲରେ ନବୀକରଣ କାର୍ଯ୍ୟ ଏଥର ବନ୍ଦ ରହିଛି। ନବୀକରଣ କାର୍ଯ୍ୟ ବର୍ତ୍ତମାନ ଚାଲୁ ନଥିବାରୁ ସମ୍ବଲପୁର (ଆଂଶିକ), ବରଗଡ଼, ସୁବର୍ଣ୍ଣପୁର ଆଦି ୩ ଜିଲ୍ଲାର ଚାଷୀ ନିର୍ଭରଶୀଳ ଥିବା ବରଗଡ଼ ମୁଖ୍ୟ କେନାଲରେ ପାଣି ଛଡ଼ାଯିବାରେ କୌଣସି ସମସ୍ୟା ନାହିଁ। ତଥାପି ଏଥର ବିଳମ୍ବରେ ପାଣି ଛାଡ଼ିବା ପାଇଁ ନିଷ୍ପତ୍ତି ହୋଇଥିବା କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ ସ୍ତର ୬୩୦ ଫୁଟ ହୋଇଥିବାବେଳେ ଶନିବାର ସକାଳ ୮ଟାରେ ଜଳସ୍ତର ୬୦୨.୫୨ ଫୁଟ ରହିଥିଲା। ଗତବର୍ଷ ଜଳଭଣ୍ଡାରରେ ଏହି ସମୟରେ ୬୦୧.୬୫ ଫୁଟ, ଅର୍ଥାତ୍ ୦.୮୭ ଫୁଟ କମ୍ ପାଣି ରହିଥିଲା। ହୀରାକୁଦ ଜଳଭଣ୍ଡାରର ଅଚଳ କ୍ଷମତା (ଡେଡ୍ ଷ୍ଟୋରେଜ୍) ୫୯୦ ଫୁଟ୍। ଜଳସେଚନ ପ୍ରତି ସର୍ବାଧିକ ଗୁରୁତ୍ୱ ଦେଇ ଜୁନ୍ ୧୫ ତାରିଖ ସୁଦ୍ଧା ହୀରାକୁଦର ଜଳସ୍ତର ୫୯୮ ଫୁଟ ପର୍ଯ୍ୟନ୍ତ ରଖାଯାଇଥାଏ। ତେବେ ଏଥର ଅଚଳ କ୍ଷମତା ପର୍ଯ୍ୟନ୍ତ ଜଳ ବ୍ୟବହାର କରାଯାଇ ନାହିଁ। ପାଣି ଅଧିକ ଥିବା ସତ୍ତ୍ୱେ ବିଳମ୍ବରେ ପାଣି ଛଡ଼ାଯିବା ପଛର କାରଣ ବୁଝାପଡୁନାହିଁ। ଅବଶ୍ୟ ବର୍ଷା ଆରମ୍ଭ ହୋଇନଥିବାରୁ ଛତିଶଗଡ଼ ରାଜ୍ୟ ସରକାର କଲମା ବ୍ୟାରେଜ୍‌ର ଗେଟ୍ ଏଯାଏଁ ଖୋଲି ନାହାନ୍ତି। ଗତ ଅକ୍ଟୋବର ମାସରୁ କଲମା ବ୍ୟାରେଜ୍‌ର ସମସ୍ତ ଗେଟ୍ ବନ୍ଦ ରହିଛି। ତଥାପି ଅନ୍ୟ ନଦୀନାଳରୁ ହୀରାକୁଦ ଜଳଭଣ୍ଡାରକୁ ୪,୩୯୫ କ୍ୟୁସେକ୍ ଜଳ ଆଜି ସକାଳେ ପ୍ରବେଶ କରୁଥିଲା। ଏ ସଂପର୍କରେ ଜଳସଂପଦ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଜୁନ୍ ୨୦ରୁ ୨୫ ମଧ୍ୟରେ ପାଣି ଛଡ଼ାଯିବା ପାଇଁ ସ୍ଥିର ହୋଇଛି। ଯଦି ଚାଷୀମାନେ ପାଣି ଛାଡ଼ିବା ପାଇଁ ଦାବି ନ କରନ୍ତି, ତା'ହେଲେ ଏହା ଆହୁରି ବିଳମ୍ବ ହୋଇପାରେ। ତେବେ ଯଦି ଚାଷୀମାନେ ଶୀଘ୍ର ପାଣି ଛାଡ଼ିବା ପାଇଁ ଦାବି କରନ୍ତି, ତା'ହେଲେ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଇପାରେ ବୋଲି ସେ କହିଛନ୍ତି।

## ବିକାଶ ମେଳାରେ ଓଡ଼ିଶାର ବିସ୍ମୃତ ଖାଦ୍ୟର ସ୍ୱାଦକୁ ପୁନର୍ଜୀବିତ କରିଛି

# "ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ଉତ୍ସବ"

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ



ଏବର୍ଷର ରଜ ପର୍ବ କେବଳ ପାରମ୍ପରିକ ରୀତି-ନୀତିର ପାଳନ ନୁହେଁ, ବରଂ ଏକ ଗଭୀର ସାଂସ୍କୃତିକ ପୁନର୍ଜାଗରଣର ପ୍ରତୀକ। ସମ୍ପ୍ରତି ଭୁବନେଶ୍ୱରର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା ବିକାଶ ମେଳାରେ, ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ଉତ୍ସବରେ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଦ୍ୱାରା ପରିବେଷିତ ଖାଦ୍ୟ, ଓଡ଼ିଶାର ସମୃଦ୍ଧ ପାକକଳାର ପରମ୍ପରାକୁ ପୁନର୍ଜୀବିତ କରିଛି। ଆସନ୍ତା ୧୮ ଜୁନ ୨୦୨୫ ପର୍ଯ୍ୟନ୍ତ ଚାଲୁଥିବା ଏହି ଉତ୍ସବରେ ୨୬ଟି ଷ୍ଟଲ ମାଧ୍ୟମରେ ଗ୍ରାମ୍ୟ ଓ ପାରମ୍ପରିକ ଓଡ଼ିଆ ଖାଦ୍ୟର ସ୍ୱାଦ ପ୍ରଦାନ କରାଯାଇଛି, ଯାହା ପରିଦର୍ଶକଙ୍କୁ ଏକ ଅନନ୍ୟ ଅନୁଭୂତି ପ୍ରଦାନ କରିଅଛି। ସୁଦ୍ଧା ୧୫ ଲକ୍ଷ ଟଙ୍କାରୁ ଅଧିକର ବ୍ୟବସାୟ ଏହି ପ୍ରାଚୀନ ଖାଦ୍ୟ ପରମ୍ପରା ପ୍ରତି ଲୋକଙ୍କ ଗଭୀର ଆଗ୍ରହକୁ ପ୍ରତିଫଳିତ କରୁଛି। ମହୋତ୍ସବର ଶେଷ ଦିନଗୁଡ଼ିକରେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି, ଯାହା ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରତି ଲୋକଙ୍କ ଅଭିଳାଷ ଏବଂ ଏହାର ସ୍ଥାୟିତ୍ୱର ପ୍ରମାଣ। ଏହି ଉତ୍ସବ କେବଳ ଖାଦ୍ୟର ମହୋତ୍ସବ ନୁହେଁ, ବରଂ ଓଡ଼ିଶାର ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ମହିଳା ସଶକ୍ତିକରଣର ଏକ ଜୀବନ୍ତ ପ୍ରଦର୍ଶନୀ। ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ତଥା ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ଉପସ୍ଥିତିରେ ଶୁଭାରମ୍ଭ ହୋଇଥିବା ଏହି ଖାଦ୍ୟ ମହୋତ୍ସବ, ଏବର୍ଷର ରଜ ପର୍ବ ଅବସରରେ ଏକ ପ୍ରମୁଖ ଆକର୍ଷଣ ପାଲଟିଛି। ରାଜଧାନୀବାସୀଙ୍କ ସହିତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପର୍ଯ୍ୟଟକ, ଦର୍ଶକ ଏବଂ ପରିବାରଗୁଡ଼ିକ ଏଠାରେ ପ୍ରଦର୍ଶିତ ସ୍ୱାଦିଷ୍ଟ ଓ ପାରମ୍ପରିକ ଖାଦ୍ୟର ସ୍ୱାଦର ମଜା ଉଠାଉଛନ୍ତି। ଖଟା, ମିଠା, ଚଟପଟା ଦହିବରା ଆଳୁଦମ୍‌ଠାରୁ ଆରମ୍ଭ କରି ଛେନାପୋଡ଼, ଖଜା, ରସାବଳି ଓ ମାଳପୁଆ ପର୍ଯ୍ୟନ୍ତ ଏହି ମହୋତ୍ସବରେ ଓଡ଼ିଆ ଖାଦ୍ୟ ସଂସ୍କୃତିର ଏକ ଝଲକ ଦେଖିବାକୁ ମିଳିଛି। ଲାଇଭ୍ ପିଠା କାଉଣ୍ଟରରେ ଗରମ ଚକୁଳି, ଖିରି ଓ ସ୍ୱାଦିଷ୍ଟ ଦୋସା ସାଙ୍ଗକୁ ପାରମ୍ପରିକ ପଦ୍ଧତିରେ ପ୍ରସ୍ତୁତ ଚଟଣି ମଧ୍ୟ ପରିବେଷିତ ହେଉଅଛି। ପଖାଳ, ବିରି ଚକୁଳି, ସିଝା ପିଠା ଭଳି ବିସ୍ମୃତ ପ୍ରାୟ ଖାଦ୍ୟ ସହ ମୁଢ଼ି ମାଂସ, ଚାଉଳ ବରା, ପତ୍ରପୋଡା ଓ ମାଛ ଆମ୍ବିଳ ବେଶ ଲୋକପ୍ରିୟତା ହାସଲ କରିଅଛି। ଏଠାରେ ପ୍ରଦର୍ଶିତ ଖାଦ୍ୟ ପୂର୍ବେ ଓଡ଼ିଆ ରୋଷଶାଳାର ନିତିଦିନିଆ ଅଂଶ ଥିଲା। କାଠ ଚୁଲିରେ ପ୍ରସ୍ତୁତ ଖାଦ୍ୟ ପର୍ବପର୍ବାଣିକୁ ସ୍ୱତନ୍ତ୍ର ମହତ୍ୱ ଦେଉଥିଲା। ବଦଳୁଥିବା ସମୟ ସହ ଫାଷ୍ଟ ଫୁଡ୍ ପ୍ରଭାବରେ ଏହି ପାରମ୍ପରିକ ଖାଦ୍ୟର ସ୍ୱାଦ ଧୀରେ ଧୀରେ ଲୋପ ପାଇବାକୁ ଲାଗୁଥିବା ବେଳେ, ବିକାଶ ମେଳାର ଏହି ଉତ୍ସବମୁଖର ପରିବେଶରେ, ଏହି ବିସ୍ମୃତ ଖାଦ୍ୟକୁ ନେଇ ପରିଦର୍ଶକଙ୍କ ଆଗ୍ରହ ଓଡ଼ିଆ ସଂସ୍କୃତିର ଜୀବନ୍ତ ଇତିହାସକୁ ବଜାୟ ରଖିଛି। ଓଡ଼ିଆ ସଂସ୍କୃତି ଏବଂ ଖାଦ୍ୟ, ଚିରନ୍ତନ ଜଡିତ, କାରଣ ଖାଦ୍ୟ କେବଳ ପୋଷଣ ପାଇଁ ନୁହେଁ, ବରଂ ଆମର ପରିଚୟ; ଉତ୍ସବ ଓ ଆତିଥ୍ୟର ଅଭିବ୍ୟକ୍ତି। ରଜ ପର୍ବ ଭଳି ପାରମ୍ପରିକ ଉତ୍ସବ ପିଠା ଓ ମିଠା ପରିବେଷଣ ବିନା ଅସମ୍ପୂର୍ଣ୍ଣ। ଏହି ଉତ୍ସବ ଓଡ଼ିଶାର ଖାଦ୍ୟ ସଂସ୍କୃତିକୁ ସଂରକ୍ଷଣ କରିବା ସହିତ ନୂତନ ପିଢ଼ିକୁ ଏହାର ସମୃଦ୍ଧି ସହିତ ପରିଚିତ କରାଉଛି, ଯାହା ଆମର ସାଂସ୍କୃତିକ ପରମ୍ପରାକୁ ଜୀବନ୍ତ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ରାଜ୍ୟ ସରକାରଙ୍କ ମହିଳା ସଶକ୍ତିକରଣ ଦିଗରେ ପ୍ରତିବଦ୍ଧତା ଅନୁଯାୟୀ, ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ଉତ୍ସବ ଏକ ଶକ୍ତିଶାଳୀ ଅର୍ଥନୈତିକ ମଞ୍ଚ ଭାବେ ମଧ୍ୟ ଉଭା ହୋଇଛି।

# ଭାରତ ସମେତ ବିଶ୍ୱରେ ଘଟିଛି ଅନେକ ବିମାନ ଦୁର୍ଘଟଣା

ଅହମ୍ମଦାବାଦ :

ଗୁଜରାଟର ଅହମ୍ମଦାବାଦରେ ଏକ ବଡ଼ ବିମାନ ଦୁର୍ଘଟଣାକୁ ନେଇ ସାରା ଦେଶରେ ହଇଚଇ। ୨୪୨ ଜଣଙ୍କୁ ନେଇ ଲଣ୍ଡନ ଯାଉଥିବା ବେଳେ କ୍ରାସ୍ ହୋଇଗଲା ଏୟାର ଇଣ୍ଡିଆ ବିମାନ। ଯାତ୍ରୀଙ୍କ ବ୍ୟତୀତ ବିମାନରେ ଥିଲେ ୧୨ କ୍ରୁ ସଦସ୍ୟ ଏବଂ ଦୁଇ ପାଇଲଟ୍। ଉଡ଼ାଣ ଭରିବାର ମାତ୍ର ୫ ମିନିଟ୍ ପରେ ଏକ ମେଡିକାଲ୍ କଲେଜ୍‌ର ହଷ୍ଟେଲ୍ ବିଲ୍ଡିଂରେ ପିଟି ହୋଇ ଜଳିଯାଇଥିଲା ଏୟାର ଇଣ୍ଡିଆର B୭୮୭ ଡ୍ରିମଲାଇନର। ବିମାନରେ ଥିଲେ ୬୦ରୁ ଅଧିକ ଫରେନ୍ ନ୍ୟାସନାଲ୍। ସେହିଭଳି ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରି ବିଜୟ ରୂପାନୀଙ୍କ ମୃତ୍ୟୁ ମଧ୍ୟ ହୋଇଛି। ବିମାନ ଦୁର୍ଘଟଣା କଥା ଶୁଣିଲେ ଥରିଉଠେ ଛାତି। ହୁଏତ ଅହମ୍ମଦାବାଦର ଏହି ବିମାନ ଦୁର୍ଘଟଣା ବିଶ୍ୱ ବିମାନ ଦୁର୍ଘଟଣା ଇତିହାସରେ ସବୁଠାରୁ ଭୟଙ୍କର। ମଝି ଆକାଶରେ ଦୁଃଖଦ ମୃତ୍ୟୁ। କେହି କିଛି ବୁଝିବା ଆଗରୁ ଘଟିଗଲା ଏତେ ବଡ଼ ଦୁର୍ଘଟଣା। ତେବେ ପୂର୍ବରୁ ଭାରତ ସମେତ ବିଶ୍ୱରେ ଘଟିଛି ଅନେକ ବିମାନ ଦୁର୍ଘଟଣା ଘଟିଛି। ମାର୍ଚ୍ଚ ୨୦୨୫: ବ୍ରିଟିଶ୍ ଏରୋସ୍ପେସ୍‌ର ଲାନଶା ଏୟାର ଲାଇନ୍ ବିମାନ କ୍ରାସ ହୋଇଥିଲା। ରୋଟାନ ଅଭିମୁଖେ ଉଡ଼ାଣ ଭରିଥିବା ବିମାନଟି ହୋଣ୍ଡୁରାସ୍ ଉପକୂଳରେ ଜଳି ଯାଇଥିଲା। ଏଥିରେ ୧୨ ଜଣ ଯାତ୍ରୀଙ୍କ ଜୀବନ ଯାଇଥିଲା। ଜାନୁଆରୀ ୨୦୨୫: ଜାନୁଆରୀ ୨୯ରେ ୬୦ ଯାତ୍ରୀ ଓ ୪ କ୍ରୁ ସଦସ୍ୟଙ୍କୁ ନେଇ ଉଡ଼ାଣ ଭରିଥିଲା ଆମେରିକାନ୍ ଏୟାରଲାଇନ୍ସର ଏକ ଜେଟ୍। ମଝି ଆକାଶରେ ୟୁଏସ୍ ଆର୍ମିର ବ୍ଲାକ ହକ୍ ହେଲିକପ୍ଟରକୁ ଦେଇଥିଲା ଧକ୍କା। ଏହି ଦୁର୍ଘଟଣାରେ ମୋଟ ୬୮ ଜଣଙ୍କ ମୃତ୍ୟୁ ହୋଇଥିଲା। ଡିସେମ୍ବର ୨୯, ୨୦୨୪: ଦକ୍ଷିଣ କୋରିଆ ଦେଖିଥିଲା ସବୁଠୁ ବଡ଼ ବିମାନ ଦୁର୍ଘଟଣା। ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିଲେ ୧୭୯ ଜଣ। ମୁଆନ ଏୟାରପୋର୍ଟରେ ଅବତରଣ ବେଳେ ବିମାନଟି ରନ୍‌ୱେରୁ ଖସି ଯାଇ କାନ୍ଥରେ ପିଟି ହୋଇଥିଲା। ନିମିଷକରେ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା ବିମାନ। କେହି କିଛି ବୁଝିବା ଆଗରୁ ସବୁ କଛି ଛାରଖାର ହୋଇଯାଇଥିଲା। ଡିସେମ୍ବର ୨୫, ୨୦୨୪: ଆଜରବାଇଜାନ୍‌ର ଏୟାରଲାଇନ୍ସର ବିମାନ ୪କେ-ଏଜେଡ୍୬୫ ଦୁର୍ଘଟଣା ହୋଇଥିଲା। ବାକୁରୁ ଗ୍ରୋନି ଯାଉଥିବା ବେଳେ ବିମାନରେ ଦେଖା ଦେଇଥିଲା ଯାନ୍ତ୍ରିକ ତ୍ରୁଟି। ଏହି ଦୁର୍ଘଟଣାରେ ୩୮ ଜଣଙ୍କ ମୃତ୍ୟୁ ହୋଇଥିଲା। ଅଗଷ୍ଟ ୯, ୨୦୨୪: ବ୍ରାଜିଲ୍‌ର ସାଓ ପାଉଲୋରେ କ୍ରାସ୍ ହୋଇଥିଲା ଭୋଏପାସ୍ ଫ୍ଲାଇଟ ୨୨୮୩। ୬୨ ଯାତ୍ରୀଙ୍କ ଯାଇଥିଲା ଜୀବନ। ଅଗଷ୍ଟ ୮, ୨୦୨୦: Air India Express Flight ୧୩୪୪ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କରୋନା ସମୟରେ ବିଦେଶରେ ଫସିଥିବା ଲୋକଙ୍କୁ ନେଇ ୟୁଏଇରୁ ଖୋଜିକୋଡ୍ ଆସୁଥିଲା। ପ୍ରବଳ ବର୍ଷା ଯୋଗୁଁ ବିମାନଟି ଅବତରଣ କରିନପାରି କାଲିକଟ୍ ଏୟାରପୋର୍ଟକୁ ଆସିଥିଲା। ୨ ଥର ବିଫଳ ହେବା ପରେ ତୃତୀୟ ଥର ଲ୍ୟାଣ୍ଡ କରିଥିଲା ବିମାନ। କିନ୍ତୁ ବିମାନଟି ରନୱେରୁ ତଳକୁ ଖସି ଯାଇଥିଲା। ଏହି ଦୁର୍ଘଟଣାରେ ଦୁଇ ପାଇଲଟଙ୍କ ସେମତ ୨୧ ଜଣଙ୍କ ଜୀବନ ଯାଇଥିଲା। ମେ ୨୨, ୨୦୧୦: ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ୮୧୨ ଅବତରଣ ସମୟରେ ରନୱେରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କର୍ଣ୍ଣାଟକର ମାଙ୍ଗାଲୁରୁ ଅନ୍ତର୍ଜାତୀୟ ବିମାନବନ୍ଦରରେ ବିମାନଟି ଜଳିଯାଇଥିଲା। ଫଳରେ ୧୫୮ ଜଣଙ୍କ ଜୀବନ ଯାଇଥିଲା। ଜୁଲାଇ ୧୭, ୨୦୦୦: ଭାରତରେ ବହୁ ବଡ଼ ବଡ଼ ବିମାନ ଦୁର୍ଘଟଣା ଘଟିଛି। ୨୦୦୦ ମସିହାରେ ବିହାରର ପାଟନାରେ ଅବତରଣ ବେଳେ ଆଲିଆନ୍ସ ଏୟାର ଫ୍ଲାଇଟ୍ ୭୪୧୨ ଦୁର୍ଘଟଣାର ଶିକାର ହୋଇଥିଲା। ଏହି ଦୁର୍ଘଟଣାରେ ୬୦ ଜଣଙ୍କ ଲୋକ ପ୍ରାଣ ହରାଇଥିଲେ। ତେବେ ଏହା ପୂର୍ବରୁ ଭାରତରେ ୧୯୯୬, ୧୯୯୦, ୧୯୮୮, ୧୯୭୮ ଏବଂ ୧୯୭୩ରେ ଭୟଙ୍କର ବିମାନ ଦୁର୍ଘଟଣା ହୋଇଥିଲା ଏବଂ ଅନେକ ଲୋକଙ୍କ ଜୀବନ ଯାଇଥିଲା।



# ରାଜଧାନୀ ହୋଟେଲ୍‌ରେ ବିଏମ୍‌ସିର ଚଢଉ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଉଥିବା ଦୃଷ୍ଟିରୁ, ଗ୍ରାହକମାନଙ୍କୁ ନିମ୍ନମାନର ଏବଂ ବାସି ଖାଦ୍ୟ ବିକ୍ରି ହେଉଥିବା ରିପୋର୍ଟ ଆସିବା ପରେ ରାଜଧାନୀ ସହରର ଅନେକ ହୋଟେଲରେ ଚଢଉ କରାଯାଇଛି। ଖାଦ୍ୟ ସୁରକ୍ଷା ବିଭାଗ ସହିତ ମିଳିତ ଭାବରେ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ (ବିଏମସି) ଖାଦ୍ୟ ସୁରକ୍ଷା ନିୟମ ଉଲ୍ଲଂଘନ କରୁଥିବା ପ୍ରତିଷ୍ଠାନ ଉପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିବା ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ, ଅଧିକାରୀମାନେ ଖାଦ୍ୟର ଗୁଣବତ୍ତା ଯାଞ୍ଚ କରି ନିମ୍ନମାନର ଜିନିଷ ବିକ୍ରି କରୁଥିବା ଦୋକାନଗୁଡ଼ିକ ଉପରେ ଜରିମାନା ଲଗାଇଛନ୍ତି। ଏହି ଅଭିଯାନ ସହରର ସମସ୍ତ ୬୭ଟି ୱାର୍ଡରେ କରାଯାଇଛି। ଚଢଉ ସମୟରେ, ବିପୁଳ ପରିମାଣର ବାସି ମିଠା ଏବଂ ରନ୍ଧା ଖାଦ୍ୟ ଜବତ କରାଯାଇ ନଷ୍ଟ କରାଯାଇଛି। ବିଶେଷକରି ୱାର୍ଡ ନମ୍ବର ୧୩ରେ, ଏକାଧିକ ମିଠା ଦୋକାନ ଏବଂ ହୋଟେଲରେ ଚଢାଉ କରାଯାଇଥିଲା। ସାରା ଓଡ଼ିଶାରେ ଡାଇରିଆ ରୋଗରେ ସମ୍ପ୍ରତି ବୃଦ୍ଧି ପାଇଥିବାରୁ ଏହି କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଯାହା ଫଳରେ ବିଏମସିର ଖାଦ୍ୟ ସୁରକ୍ଷା ବିଭାଗ ଜନସ୍ୱାସ୍ଥ୍ୟ ଏବଂ ପରିଷ୍କାର ପରିଚ୍ଛନ୍ନତା ସୁନିଶ୍ଚିତ କରିବା ପାଇଁ କଠୋର ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିଛି। ସପ୍ତାହର ଆରମ୍ଭରେ ମଧ୍ୟ, ବିଏମସି ଏବଂ ଖାଦ୍ୟ ସୁରକ୍ଷା ବିଭାଗ ରାଜଧାନୀ ସହରର ଖାଦ୍ୟ ଷ୍ଟଲ, ହୋଟେଲ ଏବଂ ଖାଦ୍ୟପେୟ ଉପରେ ଏକ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ। ଅଧିକାରୀମାନଙ୍କର ଦଳ ଏକ ଘରୋଇ ହସ୍ପିଟାଲ ନିକଟରେ ଅଚାନକ ଯାଞ୍ଚ କରିଥିଲେ। ରାସ୍ତା କଡ଼ରେ ଥିବା ବିକ୍ରେତା, ଫଳ ବିକ୍ରେତା ଏବଂ ଛୋଟ ରେଷ୍ଟୁରାଣ୍ଟଗୁଡ଼ିକରେ ଚଢ଼ଉ କରାଯାଇଥିଲା। ଚଢାଉ ସମୟରେ, ବାସି ମାଛ, ମିଆଦ ଶେଷ ହୋଇଥିବା ପାଉଁରୁଟି ଏବଂ ରଙ୍ଗମିଶା ଖାଦ୍ୟ ସାମଗ୍ରୀ ଜବତ କରାଯାଇ ନଷ୍ଟ କରାଯାଇଥିଲା। ନୀଳାଦ୍ରି ବିହାର ଏବଂ ଘାଟିକିଆ ନିକଟସ୍ଥ ଏକ ଆପାର୍ଟମେଣ୍ଟରେ ପୃଥକ ପୃଥକ ଡାଇରିଆ ପ୍ରକୋପ ରିପୋର୍ଟ ହେବା ପରେ ଏହି ପଦକ୍ଷେପ ନିଆଯାଇଥିଲା।

## ପହଲଗାମ ଆତଙ୍କୀ ହମଲାଠୁ ନେଇ ଅହମ୍ମଦାବାଦ ପ୍ଲେନ୍ କ୍ରାସ୍

# ଦେଶରେ ୬ ମାସରେ ୫ ବଡ଼ ଅଘଟଣ : ଲିଭିଛି ୩୫୭ ଜୀବନ ଦୀପ

ନୂଆଦିଲ୍ଲୀ:

ଜୀବନକୁ କିଛି ଭରସା ନାହିଁ। କିଛି ଘଟଣା କଳ୍ପନା ବାହାରେ ଘଟିଥାଏ। ନିମିଶକେ ସବୁ କିଛି ଛାରଖାର ହୋଇଯାଏ। ମାଟିରେ ମିଶିଯାଏ ସ୍ୱପ୍ନ ଉଜୁଡିଯାଏ ସଂସାର। ତୁମେ ଛୁଟି ମନାଇବାକୁ ଯାଇଛ ସେଠି ଆତଙ୍କୀ ଆକ୍ରମଣ ହେଉଛି। ତୁମେ ଟ୍ରଫିର ବିଜୟ ଉତ୍ସବରେ ସାମିଲ ହେଉଛ, ସେଠି ଦଳାଚକଟାରେ ଜୀବନ ଯାଉଛି। ତୁମେ କାମ କରିବାକୁ ଫ୍ଲାଇଟ୍‌ରେ ଯାତ୍ରା କରୁଛି, ତାହା କ୍ରାସ୍ ହେଉଛି। ତୁମେ ହଷ୍ଟେଲରେ ଅଛ ପ୍ଲେନ୍ ତୁମ ଛାତରେ ପଡୁଛି। ଏ ଘଟଣା ପ୍ରମାଣ କରୁଛି ଜୀବନ ଅକଳ୍ପନୀୟ। ଲାଗୁଛି ୨୦୨୫ ବର୍ଷ ଯେମିତି ଅଶୁଭ ହୋଇଛି। ୩୬୫ ଦିନରୁ ମାତ୍ର ୧୬୪ ଦିନ ହୋଇଛି କେତେ ବଡ଼ ବଡ଼ ଦୁର୍ଘଟଣା ଦେଖିଲାଣି ଦେଶ। ଗତ ୬ ମାସରେ ୫ ଅଘଟଣ ଦେଶକୁ ଦୋହଲାଇ ଦେଇଛି। ପହଲଗାମ ଆତଙ୍କୀ ଆକ୍ରମଣ, ମହାକୁମ୍ଭ ଦଳାଚକଟାଠୁ ନେଇ ଅହମ୍ମଦାବାଦ ପ୍ଲେନ୍ କ୍ରାସ ଯାଏ ଭୟଙ୍କର ଦୁର୍ଘଟଣାର ସାମ୍ନା କରିଛି ଭାରତ। ୩୬୫ ଦିନ ପୂର୍ବରୁ ୩୫୭ ଜଣଙ୍କର ମୃତ୍ୟୁ ହୋଇଛି। ଅହମ୍ମଦାବାଦ ପ୍ଲେନ୍ କ୍ରାସ୍ (୨୬୫ ମୃତ)- ଜୁନ୍ ୧୨ ,୨୦୨୫। ସମୟ ଅପରାହ୍ନ ୧ଟା ୩୮ ମିନିଟ୍। ଅହମ୍ମଦାବାଦ ବିମାନ ବନ୍ଦରରୁ ଉଡ଼ାଣ ଭରିଥିଲା ଏୟାର ଇଣ୍ଡିଆ ବୋଇଙ୍ଗ୍ ୭୮୭ ଏଆଇ ୭୧୭ ବିମାନ। ମାତ୍ର ୩୦ ସେକେଣ୍ଡରେ ସବୁ ଛାରଖାର ହୋଇଗଲା। ବିମାନଟି ଏକ ମେଡିକାଲ କଲେଜ ହଷ୍ଟେଲ ଉପରେ କ୍ରାସ୍ ହୋଇଥିଲା। ଏଥିରେ ମୋଟ୍ ୨୬୫ ଜଣଙ୍କର ମୃତ୍ୟୁ ହୋଇଛି। ୬ ଡାକ୍ତରୀ ଛାତ୍ର ରହିଛନ୍ତି। ବର୍ଷର ଏହା ସବୁଠୁ ବଡ଼ ଦୁର୍ଘଟଣା ବୋଲି କୁହାଯାଉଛି।



ମହାକୁମ୍ଭ ଦଳାଚକଟା (୩୭ ମୃତ)- ୨୯ ଜାନୁଆରୀ। ପ୍ରୟାଗରାଜ ମହାକୁମ୍ଭରେ ମୌନୀ ଅମାବାସ୍ୟରେ ଘଟିଥିଲା ବଡ଼ ଅଘଟଣ। ବ୍ୟାରିକେଟ ଭାଙ୍ଗିବାକୁ ଦଳାଚକଟା ହୋଇଥିଲା। ସରକାରୀ ରିପୋର୍ଟ ଅନୁସାରେ ଏଥିରେ ୩୭ ଜଣଙ୍କର ମୃତ୍ୟୁ ହୋଇଥିଲା। ୬୦ରୁ ଅଧିକ ଆହତ ହୋଇଥିଲେ। ପହଲଗାମ ଆତଙ୍କୀ ଆକ୍ରମଣ (୨୬ ମୃତ)- ଏପ୍ରିଲ ୨୨। ଜମ୍ମୁକଶ୍ମୀର ପହଲଗାମରେ ରକ୍ତର ହୋଲି ଖେଳିଥିଲେ ଆତଙ୍କୀ। ମିନି ସ୍ୱିଜରଲ୍ୟାଣ୍ଡ ନାମରେ ପରିଚିତ ବୈସରନ ଘାଟିରେ ପର୍ଯ୍ୟଟକଙ୍କ ଉପରକୁ ଗୁଳି ଚଳାଇଥିଲେ ଆତଙ୍କବାଦୀ। ଧର୍ମ ପଚାରି ସ୍ତ୍ରୀଙ୍କ ଆଗରେ ସ୍ୱାମୀଙ୍କୁ ଗୁଳି କରିଥିଲେ। ଏଥିରେ ୨୬ ପର୍ଯ୍ୟଟକଙ୍କର ମୃତ୍ୟୁ ହୋଇଥିଲା। ଯେଉଁଥିରେ ଜଣେ ନେପାଳୀ ନାଗରିକ ଥିଲେ। ଦିଲ୍ଲୀ ଦଳଚକଟା (୧୮ ମୃତ)- ଫେବୃଆରୀ ୧୫, ୨୦୨୫। ରାତି ୯ଟା ୨୬ ମିନିଟ୍। ଦିଲ୍ଲୀ ରେଳ ଷ୍ଟେସନ୍‌ରେ ଟ୍ରେନ୍‌କୁ ଅପେକ୍ଷା କରିଥିଲେ ଯାତ୍ରୀ। ମହାକୁମ୍ଭ ମେଳା ଦେଖିବାକୁ ପ୍ରୟାଗରାଜ ଯିବାକୁ ଥିବା ଟ୍ରେନ୍‌ର ଅପେକ୍ଷା କରିଥିଲେ ଶ୍ରଦ୍ଧାଳୁ। ଟ୍ରେନ୍ ଘୋଷଣାକୁ ନେଇ ଦ୍ୱନ୍ଦ ହେବାରୁ ୧୪ ଓ ୧୫ ନମ୍ବର ପ୍ଲାଟଫର୍ମରେ ଦଳଚକଟା ସ୍ଥିତି ଉପୁଜିଥିଲା। ଏଥିରେ ୧୮ ଜଣଙ୍କର ମୃତ୍ୟୁ ହୋଇଥିଲା। ଯେଉଁଥିରେ ୧୪ ମହିଳା, ୩ ଶିଶୁ ଥିଲେ। ୨୫ରୁ ଅଧିକ ଆହତ ହୋଇଥିଲେ। ବେଙ୍ଗାଲୁରୁ ଦଳଚକଟା (୧୧ ମୃତ)- ଜୁନ୍ ୪ ତାରିଖ। ସ୍ଥାନ ବେଙ୍ଗାଲୁରୁ ଚିନ୍ନାସ୍ୱାମୀ ଷ୍ଟାଡିୟମ। ଦୀର୍ଘ ୧୮ ବର୍ଷର ଅପେକ୍ଷା ପରେ ଆଇପିଏଲ ସିଜିନ୍ ୧୮ର ଚମ୍ପିଆନ ହୋଇଥିଲା ରାୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ। ବିଜୟ ଉତ୍ସବ ପାଳୁଥିଲା ବେଙ୍ଗାଲୁରୁ। ଜମିଥିଲା ଦର୍ଶକଙ୍କ ଭିଡ। ୩୫ ହଜାର ଦର୍ଶକ କ୍ଷମତା ଥିଲା ଷ୍ଟାଡିୟମରେ ଲକ୍ଷାଧିକ ଫ୍ୟାନ୍ସଙ୍କ ଭିଡ ଜମିଥିଲା। ଫଳରେ ଦଳାଚକଟା ସ୍ଥିତି ଉପୁଜି ୧୧ ଜଣଙ୍କର ମୃତ୍ୟୁ ହୋଇଥିଲା। ୩୩ରୁ ଅଧିକ ଆହତ ହୋଇଥିଲା।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୯ ଜୁନ୍ ୨୦୨୫ ରବିବାର





### ମଧୁସୂଦନ ଆଇନ୍ ବିଶ୍ୱବିଦ୍ୟାଳୟକୁ ଝଟ୍‌କା

# ଆଇନ୍ କଲେଜ ଅସ୍ଥାୟୀ ଆଫିଲିଏସନ୍ ଚିଠିକୁ ରଦ୍ଦ କଲେ ହାଇକୋର୍ଟ

**କଟକ, ନ୍ୟୁଜ୍ ବ୍ୟୁରୋ**

ମଧୁସୂଦନ ଆଇନ୍ ବିଶ୍ୱବିଦ୍ୟାଳୟକୁ ଅଦାଲତ ଝଟ୍‌କା । ଗଙ୍ଗାଧର ମହାପାତ୍ର ଆଇନ୍ କଲେଜର ଅସ୍ଥାୟୀ ଆଫିଲିଏସନ୍ ସଂପର୍କିତ ଚିଠିକୁ ରଦ୍ଦ କରିଛନ୍ତି ହାଇକୋର୍ଟ । ପୂର୍ବରୁ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ଥାୟୀ ଆଫିଲିଏସନ୍ ମଞ୍ଜୁର କରାଯାଇଥିବାବେଳେ, ମଧୁସୂଦନ ଆଇନ୍ ବିଶ୍ୱବିଦ୍ୟାଳୟ ଏହାକୁ ରଦ୍ଦ କରିଥିଲେ । ଗଙ୍ଗାଧର ମହାପାତ୍ର ଆଇନ୍ କଲେଜକୁ ଅସ୍ଥାୟୀ ଆଫିଲିଏସନ୍ ପ୍ରଦାନ କରାଯାଇଥିବା ନେଇ ଏକ ବିଜ୍ଞପ୍ତି ମଧ ଜାରି କରିଥିଲେ । ଏନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗତ ୨୦୨୪, ସେପ୍ଟେମ୍ବର ୨୧ରେ ଏକ ଚିଠି ଦିଆଯାଇଥିଲା ଯାହାକୁ ହାଇକୋର୍ଟ ରଦ୍ଦ କରିଛନ୍ତି । ଅର୍ଥାତ୍ ଚିଠିରେ ଉଲ୍ଲେଖ ଥିବା ନିର୍ଦ୍ଦିଷ୍ଟ ଅସ୍ଥାୟୀ ଆଫିଲିଏସନ୍ ମଞ୍ଜୁରୀ ପ୍ରସଙ୍ଗକୁ ହାଇକୋର୍ଟ ରଦ୍ଦ କରିଛନ୍ତି । ଏହି ରାୟ ଦ୍ୱାରା ଆବେଦନକାରୀ କଲେଜର ଶୈକ୍ଷିକ ମାନ ସୁନିଶ୍ଚିତ କରିବା ପାଇଁ ଆଇନ୍ ଅନୁସାରେ ବିଶ୍ୱବିଦ୍ୟାଳୟର ରହିଥିବା କ୍ଷମତା କୌଣସି ଭାବେ ହ୍ରାସ କରାଯାଉନାହିଁ ବୋଲି ହାଇକୋର୍ଟ କହିଛନ୍ତି । ଆଇନ୍ ବିଶ୍ୱବିଦ୍ୟାଳୟର ଆଇନ୍ କଲେଜ ଗୁଡ଼ିକ ଉପରେ




ଆଧିପତ୍ୟ ନିୟମ ଅନୁଯାୟୀ ରହିବ ବୋଲି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି । ଗଙ୍ଗାଧର ମହାପାତ୍ର ଆଇନ୍ କଲେଜ ପରିଚାଳନା ପରିଷଦ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି କୋର୍ଟ । ୧୯୮୧ରେ ପ୍ରତିଷ୍ଠିତ ପୁରୀ ଗଙ୍ଗାଧର ମହାପାତ୍ର ଆଇନ୍ କଲେଜରେ ଏଲଏଲବି ପାଠ୍ୟକ୍ରମ ୧୯୮୧-୮୨ ଶିକ୍ଷା ବର୍ଷରୁ ଖୋଲିଥିଲା । ୧୯୮୩ରେ ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ କଲେଜକୁ ଅସ୍ଥାୟୀ ଆଫିଲିଏସନ୍ ମଞ୍ଜୁର କରାଯାଇଥିଲା । ୧୯୯୬, ଫେବୃଆରୀ ୧୯ରେ କଲେଜର ଏଲଏଲବି ପାଠ୍ୟକ୍ରମକୁ ସ୍ଥାୟୀ ଆଫିଲିଏସନ୍ ପ୍ରଦାନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ମଧୁସୂଦନ ଆଇନ୍ ବିଶ୍ୱବିଦ୍ୟାଳୟ ୨୦୨୧ରେ ପ୍ରତିଷ୍ଠା ହୋଇଥିଲା । ସରକାରଙ୍କ ପକ୍ଷରୁ ୨୦୨୧, ଏପ୍ରିଲ ୭ରେ ଜାରି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିଲା ଯେ, ବିଭିନ୍ନ ବିଶ୍ୱବିଦ୍ୟାଳୟର ନିର୍ଦ୍ଦିଷ୍ଟ ଆଇନ୍ କଲେଜକୁ ବାଦ ଦେଇ ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ ଆଇନ୍ କଲେଜ ଗୁଡ଼ିକୁ ମଧୁସୂଦନ ଆଇନ୍ ବିଶ୍ୱବିଦ୍ୟାଳୟର ଅଫିଲିଏସନ୍ ମିଳିଲା । ୨୦୨୪, ସେପ୍ଟେମ୍ବର ୨୧ରେ ବିଶ୍ୱବିଦ୍ୟାଳୟ ତରଫରୁ ଲେଖାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଥିଲା ଯେ, ଗଙ୍ଗାଧର ମହାପାତ୍ର ଆଇନ୍ କଲେଜକୁ ଅସ୍ଥାୟୀ ଆଫିଲିଏସନ୍ ପ୍ରଦାନ କରାଯାଇଛି । ପୂର୍ବରୁ ସ୍ଥାୟୀ ଆଫିଲିଏସନ୍ ପାଇଥିବା କଲେଜକୁ ଅସ୍ଥାୟୀ ଆଫିଲିଏସନ୍ ପ୍ରଦାନ କରାଯିବା ପ୍ରସଂଗକୁ ବିରୋଧ କରି ହାଇକୋର୍ଟରେ ଏହି ମାମଲା ରୁଜୁ କରାଯାଇଥିଲା । ତେବେ କୋର୍ଟ ଏହି ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

# ୨୦ ବର୍ଷରୁ କମ୍ ଅଧିକାଂଶ ଯୁବ ସମାଜ ନିଶାଦ୍ରବ୍ୟର କବଳିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ସଂସ୍କୃତି ଭବନ ଠାରେ ନିଶାଦ୍ରବ୍ୟ ସେବନ ତଥା ଅବୈଧ ନିଶା ଦ୍ରବ୍ୟ କାରବାର ବିରୋଧୀ ଆନ୍ତର୍ଜାତିକ ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼. ଦୁଷ୍ମନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗ ଦେବା ସହ ଅବକାରୀ ଅଧିକ୍ଷକ, ସନ୍ତୋଷ କୁମାର ଧଳସାମନ୍ତ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ଉପ-ନିର୍ଦ୍ଦେଶକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ, ରାୟଗଡ଼, ବସନ୍ତ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ଭଜନଲାଲ ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମନସ୍ତାତ୍ତ୍ୱିକବିତ ଡ଼. ରାକେଶ ରଞ୍ଜନ ପାଢ଼ୀ ଓ ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର ମଞ୍ଚାସୀନ ଥିଲେ । ଆଜିର ନିଶାଯୁକ୍ତ ପୃଥିବୀରେ ତେର ଶତକଡ଼ାରୁ ଅଧିକା ୨୦ ବର୍ଷରୁ କମ୍ ବୟସ୍କ ଯୁବ ସମାଜ ବିଭିନ୍ନ ଧରଣର ନିଶାର କବଳରେ ନିଜକୁ ସମର୍ପିତ କରୁଛନ୍ତି । ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏହାକୁ ଆନନ୍ଦ ଓ ପ୍ରମୋଦ ପାଇଁ ପ୍ରାରମ୍ଭ କରନ୍ତି ଯାହା ପରେ କୁ-ଅଭ୍ୟାସରେ ପରିଣତ ହୋଇଯାଏ । ସମାଜର ହିତ ପାଇଁ ଦୀର୍ଘ ଦିନ ବଞ୍ଚିବାକୁ ହେଲେ ନିଶା ଠାରୁ ଦୂରରେ ରହି ସୁସ୍ଥ ଶରୀର, ଉତ୍ତମ ପୋଷଣର ଅଭ୍ୟାସ ଜାରି କରିବାକୁ ହେବ । ସମସ୍ତ ଅତିଥି ବୃନ୍ଦ ସମୃଦ୍ଧ ଓଡ଼ିଶା ସୁସ୍ଥ ଓଡ଼ିଶା ଗଠନ ନିମନ୍ତେ ନିଶାମୁକ୍ତ ରହିବାର ବାର୍ତ୍ତା ଦେବା ସହ ଏହାର କୁପ୍ରଭାବ ବିଷୟରେ ଆଲୋଚନା କରିଥିଲେ । ସକାଳ ୯ଟା ସମୟରେ ହାତରେ ସ୍ଲୋଗାନ ଓ ପ୍ରଚାରପତ୍ର ଧରି ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ଯାହା ଆରକ୍ଷୀ ଅଧିକ୍ଷକ, ସ୍ୱାତି ଏସ୍ କୁମାର ଓ ଅତିରିକ୍ତ ଜିଲ୍ଲାପାଳ, ନବୀନ ଚନ୍ଦ୍ର ନାୟକ ଶୁଭାରମ୍ଭ କରିବା ସହ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ । ଏହି ଶୋଭାଯାତ୍ରାରେ ରାୟଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅବକାରୀ ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଅନ୍ୟ ବିଭାଗୀୟ କର୍ମକର୍ତ୍ତା ତଥା ଜନସାଧାରଣ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର ସୂତାରୁ ରୂପେ ପରିଚାଳନା କରିଥିଲେ ।

# ଭୟାବହ ଅଗ୍ନିକାଣ୍ଡ:ଲକ୍ଷାଧିକ ଟଙ୍କାର ସାମଗ୍ରୀ ସହ ଧାନ ଚାଉଳ ଜଳିଗଲା

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ମାଧପୁର ପଞ୍ଚାୟତ ଜ୍ୟୋତିସିଂହପୁର ଅନ୍ତର୍ଗତ ମାଳିସାହି ଗ୍ରାମର ଉମାକାନ୍ତ ମହାକୁଡ଼ଙ୍କ ଦୁଇ ବଖରା ଘର ଅଗ୍ନିକାଣ୍ଡରେ ସମ୍ପୂର୍ଣ୍ଣ ଭସ୍ମୀଭୂତ । ସୂଚନା ଅନୁଯାଇ ଗୁରୁବାର ବିଳମ୍ବିତ ରାତିରେ ଉମାକାନ୍ତ ମହାକୁଡ଼ଙ୍କ ଦୁଇ ବଖରା ଘର ସହ ଗୋରୁ ଗୁହାଳ ନିଆଁ ଲାଗି ଭସ୍ମୀଭୂତ ହୋଇଯାଇଛି । ସୁନା ଅଳଂକାର, ନଗଦ ଟଙ୍କା, ଆସବାବପତ୍ର, ବାଇକ୍ ସହିତ ଗୋଟିଏ ଗୋରୁ ଜୀବନ୍ତ ଦଗ୍ଧ ଓ ୫ଟି ଗୋରୁ କ୍ଷତାକ୍ତ ହୋଇଛନ୍ତି । ନିଆଁ ବିଦ୍ୟୁତ୍ ସଟ୍‌ସର୍କିଟ୍ ଲାଗିଥିବା ସନ୍ଦେହ କରାଯାଉଛି । ଉମାକାନ୍ତ ମହାକୁଡ଼ଙ୍କ ପରିବାର ଲୋକ କହନ୍ତି ପିନ୍ଧିଥିବା ବସ୍ତ୍ରକୁ ଛାଡ଼ିଲା ପରେ ଘରର କୌଣସି ବି ଜିନିଷ ଘରୁ କାଢି ପାରିନଥିଲେ ଘର ଲୋକେ । ପ୍ରଥମେ ଗ୍ରାମବାସୀ ନିଆଁକୁ ଆୟତ କରିବା ପାଇଁ ଚେଷ୍ଟା କରିଥିଲେ ମଧ ନିଆଁକୁ ଆୟତ କରିପାରିନଥିଲେ । ପରେ ଚାନ୍ଦବାଲି ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ କରିବାରେ ସଫଳ ହୋଇଥିଲେ । ସେତେବେଳକୁ ସବୁ ଜଳି ପୋଡ଼ି ପାଉଁଶ ହୋଇଯାଇଥିଲା । ଶୁକ୍ରବାର ଦିନ ଘଟଣାସ୍ଥଳରେ ମତୋ ରାଜସ୍ୱ ନିରିକ୍ଷକ ପହଞ୍ଚିଥିଲେ । ଅଗ୍ନି ବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଓ ସ୍ଥାନୀୟ ସରପଞ୍ଚ ପହଞ୍ଚି ତୁରନ୍ତ ରାଜସ୍ୱ ନିରିକ୍ଷକଙ୍କୁ ନିବେଦନ କରିଥିଲେ ।

# ଯୁକ୍ତ ୨ ଛାତ୍ର ନିଖୋଜ ଥାନାରେ ଏତଲା



**ଛତ୍ରପୁର, ନ୍ୟୁଜ୍ ବ୍ୟୁରୋ**

ଛତ୍ରପୁର ତାମ୍ପରା ନିକଟ ପ୍ରତିଭା ବିଜ୍ଞାନ ଆବାସିକ ଉଚ୍ଚ ମାଧମିକ ବିଦ୍ୟାଳୟରୁ ଜଣେ ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ର ନିଖୋଜ ହୋଇଥିବା ଛତ୍ରପୁର ଥାନାରେ ଅଭିଯୋଗ ହୋଇଛି । ନିଖୋଜ ଛାତ୍ର ଶୁଭମ ବର୍ଗ (୧୭) । ତାଙ୍କ ଘର କବିସୂର୍ଯ୍ୟନଗର ଥାନା ଝାଡ଼ବନ୍ଧ ବୋଲି ଜଣାପଡିଛି । ଏ ସମ୍ପର୍କରେ ଛତ୍ରପୁର ଥାନାରେ କଲେଜ କର୍ତ୍ତୃପକ୍ଷ ମୌଖିକ ଭାବେ ଜଣାଇଥିବା ଆଇଆଇସି ସୁବାଶିଷ ମହାନ୍ତି ସୂଚନା ଦେଇଛନ୍ତି । ମାମଲା ରୁଜୁ ହୋଇନାହିଁ । ଛୁଆର ବାପ ଏତଲା ଦେଲେ ମାମଲା ରୁଜୁ ହୋଇ ତଦନ୍ତ ହେବ ବୋଲି ଆଇଆଇସି କହିଛନ୍ତି । ଛାତ୍ରଙ୍କ ନିଖୋଜ ଘଟଣା କଲେଜ କର୍ତ୍ତୃପକ୍ଷ ଜଣାଇଥିବା ପରିବାରଙ୍କ ପକ୍ଷରୁ କୁହାଯାଇଛି । ତେବେ କଲେଜ ପଛପଟ ରେଳ ଲାଇନ୍‌ରୁ ଗୋଟିଏ ଖଣ୍ଡ ବିଖଣ୍ଡିତ ଶବ ରେଳବାର ପୋଲିସ ଉଦ୍ଧାର କରିଛି । ସେହି ଶବ କୁଆଡ଼େ ଏହି ଛାତ୍ରଙ୍କ ହେଇଥିବ ସେ ନେଇ ରେଳବାର ପୋଲିସ ପରିବାରକୁ ଖବର ଦେବା ପରେ ପରିବାର ଲୋକ ବ୍ରହ୍ମପୁର ଆସି ଶବ ଦେଖୁଛନ୍ତି । ଶବ ଏପରି ଅବସ୍ଥାରେ ଅଛି ଯେ ତାଙ୍କର ଛୁଆ ବୋଲି ଜାଣିବା କଷ୍ଟକର ହୋଇପଡ଼ିଛି ବୋଲି ନିଖୋଜ ଛାତ୍ରଙ୍କ ବାପା କହିଛନ୍ତି । ସେମାନେ ଭୁବନେଶ୍ୱର ପରୀକ୍ଷାଗାରକୁ ପଠାଇବେ ବୋଲି ତାଙ୍କ ବାପା କହିଛନ୍ତି । ଏଣେ ବାପା ଏବଂ ତାଙ୍କ ପରିବାର ଲୋକ ସନ୍ଧ୍ୟାରେ କଲେଜ କ୍ୟାମ୍ପସରେ ପହଞ୍ଚି କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି । କଲେଜ ଛତ୍ରପୁର ସହରରେ ଚାଲୁଥିବା ବେଳେ ବର୍ତ୍ତମାନ ତମ୍ପରା ନିକଟ ନିଜ କୋଠାକୁ ସ୍ଥାନାନ୍ତର ହୋଇଛି । ସିସି କ୍ୟାମେରା ଲାଗିନଥିବା, ପାଚେରି ନଥିବାରୁ ପିଲାମାନେ ସୁରକ୍ଷିତ ନଥିବା ବାପା ସୁସାନ୍ତ କହିଛନ୍ତି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି । ନୂଆ କଲେଜରେ ସମସ୍ତ ବ୍ୟବସ୍ଥା କରାଯାଇଛି ଓ ଆହୁରି କରାଯିବ ବୋଲି ସୂଚନା ଦେଇଛନ୍ତି କଲେଜ ମୁଖ୍ୟ ଚିନ୍ମୟ ଦାସ । ନିଖୋଜ ନେଇ ଛତ୍ରପୁର ପୋଲିସକୁ ଜଣାଇ ଦିଆଯାଇଥିବା ସେ କହିଛନ୍ତି ।

### ଛୁରୀ ଦେଖାଇ ମୋବାଇଲ୍ ଲୁଟ୍ ଘଟଣା

# ଦୁଇ ନାବାଳକ ଗିରଫ:ମୋବାଇଲ୍, ଟଙ୍କା ଜବତ

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

ଫୁଲବାଣୀ ସହର ସ୍ଥିତ ନାରାୟଣୀ ହିଲ୍‌ଟପ୍ ରାସ୍ତାରେ ଛୁରୀ ଓ ତୀକ୍ଷ୍ଣ ମରଣାସ୍ତ୍ର ଦେଖାଇ ଲୋକଙ୍କ ଠାରୁ ମୋବାଇଲ ଛଡାଇ ନେଉଥିବା ଚୋର ମଡେଲ ଟାଉନ ଥାନା ପୋଲିସ ଦ୍ୱାରା ଗିରଫ ହୋଇଥିବା ବେଳେ ସମ୍ପୃକ୍ତ ଥିବା ଦୁଇ ନାବାଳକଙ୍କୁ ବୌଦ୍ଧ ଜୁଭେନାଇଲ ହୋମକୁ ପଠାଇ ଦିଆଯାଇଥିବା ନେଇ ଥାନା ଅଧିକାରୀ ପି. ସ୍ୱରୂପ କିଶନ ପ୍ରକାଶ କରିଛନ୍ତି । ବହୁଦିନ ଧରି ଫୁଲବାଣୀ କାଚରା ସାହିର ଅମନ ନାୟକ ଜନଗହଳି ସ୍ଥାନକୁ ଛାଡି ନିରୋଳା ସ୍ଥାନରେ ଚୋରି କରିବାକୁ ଯୋଜନା କରିଥିଲେ । ଫଳରେ ନାରାୟଣୀ ହିଲ୍‌ଟପ୍ ରାସ୍ତାକୁ ସେମାନେ ବାଛିଥିଲେ । ଅଭିଯୋଗ ପାଇ ଥାନା ଅଧିକାରୀ ପି. ସ୍ୱରୂପ କିଶନ ସଦଳବଳେ ହିଲଟପ୍‌କୁ ଯାଇ ଗୋଡ଼ାଇ ଗୋଡ଼ାଇ ଅମନକୁ ଧରିଥିଲେ । ସେମାନଙ୍କ ଠାରୁ ଗୋଟିଏ ଆଇ ଫୋନ୍ ଓ ଗୋଟିଏ ଭିଭୋ ଫୋନ୍ ସହ ୬୦୦ ଟଙ୍କା ଜବତ କରିଥିଲେ । ଅମନ ଛୁରୀ ଓ ଏକ ତୀକ୍ଷ୍ଣ ତିନି ଫାଳିଆ ଲୁହାଅସ୍ତ୍ର ବ୍ୟବହାର କରୁଥିଲା ବୋଲି ତଦନ୍ତକାରି ଅଫିସର ମନୋରଞ୍ଜନ ମଲିକ କହିଛନ୍ତି । ଥାନା କେଶ୍ ନମ୍ବର ୧୧୮/୨୫ ଅନୁଯାୟୀ ଜଣାପଡିଛି ଯେ, ସମ୍ପୃକ୍ତ ଥିବା ଦୁଇ ନାବାଳକଙ୍କୁ ଜୁଭେନାଇଲ୍ କୋର୍ଟରେ ହାଜର କରାଇ ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶରେ ବୌଦ୍ଧ ସ୍ଥିତ ଜୁଭେନାଇଲ ହୋମକୁ ପଠାଇ ଦିଆଯାଇଛି । ଟାଉନ୍ ପୋଲିସର କଡା ପାଟ୍ରୋଲିଙ୍ଗରେ ନୂଆସାହି, ଜିରିଙ୍ଗପଡା, ପିଅନ ପଡା, ଏଫସିଆଇ ଛକ, ପେଞ୍ଜିସାହି, ନଦୀଖଣ୍ଡି ଓ ଫୁଲବାଣୀ ସାହି ଛକରେ ଶାନ୍ତିଶୃଙ୍ଖଳା ରହୁଛି । ସାଇରନ୍ ବାଜିଲା କ୍ଷଣି ଚୋର ଓ ଅସାମାଜିକ ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟି ହେଉଛି ।

# ସବୁଜ ସମ୍ବଲପୁର ପାଇଁ ଲକ୍ଷାଧିକ ବୃକ୍ଷ ରୋପଣ କରାଯିବ:ଧର୍ମେନ୍ଦ୍ର

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**



ମା ପାଇଁ ଗଛଟିଏ ଅଭିଯାନ ଅନ୍ତର୍ଗତ ସମ୍ବଲପୁରରେ ଏକ ବୃହତ ବୃକ୍ଷ ରୋପଣ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୧୦,୦୦୦ଟି ବୃକ୍ଷ ରୋପଣ ହୋଇଥିଲା । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡ଼ିଶାର ରାଜ୍ୟ ମନ୍ତ୍ରୀ (ଉଚ୍ଚ ଶିକ୍ଷା, କ୍ରୀଡ଼ା, ଯୁବ ସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି) ସୂର୍ଯ୍ୟବଂଶୀ ସୁରଜ, ଝାରସୁଗୁଡ଼ା ବିଧାୟକ ଟଙ୍କାଧର ତ୍ରିପାଠୀ, ପୋଲିସ ଆଇ.ଜି (ND) ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର (ଭା.ପ୍ର.ସେ ), ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ (ଭା.ପୋ.ସେ), ସମ୍ବଲପୁର ମହାନଗର ନିଗମର ଆୟୁକ୍ତ ଭେଦ ଭୂଷଣ (ଭା.ପ୍ର.ସେ) ପ୍ରମୁଖ ଉପସ୍ଥିତ ଥିଲେ । କେନ୍ଦ୍ରୀୟ ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନ ରଥଯାତ୍ରା ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଲେ । ସେ କହିଲେ ଯେ ଏହି ଅଭିଯାନ ଦୀପାବଳି ପର୍ଯ୍ୟନ୍ତ ଚାଲିବ ଓ ସମ୍ବଲପୁର ଜିଲ୍ଲାରେ ୧ ଲକ୍ଷ ବୃକ୍ଷ ରୋପଣ କରାଯିବ । ସେ କହିଥିଲେ ଯେ, ନୂଆଖାଇ, ସମଲେଶ୍ୱରୀ ମନ୍ଦିର, ମହାନଦୀ ଓ ଶୀତଳଷଷ୍ଠୀ ପାଇଁ ପରିଚିତ ସମ୍ବଲପୁର, ବୃକ୍ଷ ରୋପଣ ଓ ପରିବେଶ ସୁରକ୍ଷାରେ ମଧ ଦେଶରେ ଚର୍ଚ୍ଚିତ ହେବା ଉଚିତ୍ । ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାରକୁ ବନ୍ଦ କରିବା ପାଇଁ ଆହ୍ୱାନ୍ ଦେଇଥିଲେ । ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଲେ, "ଭାରତୀୟ ସଂସ୍କୃତିରେ ମାଆଙ୍କୁ ଯେପରି ସମ୍ମାନ ଦିଆଯାଏ ସେହିପରି ପ୍ରକୃତି ମାତାଙ୍କୁ ମଧ ସମ୍ମାନ ବୋଧ । ବିକଶିତ ଓଡ଼ିଶାର ସ୍ୱପ୍ନ ତେବେ ହିଁ ସାକାର ହେବ ଯେବେ ଆମେ ପ୍ରକୃତିକୁ ଉପଯୁକ୍ତ ସୁରକ୍ଷା ଦେବୁ । ୧୦,୦୦୦ ବୃକ୍ଷ ଲଗାଯିବା ପାଇଁ ସଂକଳ୍ପ ନିଆ ହୋଇଛି, ତେବେ ତାକୁ ବଞ୍ଚାଇବା ପାଇଁ ବି ସଂକଳ୍ପ ନିଆଯାଉ ବୋଲି କହିଥିଲେ । ବିଧାୟକ ଝାରସୁଗୁଡା ଟଙ୍କାଧର ତ୍ରିପାଠୀ ବୃକ୍ଷ ରୋପଣ ଓ ତାର ସୁରକ୍ଷା ପ୍ରତି ଲୋକଙ୍କ ଦାୟିତ୍ୱ ବଢ଼ିବା ଦରକାର ବୋଲି ନିଜ ଅଭିଭାଷଣରେ କହିଥିଲେ । ଏହି ଅବସରରେ ପରିବେଶ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ପ୍ରକୃତି ବନ୍ଧୁ ଜେମା ମେହେର ଓ ପ୍ରକାଜିନୀ ନାଏକଙ୍କୁ ସମ୍ମାନିତ କରାଯାଇଥିଲା ।

# ବର୍ଷାରେ ପାହାଡ଼ ଧସି ବଣ୍ଡାଘାଟି ରାସ୍ତା ଅବରୋଧ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବଣ୍ଡାଘାଟିରେ କିଛି ଦିନ ଧରି ବର୍ଷା ଲାଗି ରହିଛି । ବର୍ଷା ପାଣିରେ ପାହାଡ ଧସି ବଡ ବଡ ପଥର ରାସ୍ତାରେ ଖସିବା ସହିତ ଗଛ ପଡି ବଣ୍ଡାଘାଟି ରାସ୍ତା ଅବରୋଧ ହୋଇଯାଇଛି । ଯାହାଫଳରେ ଯାତାୟାତ ଠପ୍ ହୋଇଯାଇଛି । ବଣ୍ଡା ଘାଟିର ଦୁଇଟି ପଞ୍ଚାୟତର ଲୋକେ ଯାତାୟାତ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ।

# ଜନଶତାବ୍ଦୀ ଏକ୍ସପ୍ରେସ୍ ଉପରକୁ ପଥର ମାଡ଼

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଜନଶତାବ୍ଦୀ ଏକ୍ସପ୍ରେସ୍ ଉପରକୁ ପଥର ମାଡ଼ ହୋଇଛି । ଭୁବନେଶ୍ୱରରୁ ହାୱଡ଼ା ଅଭିମୁଖେ ଯାଉଥିଲା ଜନଶତାବ୍ଦି ଏକ୍ସପ୍ରେସ୍ । ଏହି ସମୟରେ ଭଦ୍ରକ ଷ୍ଟେସନ୍ ପୂର୍ବରୁ ପଥର ମାଡ଼ ହୋଇଥିବା ସୂଚନା ମିଳିଛି ।

# ପରୀକ୍ଷା ସେଣ୍ଟର କରାଇବା ଆଳରେ ଠକେଇ:୩ କଲେଜରୁ ଲୁଟିନେଲେ ୨୦ ଲକ୍ଷ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରେଲୱେ, ବ୍ୟାଙ୍କିଙ୍ଗ୍ ଆଦି ଅନ୍‌ଲାଇନ୍ ପରୀକ୍ଷାର ପରୀକ୍ଷା କେନ୍ଦ୍ର କରିବାକୁ ଯାଇ ୩ ଘରୋଇ କଲେଜ ଠକାମିର ଶିକାର ହୋଇଛନ୍ତି । ଏକ ଜାଲ୍ ସଂସ୍ଥା ୨୦ ଲକ୍ଷ ଟଙ୍କା ଠକି ନେଇଛି ବୋଲି ୩ କଲେଜର କର୍ତ୍ତୃପକ୍ଷ ସାଇବର ଥାନାରେ ଅଭିଯୋଗ କରିଛନ୍ତି । ମାମଲା ରୁଜୁ କରି ସାଇବର ଥାନା ପୋଲିସ ଛାନ୍‌ଭିନ୍ ଆରମ୍ଭ କରିଛି । ଠକ ସଂସ୍ଥା ଦ୍ୱାରା ଦିଆଯାଇଥିବା ମେଲ୍ ଆଇଡି, ବ୍ୟାଙ୍କ୍ ଆକାଉଣ୍ଟ ନମ୍ବର, ଫୋନ୍ ନମ୍ବର ଆଦିକୁ ନେଇ ପୋଲିସ ତଦନ୍ତ ଚଳାଇଛି । ଟଙ୍କା ଦେଣନେଣ ହୋଇଥିବା ଆକାଉଣ୍ଟ ଗୁଡ଼ିକରେ ପଶ୍ଚିମବଙ୍ଗ ଓ ତାମିଲନାଡୁର କିଛି କଲେଜରୁ ଟଙ୍କା ଟ୍ରାନ୍ସଫର୍ ହୋଇଥିବା ଜଣାପଡ଼ିଛି । ତେଣୁ ଠକ ସଂସ୍ଥା ଏକ ବଡ଼ଧରଣର ରାକେଟ୍ ଚଳାଇଥିବା ସ୍ପଷ୍ଟ ହୋଇଛି । ରାଜଧାନୀର ୨ଟି ଓ ଚଣ୍ଡିଖୋଲ ସ୍ଥିତ ଏକ ଶିକ୍ଷାନୁଷ୍ଠାନ ଏହି ଠକେଇର ଶିକାର ହୋଇଛନ୍ତି । ସେମାନଙ୍କ ଅଭିଯୋଗ ମୁତାବକ ଚଳିତ ବର୍ଷ ଏପ୍ରିଲ୍ ଓ ମେ ମାସରେ ଏଚ୍‌ସିଏଲ୍ ଟେକ୍ନୋଲୋଜି ସଫଟ୍‌ୱେର ସଂସ୍ଥାର ପଦାଧିକାରୀ ବୋଲି ପରିଚୟ ଦେଇ ଦୁଇଜଣ ଯୋଗାଯୋଗ କରିଥିଲେ । ତାଙ୍କ ସଂସ୍ଥା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ପରୀକ୍ଷା କରାଉଛନ୍ତି ବୋଲି କହିଥିଲେ । ପରୀକ୍ଷାକେନ୍ଦ୍ର ବାବଦକୁ ତାଙ୍କ ସଂସ୍ଥା କଲେଜଗୁଡ଼ିକୁ ଅଧିକ ଟଙ୍କା ଦେଉଛି ବୋଲି କହି ଲୋଭ ଦେଖାଇଥିଲେ । ପରୀକ୍ଷାକେନ୍ଦ୍ର ପାଇଁ ଆବଶ୍ୟକ ଫର୍ଣ୍ଣିଚର୍ ଓ କମ୍ପ୍ୟୁଟର ବାବଦରେ ସଂସ୍ଥା ଓ କଲେଜ କର୍ତ୍ତୃପକ୍ଷ ପ୍ରତ୍ୟେକ ୫୦ ପ୍ରତିଶତ ଖର୍ଚ୍ଚ ବହନ କରିବାକୁ ହେବ ବୋଲି କଥା ଛିଡ଼ିଥିଲା । ଏଥିପାଇଁ ସଂସ୍ଥା ପକ୍ଷରୁ କୋଲକାତାର ଏକ ଭେଣ୍ଡରକୁ ଠିକା ମିଳିଛି ବୋଲି ସେମାନେ କହିଥିଲେ । ଜୁନ୍ ୨୧ରେ ଚୁକ୍ତିପତ୍ର ସ୍ୱାକ୍ଷରିତ ହେଲା ଏବଂ କଲେଜ କର୍ତ୍ତୃପକ୍ଷ କୋଲକାତା ଭେଣ୍ଡର ନାଁରେ ଅଗ୍ରିମ ଟଙ୍କା ପଇଠ କରିଦେଇଥିଲେ । ଦୁଇ ଇଞ୍ଜିନିୟରିଂ କଲେଜ ୬ ଲକ୍ଷ ଟଙ୍କା ଲେଖାଏଁ ଓ ଆଇଆଇଟି କଲେଜ ୮ ଲକ୍ଷ ଟଙ୍କା ଜମା କରି ଦେଇଥିଲେ । ଚୁକ୍ତି ଅନୁସାରେ କଲେଜ କର୍ତ୍ତୃପକ୍ଷ ଅଗ୍ରିମ ଟଙ୍କା ଜମା କରିବାର ଦୁଇ ଦିନ ପରେ କୋଲକାତା ଭେଣ୍ଡର କମ୍ପ୍ୟୁଟର ଓ ଫର୍ଣ୍ଣିଚର ଯୋଗାଇବା କଥା । ମାତ୍ର ସପ୍ତାହ ବିତିବା ପରେ ବି କୋଲକାତା ଭେଣ୍ଡର ପତ୍ତା ମିଳିନଥିଲା । ଏହାପରେ କଲେଜ କର୍ତ୍ତୃପକ୍ଷ, ସେମାନଙ୍କ ସହ ଯୋଗାଯୋଗ କରିଥିବା ଅଧିକାରୀମାନଙ୍କୁ ଫୋନ୍ କରିଥିଲେ । ମାତ୍ର ସେସବୁ ଫୋନ୍ ସୁଇଚ୍ ଅଫ୍ ଥିଲା । ଠକାମିର ଶିକାର ହୋଇଥିବା ସନ୍ଦେହରେ କଲେଜ କର୍ତ୍ତୃପକ୍ଷ ଏଚ୍‌ସିଏଲ୍ ସଫ୍ଟୱେର୍ ସଂସ୍ଥା ବାବଦରେ ଅନ୍ୱେଷଣ କରିଥିଲେ । ସେଭଳି କିଛି ସଂସ୍ଥା ନାହିଁ ବୋଲି ଜାଣିବା ପରେ ସେମାନେ ସାଇବର ଥାନାରେ ଅଭିଯୋଗ କରିଛନ୍ତି ।

# ବାଇକ୍ ଧକ୍କାରେ ଯୁବକର ମୃତ୍ୟୁ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ବାଇକ୍ ଧକ୍କାରେ ରାଇଘର ଥାନା ସରଗୁଲି-ଦେଉଳପାରା ଛକ ନିକଟରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଗୁରୁତର ଅଛନ୍ତି । ମୃତକ ହେଲେ ଉମରକୋଟ କଲେଜର ଚତୁର୍ଥ ଶ୍ରେଣୀ କର୍ମଚାରୀ ହରୀଶ୍ଚନ୍ଦ୍ର ଦାସ (୨୪) । ଆହତ ଜଣଙ୍କ ହେଲେ ଉମରକୋଟ ଅଞ୍ଚଳର ଅଜୟ ପନକା । ଏକ ବାଇକ୍‌ରେ ହରିଶ ଓ ଅଜୟ ରଥଯାତ୍ରା ଦେଖି ରାଇଘରରୁ ଫେରୁଥିବା ବେଳେ ରାସ୍ତା ଉପରେ ଥିବା ଏକ ଟ୍ରକ୍‌ରେ ପିଟି ହୋଇଯାଇଥିଲେ । ଘଟଣାସ୍ଥଳରେ ହରୀଶଙ୍କ ମୃତ୍ୟୁ ହୋଇଥିଲା । ଶନିବାର ବ୍ୟବଚ୍ଛେଦ ପରେ ଶବ ହସ୍ତାନ୍ତର କରାଯାଇଛି । ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି ।

# ପୁରୀ ବଡ଼ଦାଣ୍ଡରେ 'ଅମୃତପୁରୁଷ ଶ୍ରୀଜଗନ୍ନାଥ' ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସମର୍ପିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରଥଯାତ୍ରା ଉପଲକ୍ଷେ 'ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ'ର ୨୪ତମ ଅନୁଭୂତି ଓ ଅନୁଭବର ସଂକଳନ 'ଅମୃତପୁରୁଷ ଶ୍ରୀଜଗନ୍ନାଥ' ଦଇତାପତି ସୁଦର୍ଶନ ଦାସ ମହାପାତ୍ରଙ୍କ ଦ୍ୱାରା ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସମର୍ପିତ ହୋଇଅଛି । ୧୦୦ରୁ ଅଧିକ ରଚନାରେ ସମୃଦ୍ଧ ଏହି ପୁସ୍ତକର ମୁଖ୍ୟ ଆକର୍ଷଣ ହେଲା ୨୭ ଜଣ ସେବାୟତଙ୍କ ଶ୍ରୀଜଗନ୍ନାଥଙ୍କୁ ନେଇ ଅନ୍ତରଙ୍ଗ ଅନୁଭୂତି, ୩୦ ଜଣ ଅନନ୍ୟ ଭକ୍ତଙ୍କ ଅନୁଭବ ଓ ଅନୁଭୂତି, ୩ ଜଣ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ଓଡ଼ିଆ ପ୍ରତିଭାଙ୍କ ସହ ସାକ୍ଷାତକାର, ୭ ଜଣ ଜାତୀୟ ଓ ପ୍ରାଦେଶିକ ସ୍ତରରେ ପୁରସ୍କୃତ ପ୍ରତିଭାଙ୍କ ଜୀବନ କଥା, ପଦ୍ମଶ୍ରୀ ରଜତ କରଙ୍କ ଏକ ଅପ୍ରକାଶିତ ରଚନା, ଜନ୍ମ ଶତବାର୍ଷିକୀ ସାହିତ୍ୟିକା ବିଦ୍ୟୁତ୍‌ପ୍ରଭା ଦେବୀଙ୍କ ଶ୍ରୀଜଗନ୍ନାଥଙ୍କୁ ନେଇ ରଚନା, ଦୁଇଜଣ ଶ୍ରୀମନ୍ଦିର ପ୍ରାକ୍ତନ ପ୍ରଶାସକଙ୍କ ଅନୁଭୂତି, ଦୁଇଟି ମଠର ଚମକପ୍ରଦ କାହାଣୀ, ୪ ଜଣ ଖବରକାଗଜ ଓ ପତ୍ରିକା ସମ୍ପାଦକଙ୍କ ମନୋଜ୍ଞ ରଚନା, ଶ୍ରୀଜଗନ୍ନାଥ କେନ୍ଦ୍ରିକ ୫ଟି ମନୋଜ୍ଞ ଗଳ୍ପ, ୫ଟି ଚିନ୍ତାଶୀଳ ପ୍ରବନ୍ଧ ଓ ୧୨ଟି କବିତା, ଦୁଇଟି ବିରଳ ପୁସ୍ତକ ପ୍ରକାଶନରେ ଶ୍ରୀଜଗନ୍ନାଥଙ୍କ ଅମୃତ ସ୍ପର୍ଶର କାହାଣୀ ଓ ପ୍ରଥମ ଥର ପାଇଁ ଭୁବନେଶ୍ୱରରୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ପାଇଁ ବଉଳ ଗଛ ନିର୍ବାଚନର ପ୍ରଚ୍ଛଦ କାହାଣୀ । ଏହା ସହିତ ରହିଛି ଶ୍ରୀଜଗନ୍ନାଥଙ୍କ ଗୁପ୍ତ ଲୀଳାକ୍ଷେତ୍ର ମାରଦାରେ ଚିତ୍ରଶିଳ୍ପୀ ଶିବିରରେ ଆଙ୍କିଥିବା ୨୦ଟି ଚିତ୍ରର ରଙ୍ଗୀନ୍ କ୍ରୋଡପତ୍ର । ଚିତ୍ରଶିଳ୍ପୀ ବଳଦେବ ମହାରଥାଙ୍କ ଆକର୍ଷଣୀୟ ପ୍ରଚ୍ଛଦଚିତ୍ର ସମ୍ବଳିତ ୫୪୪ ପୃଷ୍ଠା ପୁସ୍ତକର ମୂଲ୍ୟ ୪୦୦ ଟଙ୍କା ରଖାଯାଇଛି । ଏହି ପୁସ୍ତକଟି 'ଅମୃତ ପୁରୁଷ ଶ୍ରୀଜଗନ୍ନାଥ'ର ସଂପାଦକ ପୀତବାସ ରାଉତରାୟଙ୍କ ଉପସ୍ଥିତିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସମର୍ପିତ ହୋଇଥିଲା । ତାହା ସହିତ ବିଶିଷ୍ଟ ଚିତ୍ରଶିଳ୍ପୀ ବଳଦେବ ମହାରଥାଙ୍କ ରଚିତ ଚିତ୍ରଲେଖା 'ମଧୁରମ୍ ମଧୁରାଧିପତି' ମଧ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସମର୍ପିତ ହୋଇଥିଲା ।




# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୯।୬।୨୦୨୫, ଆଷାଢ଼ ଦି୧୫ନ, ରବିବାର**

**ସୂର୍ଯ୍ୟୋଦୟ- ଘ୫।୧୦।୫୩** **ଚନ୍ଦ୍ରୋଦୟ- ଦିଘ ୮।୪୮।୧୩**

**ଚତୁର୍ଥୀ-** ଦିଘ ୯।୧୫ ପର୍ଯ୍ୟନ୍ତ । **ଅଶ୍ଳେଷା ନକ୍ଷତ୍ର ଓ କର୍କଟ ଚନ୍ଦ୍ର-** ପ୍ରାଘ ୬।୩୬ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ପ୍ରାଘ ୬।୩୬ ଗତେ ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ପ୍ରାଘ ୬।୩୬ ଗତେ କର୍କଟ ଓ ମକର ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ଦିଘ ୯।୧୫ ପରେ ବେଲ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୦୧ ଗତେ ଘ ୯।୩୮ ମଧ୍ୟେ, ଦିଘ ୧।୨୯ ଗତେ ଘ ୨।୫୪ ମଧ୍ୟେ । **ପର୍ବୋତ୍ସବ-** ଜାତୀୟ ପରିସଂଖ୍ୟାନ ଦିବସ ।


**ମେଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ ସୁଖ ଶାନ୍ତି ବଜାୟ ରହିବ । ମହିଳାମାନେ ସୁଖୀ ହେବେ । ନୂତନ ବନ୍ଧୁଙ୍କ ସହ ଭେଟ ହୋଇପାରେ ।


**ବୃଷ:** ଦୂର ସ୍ଥାନକୁ ଯାତ୍ରା କରି ସଫଳତା ହାସଲ କରିବେ । ଖଳ ପ୍ରକୃତିର ଲୋକଙ୍କ ଠାରୁ ଦୂରେଇ ରହିବା ଶ୍ରେୟସ୍କର । ରୋଜଗାର ସ୍ଥିର ରହିବ । ଘରେ ଆନନ୍ଦ ଦେଖାଦେବ ।


**ମିଥୁନ:** କାର୍ଯ୍ୟ କ୍ଷେତ୍ରରୁ ସଫଳତା ପାଇବେ । ଅନେକ ଦିନର ଆଶା ଆପଣଙ୍କର ପୂରଣ ହେବ । ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବାର ସୂଚନା ।


**କର୍କଟ:** ଶୁଭ ଖବର ପାଇ ଆନନ୍ଦିତ ହେବେ । ବ୍ୟବସାୟ ମଧ୍ୟମ ଧରଣର ହେବ । ପରିବାର ମଧ୍ୟରେ ଆନନ୍ଦର ଲହରୀ ଖେଳିବ । ଖର୍ଚ୍ଚର ମାତ୍ରା ବଢ଼ିପାରେ । ମାନସିକ ଦୁଶ୍ଚିନ୍ତା ମନକୁ ଆସିପାରେ ।


**ସିଂହ:** ଅନେକ ଦିନରୁ ଅଟକି ରହିଥିବା କାମଟି ହେବାର ସମ୍ଭାବନା । ଦେହ ଓ ମନ ଭଲ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଅପେକ୍ଷା କରିଥିବା ଖବରଟି ପାଇପାରନ୍ତି । ଆୟ ଯୋଗ ମଧ ରହିଛି ।


**କନ୍ୟା:** ବ୍ୟବସାୟରେ ଆପଣଙ୍କୁ କ୍ଷତି ସହିବାକୁ ପଡ଼ିପାରେ । କୁଭୋଜନ କରି ଉଦର ପୀଡ଼ା ଦେଖାଦେଇପାରେ । ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ । ଘରେ କଳହ ଦେଖାଦେବାର ସୂଚନା ।


**ତୁଳା:** ବ୍ୟବସାୟରୁ ଲାଭବାନ୍ ହେବେ । ପାରିବାରିକ ଜୀବନ ହସିଲା ଖୁସିଲା ହେବ । ବନ୍ଧୁଙ୍କ ସହ ଭେଟ ସହିତ ଆମୋଦ ପ୍ରମୋଦ ଲାଗିପାରେ । ଆୟ ଓ ବ୍ୟୟ ସମାନ ରହିବାର ସୂଚନା ।


**ବିଛା:** ଶତ୍ରୁ ପରାସ୍ତ ହେବେ । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ଭ୍ରମଣ ଯୋଗ ରହିଛି । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ମନ ଭଲ ରହିବ ।


**ଧନୁ:** ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦିତ ହୋଇପାରନ୍ତି । ଧର୍ମ କାର୍ଯ୍ୟ ନିମନ୍ତେ ଦିନଟି ଭଲ ଅଟେ । ପାରିବାରିକ ଜୀବନ ଶାନ୍ତିମୟ ହେବ । ଆୟର ପରିମାଣ ବଢ଼ିବାର ସୂଚନା ।


**ମକର:** ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ । ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ । ବ୍ୟୟର ପରିମାଣ ଅଧିକ ହେବ । ଘରେ ବିଶୃଙ୍ଖଳା ଓ ଅଶାନ୍ତି ଦେଖାଦେଇପାରେ ।


**କୁମ୍ଭ:** ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ବନ୍ଧୁ ଓ ପରିବାର ସହ ଖୁସିରେ ମାତିବେ । କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ । ଦାମ୍ପତ୍ୟ ଜୀବନ ମଧୁରମୟ ହେବ । ରୋଜଗାର ଭଲ ହେବ ।


**ମୀନ:** ବିବାଦୀୟ କ୍ଷେତ୍ରରେ ବିଜୟୀ ହେବେ । ଶରୀର ସୁସ୍ଥ ରହିବ । ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଆୟ ମଧ୍ୟମ ଧରଣର ହେବ । ଘରେ ଶାନ୍ତିର ବାତାବରଣ ରହିବ । ମହିଳାମାନେ ସୁଖୀ ହେବେ ।

# ପୋଲ ତଳକୁ ଖସିଲା ସିମେଣ୍ଟ ବୋଝେଇ ଟ୍ରକ୍

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

୧୬ନଂ ଜାତୀୟ ରାଜପଥର ଚରମ୍ପା ନିକଟରେ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ପୋଲ ତଳକୁ ଖସିପଡିଛି । ସୂଚନା ଅନୁଯାୟୀ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ ସିମେଣ୍ଟ ବୋଝେଇ ଟ୍ରକ୍‌ର ଚକା ଫାଟିଯିବାରୁ ଭାରସାମ୍ୟ ହରାଇ ରାତି ୩.୧୫ ସମୟରେ ୧୬ନଂ ଜାତୀୟ ରାଜପଥର ଚରମ୍ପା ନିକଟରେ ଏକ ପୋଲ ତଳକୁ ଖସିପଡିଛି । ଯାହାଫଳରେ ଟ୍ରକ୍‌ରେ ଥିବା ସିମେଣ୍ଟ ଗୁଡିକ ପ୍ରାୟ ନଷ୍ଟ ହୋଇଯାଇଥିଲା । ଏହି ଘଟଣାରେ କେହି ଆହତ ହୋଇନଥିବାର ଜଣାପଡିଛି । ଟ୍ରକ୍‌ଟି ପୋଲ ତଳକୁ ଖସିପଡିବା ଫଳରେ କିଛିଘଣ୍ଟା ଯାତାୟାତରେ ବାଧାପ୍ରାପ୍ତ ହୋଇଥିଲା । ଏହି ଘଟଣାରେ ସ୍ଥାନୀୟ ପୋଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାର ଜଣାପଡିଛି ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୩୦।୬।୨୦୨୫, ଆଷାଢ଼ ଦି୧୬ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୧୧।୧୦** **ଚନ୍ଦ୍ରୋଦୟ- ଦିଘ ୯।୪୨।୫୮**

**ପଞ୍ଚମୀ-** ଦିଘ ୯।୨୪ ପର୍ଯ୍ୟନ୍ତ । **ମଘା ନକ୍ଷତ୍ର-** ପ୍ରାଘ ୭।୨୨ ପର୍ଯ୍ୟନ୍ତ । **ସିଂହ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ଦିଘ ୯।୨୪ ପରେ ନିମ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୬ ଗତେ ଘ ୧୦।୩୧ ମଧ୍ୟେ, ରାଘ ୯।୧୯ ଗତେ ଘ ୧୦।୨୦ ମଧ୍ୟେ । **ପର୍ବୋତ୍ସବ-** ମଘା ପଞ୍ଚମୀ ସ୍ନାନ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ବିଦେଶରେ ବୃଦ୍ଧି ପାଉଛି ଟଙ୍କା ରଖୁଥିବା ନାଗରିକଙ୍କ ସଂଖ୍ୟା

ଭାରତୀୟ କରଦାତାମାନେ ବିଦେଶରେ କେତେ ଟଙ୍କା ରଖିଛନ୍ତି ଏହାର ଖୁଲାସା କରିବାକୁ ସେମାନଙ୍କୁ ଉତ୍ସାହିତ କରିବା ପାଇଁ କେନ୍ଦ୍ର ସରକାର ଏକ ବିଶେଷ ଅଭିଯାନ ଚଳାଇଥିଲେ। ଏଥିରେ ୩୦ ହଜାର ଭାରତୀୟ ବିଦେଶରେ ୨୯,୨୦୮ କୋଟି ଟଙ୍କା ରଖିଛନ୍ତି ବୋଲି ଖୁଲାସା କରିଛନ୍ତି। ଅତିରିକ୍ତ ୧୦୯୦ ଟଙ୍କା ଆୟ ରହିଥିବା ଭାରତୀୟ କରଦାତମାନେ ସୂଚନା ଦେଇଥିବା ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ତେବେ ଏଥିରେ ଜଣାପଡ଼ିଛି ଯେ ଗତ କିଛି ବର୍ଷ ମଧ୍ୟରେ ବିଦେଶରେ ଭାରତୀୟଙ୍କ ସମ୍ପତ୍ତି ବୃଦ୍ଧି ପାଉଛି। ସରକାରୀ ତଥ୍ୟ ଅନୁସାରେ, ୨୦୨୪ ସେପ୍ଟେମ୍ବର ମାସ ସୁଦ୍ଧା ୩୦,୧୬୧ ଭାରତୀୟଙ୍କର ବିଦେଶରେ ୨୯,୨୦୮ କୋଟି ଟଙ୍କାର ସମ୍ପତ୍ତି ରହିଛି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଭାରତ ୧୦୮ରୁ ଅଧିକ ଦେଶରୁ ଆର୍ଥିକ ତଥ୍ୟ ହାସଲ କରିଛି, ଯାହା ବିଦେଶୀ ଆକାଉଣ୍ଟ ଏବଂ ଭାରତ ବାହାରେ ଅର୍ଜିତ ଆୟ, ଯେପରିକି ସୁଧ ଏବଂ ଲାଭାଂଶ ବିଷୟରେ ସୂଚନା ଦେଇଛି। ବିଦେଶରେ ଟଙ୍କା ରଖୁ ସ୍ୱେଚ୍ଛାକୃତ ଘୋଷଣା କରୁଥିବା ନାଗରିକଙ୍କ ସଂଖ୍ୟାରେ ବୃଦ୍ଧି ପାଉଛି। ବିଦେଶରେ ସମ୍ପତ୍ତି ରଖୁଥିବା କରଦାତାଙ୍କ ସଂଖ୍ୟା ୨୦୨୧-୨୨ ଆର୍ଥିକ ବର୍ଷରେ ୬୦ ହଜାର ଥିଲା। ହେଲେ ୨୦୨୪-୨୫ ଏଥିରେ ବୃଦ୍ଧି ଘଟି ୨ ଲକ୍ଷ ୩୧ ହଜାର,୪୫୨ରେ ପହଞ୍ଚିଛି। ବ୍ୟାପକ ସଚେତନତା ଅଭିଯାନ ଏବଂ ଦେଶ ବାହାରେ ପ୍ରୟାସ ଯୋଗୁ ଅଧିକ ସଂଖ୍ୟାକ ସ୍ୱେଚ୍ଛାକୃତ ଭାବେ ବିଦେଶୀ ସମ୍ପତ୍ତି ଘୋଷଣା କରିଛନ୍ତି। ଫଳରେ ୨୦୨୩-୨୪ ତୁଳନାରେ ସ୍ୱେଚ୍ଛାକୃତ ଘୋଷଣାରେ ୪୫.୧୭% ବୃଦ୍ଧି ପାଇଛି। ପ୍ରାରମ୍ଭରୁ କମନ୍ ରିପୋର୍ଟିଂ ଷ୍ଟାଣ୍ଡାର୍ଡ ପ୍ରକ୍ରିୟାକୁ ଗ୍ରହଣ କରିଥିବା ଦେଶମାନଙ୍କ ମଧ୍ୟରୁ ଭାରତ ହେଉଛି ଗୋଟିଏ। ଏହି ପ୍ରକ୍ରିୟା ମାଧ୍ୟମରେ ଭାରତ ୨୦୧୮ ମସିହାରୁ ବିଭିନ୍ନ ଦେଶରୁ ଆର୍ଥିକ ସୂଚନା ହାସଲ କରିଆସୁଛି। ୧୨୫ ରୁ ଅଧିକ ଦେଶ ଆର୍ଥିକ ତଥ୍ୟର ସ୍ୱୟଂଚାଳିତ ବିନିମୟରେ ଅଂଶଗ୍ରହଣ କରନ୍ତି, ଆକାଉଣ୍ଟ, ବାଲାନ୍ସ, ଲାଭାଂଶ ଏବଂ ମୋଟ ଦେୟ ବିଷୟରେ ବିବରଣୀ ଆଦାନପ୍ରଦାନ କରନ୍ତି। ଏଥିସହିତ, ଭାରତ ମଧ୍ୟ ବୈଦେଶିକ ଆକାଉଣ୍ଟସ୍ ଟିକସ ଅନୁପାଳନ ଆଇନ, ୨୦୧୦ ର ଆନ୍ତଃ-ସରକାରୀ ଚୁକ୍ତିନାମା ଅଧୀନରେ ଆମେରିକା ସହିତ ସମାନ ତଥ୍ୟ ଆଦାନପ୍ରଦାନ କରୁଛି।

# ରହସ୍ୟାଚି-ଶ୍ରୀଜଗନ୍ନାଥ



କିଶୋର ଚନ୍ଦ୍ର ଜେନା
ପୂର୍ବତନ ବରିଷ୍ଠ ଅଧିକାରୀ
(ବି.ଏସ୍.ଏନ୍.ଏଲ) ଓ
ଆଇନଜୀବୀ
ମୋ: ୯୪୩୭୦୪୧୩୦୦

ରହସ୍ୟମୟ ଠାକୁର ଶ୍ରୀଜଗନ୍ନାଥଙ୍କ ରହସ୍ୟ ଜାଣିବା ମାନବ କ'ଣ ଦେବତାମାନଙ୍କୁ ମଧ୍ୟ ଅଗୋଚର। ଶାସ୍ତ୍ର ଏବଂ ଇତିହାସର ପୃଷ୍ଠଭୂମିକୁ ନେଇ ଇତିହାସକାର ଏବଂ ଶାସ୍ତ୍ରକାରମାନେ ଜଗନ୍ନାଥଙ୍କୁ ଆମେ ଅଷ୍ଟମ ଶତାବ୍ଦୀର ସଂରଚନା ବୋଲି କହିଥାଉ ଏବଂ ପରବର୍ତ୍ତୀ ସମୟରେ ବହୁ ନୂତନ ତତ୍ତ୍ୱ ଏବଂ ନୂଆନୂଆ ବିଚାରକୁ ସମୀକୃତ କରିଛି। ବିଭିନ୍ନ ଶାସ୍ତ୍ର ଏବଂ ପୁରାଣମାନଙ୍କରେ ପୁରୀକୁ ଶ୍ରୀକ୍ଷେତ୍ର ଏବଂ ଜଗନ୍ନାଥଙ୍କୁ ପୁରୁଷୋତ୍ତମ ନାମରେ ବର୍ଣ୍ଣନା କରାଯାଇଅଛି।

ତେଣୁ ଶ୍ରୀଜଗନ୍ନାଥଙ୍କ ବିଷୟରେ ଅନେକ କଥା ଲେଖା ଅଛି, ଲେଖା ଚାଲିଛି ଏବଂ ଆଲୋଚନା ଓ ପର୍ଯ୍ୟାଲୋଚନାର ସୀମା ନାହିଁ। ମାତ୍ର ତାଙ୍କର ଆଦି କେଉଁଠି ଅନ୍ତ କେଉଁଠି। ଏବେ ମଧ୍ୟ ତାହା ରହସ୍ୟାବୃତ। ସବୁରି ମନରେ ପ୍ରଶ୍ନ ଉଙ୍କିମାରେ, କିଏ ଏହି ଦେବତା? ସମଗ୍ର ବିଶ୍ୱରେ ଜଗତର ନାଥ ଭାବରେ ନମସ୍ୟ ଆଉ ଉପାସ୍ୟ କାହିଁକି? ଏହାର ଉତ୍ତର ଅତ୍ୟନ୍ତ କଠିନ ହେଲେ ମଧ୍ୟ, ତାଙ୍କୁ ଯିଏ ଯେଉଁ ଭାବରେ ଚାହିଁଛି ବା ଡାକିଛି, ସେ ସେହି ଭାବରେ ପାରିଛି ବା ଦେଖା ଦେଇଛି। ଏହା ସତ୍ତ୍ୱେ ଶ୍ରୀଜଗନ୍ନାଥ ଅତ୍ୟନ୍ତ ରହସ୍ୟମୟ। ତାଙ୍କର ସମସ୍ତ ତତ୍ତ୍ୱ ଓ ଦର୍ଶନ ଅତ୍ୟନ୍ତ ଗଭୀର ଓ ବ୍ୟାପକ, ଚିନ୍ତା ଚେତନାର ଅନେକ ଉର୍ଦ୍ଧ୍ୱରେ।

ଶ୍ରୀଜଗନ୍ନାଥଙ୍କ କେତୋଟି ରହସ୍ୟମୟ ତତ୍ତ୍ୱ ଏଠାରେ ଆଲୋଚନା କରାଯାଇ ପାରେ, ଏଠାରେ 'ବ୍ରହ୍ମଦାରୁ' ବିଷୟଟିକୁ ପ୍ରଥମେ ଆଲୋଚନା କରାଯାଉ। ଯେଉଁ ଅପୁରକ୍ଷେୟ ଦାରୁ ସାଗର ସୈକତରେ ଭାସମାନ ହୋଇ ଦର୍ଶନ ଦେଇଥିଲେ, ତାହା ନିଶ୍ଚିତ 'ବ୍ରହ୍ମଦାରୁ' ହୋଇପାରେ, ବିଷ୍ଣୁ ପୁରାଣରେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପ୍ରଚେଷ୍ଟାରେ ଶ୍ରୀଜଗନ୍ନାଥଙ୍କ ସୌମ୍ୟ ବିଗ୍ରହ ହିଁ ବ୍ରହ୍ମଦାରୁରେ ନିର୍ମିତ ହୋଇ ପୂଜା ପାଇଲେ। କିନ୍ତୁ ମହାରାଜା ଇନ୍ଦ୍ରଦ୍ୟୁମ୍ନ ସେହି ଦାରୁରେ କେବଳ ଶ୍ରୀଜଗନ୍ନାଥଙ୍କ ମହାପ୍ରଭୁ ଏକ ମାତ୍ର ମୂର୍ତ୍ତି ନିର୍ମାଣ କରିଥିଲେ ନା ଚତୁର୍ଦ୍ଧା ମୂର୍ତ୍ତି ବିଗ୍ରହ ପ୍ରତିଷ୍ଠା କରିଥିଲେ, ଏ ବିଷୟରେ ପୁରାଣରେ କୌଣସି ଆଖ୍ୟାୟିକାକୁ ସିଦ୍ଧାନ୍ତ ରୂପେ ମାନି ନେବା ଠିକ୍ ହେବ ନାହିଁ। ଏଥିରେ ପୃଥକ ପୃଥକ ମତବାଦ ଅଛି। କେତକ ଇନ୍ଦ୍ରଦ୍ୟୁମ୍ନ ଚତୁର୍ଦ୍ଧାମୂର୍ତ୍ତିଙ୍କର ପ୍ରତିଷ୍ଠା କଥା କହିଥିବା ବେଳେ ଆଉ କେତେକ କୁହନ୍ତି ଶ୍ରୀଜଗନ୍ନାଥ ମୁଖ୍ୟତଃ ଆଦ୍ୟ ଉପାସ୍ୟ ବିଗ୍ରହ ରୂପେ ପ୍ରତିଷ୍ଠିତ ହୋଇଥିଲେ। ଅତଏବ ବିଭିନ୍ନ ଆଲୋଚନାରୁ ଏତିକି ମାତ୍ର ନିର୍ଧାର୍ଯ୍ୟ କରାଯାଇପାରେ ଯେ ଶ୍ରୀଜଗନ୍ନାଥ ହେଉଛନ୍ତି ସ୍ୱୟଂ 'ବ୍ରହ୍ମଦାରୁ'।

ଏଠାରେ ମନରେ ପ୍ରଶ୍ନ ଉଙ୍କିମାରେ ଶ୍ରୀଜଗନ୍ନାଥଙ୍କୁ 'ଦାରୁବ୍ରହ୍ମ' କୁହାଯିବାର ଯଥାର୍ଥତା କ'ଣ? ଶ୍ରୀମନ୍ଦିରରେ ରତ୍ନ ସିଂହାସନାଧିଷ୍ଠିତେ ଏହି ଦାରବୀୟ ଚତୁର୍ଦ୍ଧା ବିଗ୍ରହଙ୍କୁ 'ସୌରଗଣନା ଅନୁଯାୟୀ ଯେଉଁ ବର୍ଷ ଯୋଡ଼ା ଆଷାଢ଼, ଅଧିମାସ ଏବଂ ମଳମାସରେ ପଡ଼େ, ସେହି ବର୍ଷ ନବ କଳେବର ଅନୁଷ୍ଠିତ ହୁଏ।' ଦାରୁସ୍ଥିତ ବ୍ରହ୍ମଙ୍କର ଘଟ ପରିବର୍ତ୍ତନ କରାଯାଇ ନୂତନ ବିଗ୍ରହମାନଙ୍କରେ ସଂସ୍ଥାପନ କରାଯାଇଥାଏ। ବାସ୍ତବରେ ଶ୍ରୀଜଗନ୍ନାଥଙ୍କ ବ୍ରହ୍ମ ସଂସ୍ଥାପନ କେବଳ କରାଯାଇ ନୂତନ ବିଗ୍ରହ ମଣ୍ଡିତ କରାଯାଇଥାଏ ନା ଅନ୍ୟ ବିଗ୍ରହମାନଙ୍କର ନୂତନ କଳେବର ନିର୍ମାଣ କରାଯାଇ ପୁନଃ ପ୍ରତିଷ୍ଠିତ ହୋଇଥାନ୍ତି। ଏହା ସବୁ ଗୋପନରେ ହୋଇଥାଏ ଏବଂ ଏହା ମର୍ମ ମଧ୍ୟ ଏକାନ୍ତ ଗୋପନୀୟ ଏବଂ ଏଯାବତ୍ ରହସ୍ୟାବୃତ୍ତ।

ବିଧି ବିଧାନ ଅନୁଯାୟୀ ଶ୍ରୀଜୀଉଙ୍କର ନବକଳେବର ସମ୍ପାଦିତ ହେଉଥିଲେ ହେଁ ଇତିହାସ ପ୍ରମାଣ ଦିଏ ଯେ ଶ୍ରୀ ଜଗନ୍ନାଥଙ୍କ ମହାପ୍ରଭୁଙ୍କ ନବକଳେବର ବିଭିନ୍ନ ସମୟରେ ବହୁବାର ଘଟିତ ହୋଇଅଛି। କିନ୍ତୁ ଏହା ମଧ୍ୟ ଧ୍ରୁବ ସତ୍ୟ ଯେ ସେ ହେଉଛନ୍ତି ଦାରୁବ୍ରହ୍ମ ସ୍ୱରୂପାୟ ଏବଂ ସେ ରହସ୍ୟାତୀତ। ତାଙ୍କର ରହସ୍ୟ କେବଳ ତାଙ୍କୁ ଜଣା। ଶ୍ରୀ ଜଗନ୍ନାଥ ହେଉଛନ୍ତି ଅନନ୍ତ କୋଟି ବ୍ରହ୍ମାଣ୍ଡର ନାୟକ, ସକଳ ଚିନ୍ତା-ଚେତନା ଓ ମତବାଦର ଉର୍ଦ୍ଧ୍ୱରେ ଅବସ୍ଥିତ। ଅପୌରକ୍ଷେୟ ଶାଶ୍ୱତ ସତ୍ତା ହିଁ ଭଗବାନ ରୂପେ ପୁରାଣ ଓ ଗ୍ରନ୍ଥରେ ମହାମାନ୍ଵିତ ଓ ମହିମାମଣ୍ଡିତ। ସେ ଦେବ, ଦାନବ ଓ ମାନବଙ୍କ ଭାବନାର ବହୁ ଉର୍ଦ୍ଧ୍ୱରେ ଥିବା ସହସ୍ରାଶୀର୍ଷା ପୁରୁଷ। 'ସହସ୍ରଶୀର୍ଷାଃ ପୁରୁଷ ସହସ୍ରାକ୍ଷ ସହସ୍ରପାତ ବୋଲି ଋଗ୍‌ବେଦରେ ବର୍ଣ୍ଣିତ। ସେ ଅନାଦି, ଅନନ୍ତ, ଅବ୍ୟକ୍ତ, ଅଚିନ୍ତ୍ୟ ଅପ୍ରକାଶ୍ୟ, ଅକ୍ଷୟ, ଅବ୍ୟୟ, ଅବିନଶ୍ୱର, ଅବତାରୀ ଓ ଅବତାର। ସେ ସଗୁଣ-ନିର୍ଗୁଣ, ସାକାର-ନିରାକାର, ସେ ସ୍ରଷ୍ଟା ପୁଣି ସୃଷ୍ଟି, ସେ ପ୍ରତୀକ ପୁଣି ପ୍ରତିମା, ସେ କୀର୍ତ୍ତି ପୁଣି କୃତ। ସକଳ ଅବତାରର ପ୍ରତିଭୂ ପୁରୁଷୋତ୍ତମ ଶ୍ରୀ ଜଗନ୍ନାଥ ହିଁ ଅଖିଳ ବ୍ରହ୍ମାଣ୍ଡର ସ୍ରଷ୍ଟା। ଯୁଗେ ଯୁଗେ ଧର୍ମ ସଂସ୍ଥାପନାର୍ଥେ ଭିନ୍ନ ଭିନ୍ନ ଲୀଳା ସଂରଚନା ପୂର୍ବକ ନିତ୍ୟଲୀଳାରେ ନିମଗ୍ନ। ପୂର୍ଣ୍ଣବ୍ରହ୍ମ ହିଁ ଦାରୁବ୍ରହ୍ମ ରୂପେ ନୀଳାଚଳ ଧାମରେ ଦିବ୍ୟଲୀଳାରେ ସଂଯୁକ୍ତ। ବିଭିନ୍ନ ସମୟରେ ଅଧର୍ମର ବିନାଶ ନିମିତ୍ତ ସେ ଦଶ ଅବତାରରେ ଅବତୀର୍ଣ୍ଣ ହୋଇଥିଲେ ଯଥା ମୀନ, କଚ୍ଛପ, ବରାହ, ନୃସିଂହ, ବାମନ, ପର୍ଶୁରାମ, ରାମ, ବଳରାମ, ବୁଦ୍ଧ ଓ କଳ୍କୀ। ରସ କଳ୍ପଦ୍ରୁମରେ ବର୍ଣ୍ଣିତ ଶ୍ଳୋକ ପ୍ରତିପାଦିତ କରୁଛି ଯେ ସେ ସ୍ତମ୍ଭଜାତ ଶ୍ରୀନୃସିଂହ।

'ଅବତାର ତ୍ରୟଂ
ବିଷ୍ଣୋର୍ଭକ୍ଷଦୌକଳ ରାକ୍ଷସାଃ /
ଶେଷବତାର ରକ୍ଷାର୍ଥଂ ନରସିଂହ
ବନଂଗତଃ ॥'

ଏଥିରୁ ସ୍ପଷ୍ଟ ଅନୁମିତ ଯେ, ଶ୍ରୀ ଜଗନ୍ନାଥଙ୍କ ଆଦ୍ୟରୂପ ମହାଦାରୁ ଓ ସତ୍ତ୍ୱତଃ ସେ ଦାରୁବ୍ରହ୍ମ ଠିକ୍ ସେହିପରି ଭଗବାନ, ନୃସିଂହ ଦାରୁରୂପୀ - ସ୍ତମ୍ଭ ବା କାଷ୍ଠରୁ ଆବିର୍ଭୂତ। ଅତଏବ ଦାରୁବ୍ରହ୍ମ ଶ୍ରୀ ଜଗନ୍ନାଥ ଓ ସ୍ତମ୍ଭଜାତ ଶ୍ରୀ ନୃସିଂହ ଏକ ଓ ଅଭିନ୍ନ। ପରବ୍ରହ୍ମ ଶ୍ରୀ ବିଷ୍ଣୁଙ୍କ ଦୁଇ ପ୍ରକାଶ ହିଁ ଦାରୁବ୍ରହ୍ମ ଓ ଶ୍ରୀ ନୃସିଂହ। ଦାରୁବ୍ରହ୍ମ ଶ୍ରୀ ଜଗନ୍ନାଥ ହିଁ ସକଳ ସୃଷ୍ଟିର ଏକମାତ୍ର ଉପାସ୍ୟ ଦେବତା - 'ସର୍ବେଷାଂ ଚୈବ ଦେବାନାଂ ରାଜା, ପୁରୁଷୋ ମଃ', ଚାରିଧାମ - ଚାରିରୂପ, ଚର୍ତୁଃ ଲୀଳାରେ ସେ ହିଁ ଏକ ଓ ଅଭିନ୍ନ। ତେଣୁ କଳିଯୁଗରେ ନୀଳାଚଳ ଧାମରେ ଉପାସିତ ଶ୍ରୀ ଜଗନ୍ନାଥ ହିଁ ଶ୍ରୀ ବିଷ୍ଣୁଙ୍କ ପ୍ରକାଶ। ଅତିବଡ଼ି ଜଗନ୍ନାଥ ଦାସ, ଶ୍ରୀ ଜଗନ୍ନାଥ ଓ ଶ୍ରୀ ନୃସିଂହଙ୍କ ଅଭେଦ ମହିମାର ବର୍ଣ୍ଣନା କରି କହିଛନ୍ତି ଯେ - 'ନମଇଁ ନୃସିଂହ ଚରଣ - ଅନାଦି ପରମକାରଣ'।

'ଶ୍ରୀକ୍ଷେତ୍ରରେ ଦାରୁପୂଜନ ବା ଜଗନ୍ନାଥଙ୍କ ପୂଜା ଅର୍ଚ୍ଚନା ପୂର୍ବରୁ - ମହାପ୍ରଭୁ ଶ୍ରୀ ନୃସିଂହ ଉପାସିତ ବୋଲି ସ୍କନ୍ଦ ପୁରାଣ, ନିଳାଦ୍ରି ମହୋଦୟ, ବାମନ ସଂହିତା, ମତ୍ସ୍ୟପୁରାଣ, କୂର୍ମପୁରାଣ ଆଦି ସ୍ପଷ୍ଟ ସୂଚନା ପ୍ରଦାନ କରେ। ଶ୍ରୀଜଗନ୍ନାଥ ତତ୍ତ୍ୱ ଓ ଦର୍ଶନରେ ଶ୍ରୀ ନୃସିଂହ ଚେତନା ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଶ୍ରୀକ୍ଷେତ୍ରରେ ଶ୍ରୀନୃସିଂହଙ୍କ ଉପାସନାର ଧାରା ବହୁ ପ୍ରାଚୀନ, ଶ୍ରୀକ୍ଷେତ୍ରସ୍ଥ ରତ୍ନବେଦୀରେ ମହାପ୍ରଭୁଙ୍କ ଚତୁର୍ଦ୍ଧା ମୂର୍ତ୍ତି ଉପାସିତ। ଶ୍ରୀଜଗନ୍ନାଥ, ବିଶୁଦ୍ଧ ଶ୍ରୀବଳଭଦ୍ର ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କ ତତ୍ତ୍ୱ ସହିତ ଶ୍ରୀନୃସିଂହଙ୍କ ତତ୍ତ୍ୱ ଆରୋପିତ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମଧ୍ୟ ଚାରିବେଦ ସହିତ ମହିମାନ୍ଵିତ କରାଯାଇ ସଂଶ୍ଳିଷ୍ଟ କରାଯାଇ ଅଛି। ଶ୍ରୀବଳଭଦ୍ର - ଋଗ୍‌ବେଦ, ଶ୍ରୀ ନୃସିଂହ - ସାମ୍‌ବେଦ, ଦେବୀ ସୁଭଦ୍ରା - ଯଜୁର୍ବେଦ, ଶ୍ରୀ ସୁଦର୍ଶନ - ଅଥର୍ବ ବେଦ ବୋଲି କୁହାଯାଇଛି। ଶ୍ରୀ ପୁରୁଷୋତ୍ତମ ମହାତ୍ମ୍ୟରେ ବର୍ଣ୍ଣିତ ଶ୍ଳୋକଟି ହେଲା :-

'ଋଗ୍‌ବେଦ ରୂପୀ ହଳଧୃକ୍
ସାମରୂପୋନୃ କେଶରୀ
ଯଦୁମୂର୍ତ୍ତି ସ୍ତ୍ରିୟଂ ଭଦ୍ରା
ଚକ୍ରାମାର୍ବଣଂ ସ୍ମୃତମ୍ ॥'

ତତ୍ତ୍ୱତଃ ଶ୍ରୀ ଜଗନ୍ନାଥଙ୍କ ମୌଳିକ ରୂପ ହିଁ ଶ୍ରୀନୃସିଂହ। ଶ୍ରୀ ନୃସିଂହ ହିଁ ଚତୁର୍ଦ୍ଧାମୂର୍ତ୍ତିରେ ରତ୍ନସିଂହାସନରେ ପୂଜିତ। ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମାଙ୍କୁ ପୃଥିବୀ ପୃଷ୍ଠକୁ ନିମନ୍ତ୍ରିତ କରିଆଣିଥିଲେ। ସେ ବ୍ରହ୍ମ ଦେବଙ୍କ ମୁଖରୁ ପ୍ରଥମ ମନ୍ତ୍ର ଉଚ୍ଚାରିତ ହୋଇଥିଲା।

ଉଗ୍ରଂ ବୀରଂ ମହାବିଷ୍ଣୁ ଜ୍ୱଳନ୍ତ
ସର୍ବୋତ ମୁଖମ୍
ନୃସିଂହ ଭୀଷଣ ଭଦ୍ର
ମୃତ୍ୟୁଂନମାମ୍ୟହମ ॥

ନୃସିଂହଙ୍କ ପ୍ରଥମ ଉଗ୍ରରୂପ ଅମୃତର ପ୍ରତୀକ, ଦ୍ୱିତୀୟରେ ସେ ବୀର, ତୃତୀୟରେ ସେ ମହାବିଷ୍ଣୁ, ଚତୁର୍ଥରେ ସେ ଜ୍ୱଳନ୍ତ, ପଞ୍ଚମରେ ସର୍ବୋତୋମୁଖ, ଷଷ୍ଠରେ ନୃସିଂହ, ସପ୍ତମରେ ଭୀଷଣ, ଅଷ୍ଟମରେ ଭଦ୍ର, ନବରେ ମୃତ୍ୟୁ - ମୃତ୍ୟୁ, ଦଶମରେ ସେ ନମାମି ଏବଂ ଏକାଦଶରେ, ଅହମ। ପୁରୁଷୋତ୍ତମ ମାହାତ୍ମ୍ୟର ବର୍ଣ୍ଣାନୁସାରେ ନୃସିଂହ ଉପନିଷଦାନ୍ତର୍ଗତ ଦ୍ୱାତ୍ରିଂଶକ୍ଷରୀ ମନ୍ତ୍ରରାଜ ମନ୍ତ୍ର ପୁରୁଷୋତ୍ତମ କ୍ଷେତ୍ରରେ ଆଦି ମନ୍ତ୍ର ଭାବରେ ଗୃହୀତ ହୋଇଛି। ତେଣୁ ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତି ଓ ପରମ୍ପରାରେ ଶ୍ରୀନୃସିଂହ ଉପାସନା ଏକ ଅବିଚ୍ଛେଦ୍ୟ ଅଙ୍ଗ। ତୁମ୍ଭର ରହସ୍ୟ ଏତେ ରହସ୍ୟାତୀତ ଯେ, ଏଥିପାଇଁ ବିଭିନ୍ନ ଉପାସକମାନେ ତୁମକୁ ନିଜର ମତବାଦ ଅନୁସାରେ ବିଭିନ୍ନ ଭାବରେ ପୂଜା କରନ୍ତି। ବୈଦିକମାନଙ୍କ ତୁ ଭୁଃ, ଭର୍ବଃ ସ୍ୱଃ। ବୌଦ୍ଧମାନଙ୍କ ମତରେ ବୁଦ୍ଧ, ଧର୍ମ ଓ ସଂଘ, ଜୈନମାନଙ୍କ କୈବଲ୍ୟ, ଶୈବମାନଙ୍କ ମତରେ ଶିବ, ପାର୍ବତୀ ଗଣେଶ, ଶାକ୍ତମାନଙ୍କ ମତରେ ତୁ ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ, ତାନ୍ତ୍ରିକମାନଙ୍କ ମତରେ ଭୈରବ, ମହାକାଳ ଓ ଉତ୍ତରସାଧକ ଏବଂ ଜ୍ଞାନୀମାନଙ୍କ ମଧ୍ୟରେ ସତ୍, ଚିତ୍ ଓ ଆନନ୍ଦ ସ୍ୱରୂପ। ତତ୍ତ୍ୱଦର୍ଶୀମାନଙ୍କ ପାଇଁ ତୁ ସୁଗୁଣ ଆଉ ସାକାର। କାହାପାଇଁ ତୁ ରାମ ପୁଣି କୃଷ୍ଣ। ତୁ ପୁଣି ପରମ ପୁରୁଷ, ପୁରୁଷୋତ୍ତମ ଓ ପତିତପାବନ। ତେଣୁ ଆଜିର ଏହି ଏକ ବିଂଶ ଶତାବ୍ଦୀରେ ତୋର ରହସ୍ୟମୟ ସଂସ୍କୃତି ଶ୍ରୀଜଗନ୍ନାଥ ସଂସ୍କୃତି ଶାନ୍ତିପୂର୍ଣ୍ଣ ସଂହତି ଓ ସହାବସ୍ଥାନର ପ୍ରତୀକ। ଆଜିର ବିଶ୍ୱର ବିଭିନ୍ନ ପ୍ରାନ୍ତରେ ବର୍ଣ୍ଣଗତ ଓ ଜାତିଗତ ବିଭେଦ ରକ୍ତପାତର କାରଣ ହେଲାବେଳେ, ସମ୍ପ୍ରଦାୟଗତ ଓ ଭାଷାଗତ ବୈଷମ୍ୟ ଅହମିକାଭରା ମଣିଷକୁ ବିଚ୍ଛିନ୍ନ କରିଥିବା ବେଳେ ଜଗନ୍ନାଥ ସଂସ୍କୃତି ସାମ୍ୟ, ମୈତ୍ରୀ, ଭାତୃଭାବ ଓ ଜାତିଗତ ଚେତନାର ଏକ ମଦନ୍ୟୟ ସଂଜୀବନୀ ଭାବରେ ଉପସ୍ଥିତା (ତେଣୁ ତାଙ୍କୁ ଆସନ୍ତୁ ଆମେ ସମସ୍ତେ ଜଗନ୍ନାଥ ସଂସ୍କୃତିର ସାମ୍ୟ, ମୈତ୍ରୀ ଓ ଭାତୃଭାବରେ କରୁଣାର ସଂଜୀବନୀ ସିଂଚନ କରିବା ଯାହାଫଳରେ ବିଶ୍ୱରେ ସେହି ମାନବୀୟ ସଂକଟ ମୋଚନ ହୋଇ ପାରିବ। ତାଙ୍କର ରହସ୍ୟକୁ ସ୍ୱୟଂ ବ୍ରହ୍ମା ଓ ଦେବତାଗଣ ବୁଝିବା କଷ୍ଟକର ତେଣୁ ଛାର ମଣିଷ କ'ଣ ବୁଝିବ।) ତେଣୁ ତାଙ୍କର ରହସ୍ୟକୁ ବୁଝିବାକୁ ଚେଷ୍ଟା ନ କରି ତାଙ୍କର ସେହି ଚେତନାରେ ନିଜକୁ ବାନ୍ଧିଦେବା ଏକ ଭକ୍ତିର ପସରା ଏବଂ ଭାବର ଡଙ୍ଗା ଭସେଇଦେବା ଯାହା ଫଳରେ ତାଙ୍କର କୁରୁଣା ଆମ ଉପରେ ନିର୍ଗତ ହେବ।

# ଯଥା ରାବଣସ୍ୟ ମନ୍ଦୋଦରୀ...



ନିରଞ୍ଜନ ସାହୁ
ମୋ : ୯୪୩୮୪୮୨୯୧୧
(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ପୂର୍ବତନ ବରିଷ୍ଠ ଅଧିକାରୀ)

ପିଲାଦିନେ କୌଣସି ବୈବାହିକ କାର୍ଯ୍ୟରେ ଯୋଗଦେଲେ ଅନ୍ୟକିଛି ମନେ ରହୁ ବା ନରହୁ ବ୍ରାହ୍ମଣଙ୍କର ସମୂହ ଶ୍ଳୋକ ଉଚ୍ଚାରଣ ମଧ୍ୟରୁ ଶୀର୍ଷକଟି ମନେ ରହିଯାଉଥିଲା। ଏହାର କାରଣ ଥିଲା ବାଲ୍ୟକାଳରୁ ସେଇ ପୌରାଣିକ ଚରିତ୍ରମାନଙ୍କ ସହିତ ପରିଚିତି। ବିବାହ ସତରେ ଏକ ବହୁ ପ୍ରାଚୀନ ସାମାଜିକ ଅନୁଷ୍ଠାନ। ଏହା ପ୍ରାୟତଃ ପୃଥିବୀରେ ବସବାସ କରୁଥିବା ସମସ୍ତ ଧର୍ମାବଲମ୍ବୀଙ୍କ ଦ୍ୱାରା ଗୃହିତ। ଏହା ପୁରୁଷ ଓ ନାରୀଙ୍କ ଭିତରେ ଏକ ସ୍ଥୂଳ ମିଳନ କେବଳ ନୁହେଁ, ବରଂ ଏହା ଦୁହିଁଙ୍କ ଭିତରେ ସୃଷ୍ଟି କରେ କିଛି ଆଇନଗତ ସଂପର୍କ ଏବଂ ନୂତନ ପୀଢ଼ି ପାଇଁ କିଛି ଦାୟିତ୍ୱ ଓ କର୍ତ୍ତବ୍ୟ। ସଂକ୍ଷିପ୍ତରେ କହିଲେ ଏତେକ ଯଥେଷ୍ଟ ହେବ ଯେ ପାରିବାରିକ ବନ୍ଧନର ମୂଳ ସୂତ୍ର ହେଲା ବିବାହ।

ପ୍ରାୟ ସାଢ଼େ ଚାରି ହଜାର ବର୍ଷ ଆଗରୁ ମଧ୍ୟ ବୈବାହିକ ପରମ୍ପରା ଥିଲା ବୋଲି ଇତିହାସରୁ ପ୍ରମାଣ ମିଳେ। ଗୋଟିଏ ବିବାହରେ କିଏ କ'ଣ ବରପକ୍ଷକୁ ଖୋଜୁଥାଏ ସେ କଥା ଏକ ପୁରାତନ ଶ୍ଳୋକରୁ ଜଣାଯାଏ।

'କନ୍ୟା ବରୟତେ
ରୂପମ୍ ମାତା ବିତ୍ତଂ ପିତା ଶ୍ରୁତମ୍
ବାଂଧବାଃ କୁଳମିଚ୍ଛନ୍ତି
ମିଷ୍ଟାନ୍ନ - ମିତରେ ଜନାଃ।'

ଯେମିତି ଦୃଷ୍ଟିକୋଣ ବଦଳିଲେ କୌଣସି ବସ୍ତୁର ରୂପ ଅଲଗା ଦିଶେ, ସେଇମିତି ଚମତ୍କାର ଭାବରେ ଶ୍ଳୋକ ରଚୟିତା ବିଭିନ୍ନ ଲୋକଙ୍କର ଆବଶ୍ୟକତାକୁ ବଖାଣିଥିଲେ। କୃଷିଭିତ୍ତିକ ସଭ୍ୟତା ଥିଲାବେଳେ ଯେ ସବୁ ଠିକ୍ ଚାଲିଥଲା; ମାତ୍ର ସଭ୍ୟତାର ଯେଉଁ ସ୍ତରରେ ମଣିଷ ସମାଜ ଅଧୁନା ପହଞ୍ଚିଲାଣି ସେଠାରେ ବିବାହ କଣ ପୂର୍ବପରି ଏକ ସର୍ବସ୍ୱୀକୃତ ଅନୁଷ୍ଠାନ ଭାବରେ ବଂଚିପାରିବ, ତାହା ଏକ ପ୍ରଶ୍ନବାଚୀ ପାଲଟିଛି।

୧୯୫୦ ମସିହା ପର୍ଯ୍ୟନ୍ତ ଭାରତୀୟ ସମାଜରେ ସ୍ୱାମୀ ଥିଲେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି, ସ୍ତ୍ରୀଙ୍କର ଦାୟିତ୍ୱ ଥିଲା ଘର ସମ୍ଭାଳିବା, ପୁତ୍ରକନ୍ୟା ତଥା ପରିବାରର ଅନ୍ୟମାନଙ୍କର ଯତ୍ନ ନେବା, ରୋଷେଇ କରିବା ଇତ୍ୟାଦି। କ୍ରମେ କ୍ରମେ ଯୁଗ୍ମ ପରିବାରର ପତନ ହେଲା, ଗଢ଼ି ଉଠିଲା ଏକକ ପରିବାର; ମାନେ ସ୍ୱାମୀସ୍ତ୍ରୀ ଏବଂ ସେମାନଙ୍କ ପିଲାଙ୍କୁ ନେଇ। ହେଲେ ସେଇ ଧାରା ଅଟକି ଯାଇ ନଥିଲା, କ୍ରମେ ବ୍ୟକ୍ତିକୈନ୍ଦ୍ରିକ ପାଲଟିଲା ମଣିଷର ମନ ଆଉ ସେଇ କ୍ରମରେ ସ୍ତ୍ରୀ ଲୋକମାନେ ଆସ୍ତେ ଆସ୍ତେ କେବଳ ପରିବାରର କର୍ତ୍ତ୍ରୀ ଭାବରେ, ତାଙ୍କର ଭୂମିକାକୁ ନେଇ ସୁଖୀ ହୋଇ ପାରିଲେ ନାହିଁ, ସେମାନେ ନିଜର କ୍ୟାରିଅର ପାଇଁ ଅଧିକ ଆଗ୍ରହୀ ହେଲେ। ଏହାର ଫଳ ହେଲା ଏହା ଯେ, ବିବାହର ବୟସ କ୍ରମେ ଅଧିକରୁ ଅଧିକ ହୋଇଗଲା। ପତି ବାଛିବାର ଅଧିକାର ପତ୍ନୀଙ୍କର ପାଲଟିଲା। କ୍ରମେ ବିବାହ ପ୍ରସଙ୍ଗରେ ପରିବାରର ଅନ୍ୟାନ୍ୟ ସଦସ୍ୟଙ୍କର କଥାର ଗୁରୁତ୍ୱ ବି କମ୍ ହୋଇ ଚାଲିଲା।

ବିଦେଶରେ ଏବେ ଦେଖା ହେଉଛି ସେଠାରେ ଖୁବ୍ କମ୍ ଲୋକ ବିବାହ ବନ୍ଧନରେ ବାନ୍ଧି ହେବାକୁ ଚାହୁଁଛନ୍ତି। ଆଗରୁ ଆମେରିକାରେ ହାରାହାରି ଭାବରେ ଶତକଡ଼ା ପଞ୍ଚାନବେ ଲୋକ ବିବାହ ବନ୍ଧନରେ ରହୁଥିଲେ; ମାତ୍ର ସେଠାକାର ସ୍ଥିତି ଏପରି ହେଲାଣି ଯେ ୨୦୧୯ରେ ପ୍ରକାଶିତ ଏକ ସର୍ବେକ୍ଷଣ ଅନୁଯାୟୀ ସେଠାରେ ତେପନ ପ୍ରତିଶତ ବିବାହ କରୁଛନ୍ତି, ନଅ ଶତକଡ଼ା ବିବାହ ନ କରି ନିଜ ଇଚ୍ଛାମତେ ବନ୍ଧୁ ବା ବାନ୍ଧବୀ ସହିତ ରହୁଛନ୍ତି ଏବଂ ପ୍ରାୟ ଅଢ଼ତିରିଶ ପ୍ରତିଶତ ଲୋକ ଅବିବାହିତ ରହିବାକୁ ପସନ୍ଦ କରୁଛନ୍ତି।

ବିବାହ ପାଇଁ ସବୁଠୁ ବଡ଼ ବିପଦ ସୃଷ୍ଟି କରୁଛି କ୍ରମବର୍ଦ୍ଧିଷ୍ଣୁ ଛାଡ଼ପତ୍ର। ନିଜକୁ ମୁକ୍ତ ବୋଲି ଭାବୁଥିବା ତଥାକଥିତ ସଭ୍ୟ ସମାଜରେ ପୁରୁଷ ଓ ସ୍ତ୍ରୀ ଭାବୁଛନ୍ତି ବିବାହ ଯେମିତି କିଛି ଜରୁରୀ ଚିଜ ନୁହେଁ। ଆଧୁନିକ ଜୀବନ ଶୈଳୀରେ ସେମାନେ ଏତେ ବିଭୋର ହୋଇଯାଉଛନ୍ତି, ଯାହାଫଳରେ ସେମାନଙ୍କ ଭିତରେ ବହୁ ପୁରୁଷ ଅଥବା ବହୁ ନାରୀପ୍ରତି ଆକର୍ଷଣ ସୃଷ୍ଟି ହୋଇଯାଉଛି। ଆଗ କାଳରେ ବିବାହକୁ ଧର୍ମ ସହିତ ଏପରି ଯୋଡ଼ି ଦିଆଯାଉଥିଲା ଯେ ବିବାହ ବାହାରେ ଅନ୍ୟ କୌଣସି ସଂସର୍ଗ ଥିଲା ଅଗ୍ରହଣୀୟ। ଉପଭୋଗ ପ୍ରବଣତା ଯେତେ ଯେତେ ବଢ଼ି ବଢ଼ି ଯାଉଛି ବିବାହ ରୂପୀ ଅନୁଷ୍ଠାନ ସେତେ ଦୁର୍ବଳ ହୋଇ ଯାଉଛି।

ଆମେରିକାର ଜଣେ ତଥାକଥିତ ଗବେଷକ ଆଣ୍ଡ୍ରୁ ଚେରର୍ବିନଙ୍କ ମତରେ ୨୦୦୪ ପରଠାରୁ ବସ୍ତୁତଃ ସେଠାରେ ବିବାହ ତାର ଆନୁଷ୍ଠାନିକ ଗୁରୁତ୍ୱ ହରେଇ ବସିଛି। ବିବାହ ସମ୍ପର୍କରେ ଯେଉଁସବୁ କଟକଣା ଥିଲା ସେଗୁଡ଼ିକ କ୍ରମଶଃ ଦୁର୍ବଳ ହୋଇଯାଇଛି ଏବଂ ପାରମ୍ପାରିକ ଭାବରେ ବିବାହରୁ ଯାହା ଉପକାର ମିଳୁଥିଲା ସେଗୁଡ଼ିକ ସେତେ ଗ୍ରହଣୀୟ ହେଉନାହିଁ। ଧରନ୍ତୁ ଆଗରୁ ବିବାହ କହିଲେ ତାହା ଥିଲା ପୁରୁଷ ସହିତ ସ୍ତ୍ରୀର ମିଳନ; ମାତ୍ର ବିଭିନ୍ନ ଉଦାର ସଭ୍ୟତାବାଦୀଙ୍କ ଚାପରେ ଆମେରିକାରେ ବିବାହ ଆଇନ ପରିବର୍ତ୍ତିତ ହୋଇଛି। ଯେମିତି ସେଠାରେ ଜଣେ ପୁରୁଷ ଆଉ ଜଣେ ପୁରୁଷଙ୍କୁ ଜୀବନସାଥୀ ରୂପେ ଗ୍ରହଣ କରିପାରିବେ କିମ୍ବା ଜଣେ ମହିଳା ଆଉ ଜଣେ ମହିଳାଙ୍କୁ ବିବାହ କରିବାରେ ଆଇନ ପ୍ରତିବନ୍ଧକ ନାହିଁ। ଏପରିକି ଆମ ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ମଧ୍ୟ ଯେ ସଂକ୍ରାନ୍ତରେ ମାମଲା ଚାଲୁଅଛି। ଦକ୍ଷିଣପନ୍ଥୀମାନେ ଏହାକୁ ଆମର ସଂସ୍କୃତିର ପରିପନ୍ଥୀ କହି ବିରୋଧ କରୁଥିବା ବେଳେ କିଛି ଗୋଷ୍ଠୀ ତାହା ସପକ୍ଷରେ ଅଛନ୍ତି।

ଅନେକ ମହିଳାଙ୍କର ଧାରଣା ସେମାନେ ବାରମ୍ବାର ମାତୃତ୍ୱ ଲାଭ କଲା ହେତୁ ସେମାନଙ୍କର ସୌନ୍ଦର୍ଯ୍ୟ କମି ଯାଉଛି। ଏହା ମଧ୍ୟ କେତେକାଂଶରେ ବିବାହ ବିରୋଧୀ ମାନସିକତା ସୃଷ୍ଟି କରୁଛି। କିଛି ବ୍ୟକ୍ତି ସେମାନଙ୍କର କ୍ୟାରିଅରରେ ଏତେ ନିମଗ୍ନ ରହୁଛନ୍ତି ଯେ ବିବାହ ଓ ପରିବାର ସେମାନଙ୍କ ପାଇଁ ପ୍ରାଥମିକତା ହୋଇ ରହୁନାହିଁ, ପାରମ୍ପରିକ ମାତୃତ୍ୱ ଏକ କଷ୍ଟକର ପ୍ରକ୍ରିୟା ହୋଇଥିବାରୁ ଏବଂ ଆଧୁନିକ ବିଜ୍ଞାନର ଉପଯୋଗ ଫଳରେ ଅନ୍ୟ କାହାରି ଜରାୟୁରେ ନିଜର ସନ୍ତାନ ବଢ଼ାଇବା ପାଇଁ କିଛି ଲୋକ ମଧ୍ୟ ଅଧିକ ଗ୍ରହଣୀୟ ଭାବୁଛନ୍ତି ଯାହା ବିବାହର ପ୍ରୟୋଜନୀୟତା ଉପରେ ଅଙ୍କୁଶ ଲଗାଉଛି।

ଆଗରୁ ହିନ୍ଦୁ ଧର୍ମରେ ବିବାହକୁ ଏପରି ପ୍ରାଧାନ୍ୟ ଦିଆଯାଉଥିଲା ଯେ ଯେଉଁ ଚତୁର୍ବର୍ଗ ଫଳପ୍ରାପ୍ତି ଜୀବନର ସର୍ବୋଚ୍ଚ ଅଭିଳାଷ ବୋଲି ଦର୍ଶାଯାଉଥିଲା ତାହା ବିବାହ ମାଧ୍ୟମରେ ସମ୍ଭବ ବୋଲି ଧାରଣା ସୃଷ୍ଟି କରାଯାଉଥିଲା। ବିବାହିତ ବ୍ୟକ୍ତି ହିଁ କେବଳ ଧାର୍ମିକ ଅନୁଷ୍ଠାନ କରିବା ପାଇଁ ଅନୁମତିପ୍ରାପ୍ତ ବୋଲି ବିବେଚିତ ହେଉଥିଲେ। କୋର୍ଟମାନଙ୍କର ଉଦାର ବ୍ୟାଖ୍ୟା ଏବଂ ମାନବିକ ଅଧିକାରର କଷଟି ଭିତରେ ସେଇ କଥାମାନ ପୁରାତନ ପାଲଟି ବର୍ଜନୀୟ ସ୍ତରକୁ ଆସିଗଲେଣି। ପୁରୁଷାର୍ଥର ଚାରିଟି ଦିଗରେ ନାରୀର ଉପସ୍ଥିତି ବୋଲି ଯେଉଁ କଥା ଥିଲା ତାକୁ ଆଜିର ବିଜ୍ଞାନୀସମାଜ ହସରେ ଉଡ଼େଇ ଦେବାକୁ ବ୍ୟାକୁଳ।

ବିବାହର ଉପକାରିତା ଭିତରେ ପ୍ରମୁଖ ଥିଲା ଏହା ମଣିଷକୁ କ୍ରମଶଃ କମ୍ ମଦ୍ୟପାନ କରିବାରେ ପ୍ରଚୋଦିତ କରୁଥିଲା ଏବଂ ଏହା ନାରୀ ଓ ପୁରୁଷଙ୍କର ମନସ୍ତାତ୍ତ୍ୱିକ ସନ୍ତୁଳନ ଓ ସନ୍ତୁଷ୍ଟି ସମ୍ୟକ୍ ରହୁଥିଲା। ଆଧୁନିକ ସଭ୍ୟତାରେ ନାରୀ ଓ ପୁରୁଷ ଉଭୟ ପଣ୍ୟ ପାଲଟି ଯିବାରୁ ଦୀର୍ଘ ଜୀବନର ଆନନ୍ଦ ଅପେକ୍ଷା ରାତିକର ଆନନ୍ଦ ଯୁବକ ଯୁବତୀଙ୍କୁ ବେଶୀ ଆମୋଦିତ କଲା ଆଉ ନିକଟ ହୋଇଗଲା ଦୁର୍ଗପତନର ବେଳ। ପାଶ୍ଚାତ୍ୟ ଦେଶରେ ଛାଡ଼ପତ୍ର ହାର ଚିନ୍ତାଜନକ; ଯୁକ୍ତରାଷ୍ଟ୍ର ଆମେରିକାରେ ଏହା ୪୫ ଶତକଡ଼ା ଥିଲାବେଳେ ଗ୍ରେଟ୍ ବ୍ରିଟେନ୍‌ରେ ୪୧ ପ୍ରତିଶତ, ରୁଷିଆରେ ୭୩ ପ୍ରତିଶତ। ଏତେ ସତ୍ତ୍ୱେ ଭାରତରେ ଏହା ବର୍ତ୍ତମାନ ୧ (ଏକ) ପ୍ରତିଶତ ରହିଛି ମାତ୍ର ବିବାହ ବିଚ୍ଛେଦ ସଂଖ୍ୟା ଦ୍ରୁତ ବୃଦ୍ଧି ପାଉଛି।

ଆମେ ସମସ୍ତେ ସେଇ ପାଶ୍ଚାତ୍ୟ ଅନୁକରଣରେ ବ୍ୟସ୍ତ। ସେମାନଙ୍କୁ ଅଧିକ ସଭ୍ୟ ଓ ଶିକ୍ଷିତ ଭାବୁଛନ୍ତି ଆମେ। ହେଲେ ସେ ଦେଶମାନଙ୍କର ଛାଡ଼ପତ୍ର ସଂଖ୍ୟା କଣ ସୂଚେଇ ଦେଉନି ସେ ଦେଶରେ ଭାଙ୍ଗିଯାଉଥିବା ପରିବାରମାନଙ୍କର ସ୍ଥିତି। ପରିବାରହିଁ ଥିଲା ସମାଜର ଏକକ। ତାକୁ ସଂଯୋଗ କରୁଥିଲା ବିବାହ ପରି ଅନୁଷ୍ଠାନ। ତାହାର ଆବଶ୍ୟକତା ନାହିଁ ବୋଲି ଯେଉଁମାନେ ଭାବୁଛନ୍ତି ସେମାନେ କେବଳ ନିଜର ନୁହେଁ ସମଗ୍ର ମାନବ ସମାଜର ଓ ସଭ୍ୟତାର ଏକ ବିକଳ ଭବିଷ୍ୟତକୁ ହାତଠାରି ଡାକୁଛନ୍ତି। ଆମେ ବନ୍ୟରୁ ସଭ୍ୟ ହୋଇଥିଲେ, ପୁଣି କ'ଣ ଆଉ ଥରେ ସେଇ ବନ୍ୟ ସଭ୍ୟତାକୁ ପ୍ରସ୍ଥାନ କରିବା?

# ଆକାଶ ପଥରେ ମୃତ୍ୟୁ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୭୯୭୮୬୬୬୪୦୩

ଗଲା ଗୁରୁବାର ଦିନ ଅହମଦାବାଦ ବିମାନ ବନ୍ଦର ନିକଟରେ ଏୟାର ଇଣ୍ଡିଆର ବୋଇଂ ୭୮୭ ଡ୍ରିମଲାଇନ୍ ବିମାନ ଦୁର୍ଘଟଣା କେବଳ ସମଗ୍ର ଦେଶ ପାଇଁ ଏକ ଆଘାତ ନୁହେଁ, ଏହାର ଭାରତର ବେସାମରିକ ବିମାନ ଚଳାଚଳ କ୍ଷେତ୍ର ପାଇଁ ଏକ ଶକ୍ତ ଧକ୍କା ବୋଲି କୁହାଯାଇପାରିବ। ଏହି ଭୟଙ୍କର ବିମାନ ଦୁର୍ଘଟଣାରେ ବର୍ତମାନ ସୁଦ୍ଧା ମୃତ୍ୟୁ ସଂଖ୍ୟା୨୭୪କୁ ବୃଦ୍ଧି ପାଇଥିବାବେଳେ ମୃତକଙ୍କ ମଧ୍ୟରେ ୨୨୯ଜଣ ଯାତ୍ରୀ, ଦୁଇ ପାଇଲଟ୍, ୧୦ବିମାନ କର୍ମଚାରୀ, ୧୦ଡାକ୍ତରୀ ଛାତ୍ର ଏବଂ ଅନ୍ୟ ସାଧାରଣ ନାଗରିକ ଅଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱରେ ଯାତ୍ରୀ ପରିବହନ କ୍ଷେତ୍ରରେ ଭାରତ ଏବେ ତୃତୀୟ ବୃହତମ ବେସାମରିକ ବିମାନ ଚଳାଚଳ ବଜାର ଭାବେ ଉଭା ହୋଇଥିବା ବେଳେ ମାଲ ପରିବହନ କ୍ଷେତ୍ରରେ ମଧ୍ୟ ବିଶ୍ୱରେ ଷଷ୍ଠ ବୃହତମ କ୍ଷେତ୍ରର ମର୍ଯ୍ୟଦା ହାସଲ କରିଛି। କେବଳ ଏତିକି ନୁହେଁ, ଏହା ମଧ୍ୟ ଭାରତୀୟ ଅର୍ଥନୀତିର ସବୁଠାରୁ ଦ୍ରୁତ ଅଭିବୃଦ୍ଧିକାରୀ କ୍ଷେତ୍ରଗୁଡିକ ମଧ୍ୟରେ ଅନ୍ୟତମ। ସେହିପରି ଗତ କିଛି ବର୍ଷ ମଧ୍ୟରେ 'ଉଡାନ' ଯୋଜନାରେ ଦେଶ ମଧ୍ୟରେ ବିମାନ ଚଳାଚଳ ସେବାକୁ ସଂଯୋଗ କରାଯାଇଥିବାବେଳେ ନୂତନ ବିମାନ ବନ୍ଦର ପ୍ରତିଷ୍ଠା ଓ ବିମାନ ବନ୍ଦରଗୁଡିକର ସଂପ୍ରସାରଣ ଦିଗରେ ଭାରତ ଅଗ୍ରସର ହେଉଛି। ଦିନକୁ ଦିନ ମଧ୍ୟ ଦେଶରେ ବିମାନ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଉଲ୍ଲେଖଯୋଗ୍ୟ ଯେ,୨୦୧୯ରେ ଦେଶରେ ବିମାନ ଯାତ୍ରୀଙ୍କ ସଂଖ୍ୟା ୧୩୭.୬ ମିଲିୟନ ଥିବାବେଳେ ୨୦୨୪ରେ ବିମାନ ଯାତ୍ରୀଙ୍କ ସଂଖ୍ୟା ୨୨୮ମିଲିଅନକୁ ବୃଦ୍ଧି ପାଇଛି। ସେହିପରି ଦେଶରେ ୨୦୧୯ରୁ ୨୦୨୪ ମଧ୍ୟରେ ୬୪୬ ରୁ ୮୨୩ କୁ ବୃଦ୍ଧି ପାଇଛି। ଦେଶର କେତେକ ବଡ ବଡ କଥା ଆନ୍ତର୍ଜାତିକ ବିମାନ ବନ୍ଦରରୁ କେତେକ ଦେଶକୁ ସିଧାସଳଖ ବିମାନ ଉଡାଣ ସଂଯୋଗ ହୋଇଛି। କହିବା ବାହୁଲ୍ୟ ଯେ, ଦେଶରେ ମଧ୍ୟବିତ୍ତ, ଆୟକାରୀ ଏବଂ ପ୍ରଫେସନାଲ ବିମାନ ଯାତ୍ରୀଙ୍କ ସଂଖ୍ୟା ମଧ୍ୟ ଦିନକୁ ଦିନ ବଢିବାରେ ଲାଗିଛି। ଏହା ନିସନ୍ଦେହ ଯେ, ସଡକ ଓ ରେଳ ପରିବହନ ପରେ ବିମାନ ପରିବହନ ଏବେ ଦେଶରେ ତୃତୀୟ ବୃହତମ ଯାତ୍ରୀ ପରିବହନ କ୍ଷେତ୍ରର ମର୍ଯ୍ୟାଦା ହାସଲ କରିଛି। ଦେଶରେ ଦିନକୁ ଦିନ ବିମାନ ଯାତ୍ରୀଙ୍କ ସଂଖ୍ୟା ବଢୁଥିବାବେଳେ ଅହମଦାବାଦରେ ଭୟଙ୍କର ଦୁର୍ଘଟଣା ଭାରତର ବେସାମରିକ ବିମାନ ଚଳାଚଳ ଇତିହାସରେ କେବଳ ସବୁଠାରୁ ବଡ ଛାତିଥରା ବିପର୍ଯ୍ୟୟ ନୁହେଁ, ଚଳିତ ଶତାବ୍ଦୀରେ ସବୁଠାରୁ ବଡ ଘାତକ ଦୁର୍ଘଟଣା ହୋଇଛି। ୧୯୯୬ ମସିହାରେ ହରିଆନା ଚାରଖିଦାଦ୍ରୀରେ ମଧ୍ୟ ଆକାଶରେ ଦୁଇଟି ବିମାନ ମଧ୍ୟରେ ଧକ୍କା, ଯେଉଁଥିରେ ୩୪୯ଜଣଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଏହା ହେଉଛି ଦେଶର ସବୁଠାରୁ ଭୟଙ୍କର ବିମାନ ଦୁର୍ଘଟଣା। ଏହା ନିଃସନ୍ଦେହ ଯେ, ଦେଶରେ ବିମାନ ଦୁର୍ଘଟଣା ନୂଆ ନୁହେଁ, କିନ୍ତୁ ବିରଳ ଶେଷଥର ପାଇଁ ୨୦୨୦ ଅଗଷ୍ଟରେ ଭାରତୀୟ ବିମାନ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଅହମଦାବାଦରେ ଦୁର୍ଘଟଣାଗ୍ରସ୍ତ ଏୟାର ଇଣ୍ଡିଆର ବୋଇଂ ୭୮୭ ଡ୍ରିମଲାଇନର ବିମାନଟି ୧୧ବର୍ଷର ପୁରୁଣା। ବିମାନଟି ଦୁଇଟି ଇଂଜିନି ବିଶିଷ୍ଟ। ତେବେ ପ୍ରଶ୍ନ ଉଠୁଛି ଦୁଇଟିଯାକ ଇଂଜିନ ଏକ ସମୟରେ ଅଚଳ ହେଲା କିପରି ? ଯାତ୍ରୀ ସୁରକ୍ଷା କ୍ଷେତ୍ରରେ ୭୮୭ ଡ୍ରିମଲାଇନର ସ୍ୱତନ୍ତ୍ର ରେକର୍ଡର ଅଧିକାରୀ। ଏହି ଡ୍ରିମଲାଇନ୍‌ର ବିମାନ ସେବା ଆରମ୍ଭର ୧୪ବର୍ଷ ମଧ୍ୟରେ ଏହା ପ୍ରଥମ ଦୁର୍ଘଟଣା ବୋଲି କୁହାଯାଏ। ଗଲା ୧୪ବର୍ଷ ମଧ୍ୟରେ ୭୮୭ ଡ୍ରିମଲାଇନ୍‌ର ୧୧୭୫ଟି ବିମାନ ଦୈନିକ ୨୧୦୦ଥର ଉଡାଣ କରିଥିବାବେଳେ ପ୍ରତ୍ୟହ ୧ବିଲିଅନ ଯାତ୍ରୀ ଉଡାଣ କରିଥାନ୍ତି। କେବେ କୌଣସି ଡ୍ରିମଲାଇନ୍‌ର ଦୁର୍ଘଟଣା ଗ୍ରସ୍ତ ହୋଇନଥିଲା। କିନ୍ତୁ ଏହା ସତ୍ୟ ଯେ, ଡ୍ରିମଲାଇନ୍‌ର ବିମାନରୁ ତୈଳ ଲିକ୍, ଲିଥିୟମ ବ୍ୟାଟେରୀରୁ ଧୂଆଁ ନିର୍ଗତ ଏବଂ କମ୍ପ୍ୟୁଟର ହ୍ୟାକ ନେଇ ଗୁଜବର ସମ୍ମୁଖୀନ ହୋଇଆସୁଥିଲା। ତେବେ ଅହମଦାବାଦ ବିମାନ ବନ୍ଦରରୁ ବିମାନଟି ଉଡାଣ ଆରମ୍ଭ କରିବାର କିଛି ସମୟ ପରେ ଦୁର୍ଘଟଣାଗ୍ରସ୍ତ ହେବା ନିଶ୍ଚିତ ଭାବେ ଚିନ୍ତାଜନକ। ଏହା ବିମାନରେ ଯାନ୍ତ୍ରୀକ ତୃଟି ନା ମଣିଷକୃତ ତ୍ରୁଟି ନା ଅନ୍ୟ କିଛି, ସେ ନେଇ ନିରପେକ୍ଷ ଭାବେ ବିସ୍ତୃତ ତଦନ୍ତ ହେବା ଆବଶ୍ୟକ। ଅବଶ୍ୟ ବିମାନ ବିଶାରଦମାନେ ଏ ନେଇ ତଦନ୍ତ ଜାରି ରଖିଥିବାବେଳେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଦୁର୍ଘଟଣାରେ ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରିଛି। ତେବେ ଆନ୍ତର୍ଜାତିକ ବେସାମରିକ ବିମାନ ଚଳାଚଳ ସଂଗଠନକୁ ୩୦ଦିନ ମଧ୍ୟରେ ପ୍ରାଥମିକ ତଦନ୍ତ ରିପୋର୍ଟ ପ୍ରଦାନ ବାଧ୍ୟତାମୂଳକ ରହିଛି। ଏହି ପ୍ରାଥମିକ ତଦନ୍ତ ରିପୋର୍ଟକୁ ସାର୍ବଜନୀନ କରାଯିବାର ଆବଶ୍ୟକତା ରହିଛି। ଏହା ନିସନ୍ଦେହ ଯେ, ଯାତ୍ରୀଙ୍କ ବିନା ବିମାନ ଚଳାଚଳ ଅସମ୍ଭବ। ଦେଶରେ ବିମାନ ଯାତ୍ରୀଙ୍କ ସଂଖ୍ୟା ବଢିବା ସହ ବିମାନ ଯାତ୍ରୀ ଉପରେ ଲୋକଙ୍କ ଆଶା ଭରସା, ଆସ୍ଥା ବଢିବାରେ ଲାଗିଛି। ଯେଉଁଭଳି ବିମାନଯାତ୍ରୀଙ୍କ ସଂଖ୍ୟା ବଢିବାରେ ଲାଗିଛି, ଆସନ୍ତା ବର୍ଷ ସୁଦ୍ଧା ଭାରତୀୟ ବିମାନ ସେବା ବିଶ୍ୱରେ ବିମାନ ଚଳାଚଳ ବଜାରରେ ସବୁଠାର ଦୃତ ଅଭିବୃଦ୍ଧିକାରୀ ସଂସ୍ଥାରେ ପରିଣତ ହେବା ନେଇ ଆଶା କରାଯାଉଛି। ଏପରି ସ୍ଥଳେ ଯାତ୍ରୀ ସୁରକ୍ଷା ସବୁଠୁ ଆଗରେ। ଭାରତୀୟ ଏୟାର ଲାଇନସ୍‌ରେ ସୁରକ୍ଷାମାନକୁ ସୁନିଶ୍ଚିତ କରିବା ପାଇଁ ପୁଞ୍ଜି ନିବେଶ ସହ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ ଓ ସକ୍ରିୟ କରାଯିବା ଜରୁରୀ। ଏହା ନିଶ୍ଚିତ ଅହମଦାବାଦ ବିମାନ ଦୁର୍ଘଟଣା ଦେଶରେ ବିମାନ ସେବା ଉପରେ କଳା ବାଦଲ ଢାଙ୍କି ଦେଇଛି। ଏହି କଳାବାଦଲକୁ ହଟାଇବା ପାଇ ଦୁର୍ଘଟଣାର କାରଣ ଖୋଜି ଦୋଷୀକୁ ଦାୟୀ କରାଯିବା ସହ ଦଣ୍ଡବିଧାନ ଏବଂ ଆବଶ୍ୟକୀୟ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯିବା ଜରୁରୀ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ପୁଣି ଭାରତ-ପାକିସ୍ତାନ ମ୍ୟାଚ



**ଲାଉସାନେ(ସୁଇଜରଲାଣ୍ଡ)**

ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଚେନ୍ନାଇ ଓ ମଦୁରାଇରେ ଜୁନିୟର ପୁରୁଷ ହକି ବିଶ୍ୱକପ୍ ଆୟୋଜନ କରାଯାଇଛି। ଏଥିପାଇଁ ସ୍ଥାନୀୟ ଏଫ୍ଆଇଏଚ୍ ମୁଖ୍ୟ କାର୍ଯ୍ୟାଳୟରେ ଡ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ତଦନୁସାରେ ଗ୍ରୁପ୍ ବିରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ବ୍ୟତୀତ ଚିଲି ଓ ସୁଇଜରଲାଣ୍ଡ ସ୍ଥାନ ପାଇଛନ୍ତି।

ଏହି ସଂସ୍କରଣରେ ପ୍ରଥମ ଥର ୨୪ଟି ଦଳ ଅଂଶଗ୍ରହଣ କରିବେ। ପୁଲ୍ ଏରେ ଜର୍ମାନୀ, ଦକ୍ଷିଣ ଆଫ୍ରିକା, କାନାଡା ଓ ଆୟର୍ଲାଣ୍ଡ ସ୍ଥାନ ପାଇଥିବା ବେଳେ ପୁଲ୍ ସିରେ ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ, ଜାପାନ ଓ ଚାଇନାକୁ ସ୍ଥାନ ମିଳିଛି । ପୁଲ୍‌ଡିରେ ସ୍ପେନ, ବେଲଜିୟମ, ଇଜିପ୍ଟ ଓ ନାମ୍ବିଆ ଏବଂ ପୁଲ୍ ଇରେ ନେଦରଲାଣ୍ଡସ୍, ମାଲେସିଆ, ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ରହିଛନ୍ତି। ସେହିପରି ପୁଲ୍ ଏଫ୍‌ରେ ଫ୍ରାନ୍ସ, ଅଷ୍ଟ୍ରେଲିଆ, କୋରିଆ ଓ ବାଂଲାଦେଶକୁ ନିଆଯାଇଛି।

ଇଣ୍ଟରନ୍ୟାଶନାଲ ହକି ଫେଡେରେଶନ ସଭାପତି ତୟାବ ଇକ୍ରାମ, ହକି ଇଣ୍ଡିଆ ସାଧାରଣ ସମ୍ପାଦକ ଭୋଳାନାଥ ସିଂ ଏବଂ ହକି ଇଣ୍ଡିଆ ମହାନିର୍ଦ୍ଦେଶକ ଆର୍.କେ. ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଜର୍ମାନୀ ବର୍ତ୍ତମାନ ଜୁନିୟର ପୁରୁଷ ବିଶ୍ୱକପ୍ ଚାମ୍ପିୟନ ୨୦୨୩ ସଂସ୍କରଣରେ ଦଳ ଫାଇନାଲରେ ଫ୍ରାନ୍ସକୁ ୨-୧ ଗୋଲ୍‌ରେ ପରାସ୍ତ କରିଥିଲା। ଜର୍ମାନୀ ରେକର୍ଡ ସର୍ବାଧିକ, ସେ ୬ଥର ଏହି ଟୁର୍ଣ୍ଣାମେଣ୍ଟର ଟାଇଟଲ ବିଜୟୀ ହୋଇଛି।

# ଟିମ୍ ଇଣ୍ଡିଆର ଲାଗି ଶୁଭ ସଙ୍କେତ: ନେଟ୍ସକୁ ଫେରିଲେ ବୁମରା

**ବର୍ମିଂହାମ**

ଷ୍ଟାର ପେସର ଯଶପ୍ରୀତ ବୁମରା ଶନିବାର ଭାରତୀୟ ଦଳର ଟ୍ରେନିଂକୁ ଫେରିଛନ୍ତି। ଏଜ୍‌ବାଷ୍ଟନରେ ଖେଳାଯିବାକୁ ଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ଲାଗି ଟିମ ଇଣ୍ଡିଆର ପ୍ରସ୍ତୁତିର ପ୍ରଥମ ଦିନରେ ବୁମରାଙ୍କ ଅନୁପସ୍ଥିତି ଚର୍ଚ୍ଚାର ବିଷୟ ପାଲଟି ଥିଲା। କିନ୍ତୁ ପ୍ରାକ୍ଟିସର ଦ୍ୱିତୀୟ ଦିନରେ ବୁମରା ଦଳର ଅନ୍ୟ ଖେଳାଳିଙ୍କ ସହ ଗ୍ରାଉଣ୍ଡରେ ଝାଳବୁହା ପରିଶ୍ରମ କରିଥିଲେ।



ସାଥି ପେସର ପ୍ରସିଦ୍ଧ କ୍ରିଷ୍ଣାଙ୍କ ସହ ବୁମରା ଡ୍ରିଲ୍ସ କରିବା ପରେ ସମସ୍ତ ୩ ପେସର ନେଟ୍ସରେ ବୋଲିଂ ଅଭ୍ୟାସ କରିଥିଲେ। ବ୍ୟାଟରଙ୍କ ମଧ୍ୟରେ ହେଡିଙ୍ଗଲେ ଟେଷ୍ଟରେ ପଦାର୍ପଣ କରିଥିବା ସାଇ ସୁଦର୍ଶନ ଅଭ୍ୟାସ କରିଥିଲେ। କିନ୍ତୁ ଏହି ପ୍ରାକ୍ଟିସ ସେସନରେ ଅଧିନାୟକ ଶୁବମନ ଗିଲ, ଉପ ଅଧିନାୟକ ରିଷଭ ପନ୍ତ, ଲୋକେଶ ରାହୁଲ ଓ ଯଶସ୍ୱୀ ଜୟସ୍ୱାଲ ଭାଗ ନେଇ ନ ଥିଲେ। ଏହି ୪ ବ୍ୟାଟର ଶୁକ୍ରବାର ଦୀର୍ଘ ଘଣ୍ଟା ଧରି ବ୍ୟାଟିଂ କରିଥିଲେ।

ଉପସ୍ଥିତି ଭାରତୀୟ ଦଳ ପାଇଁ ଏକ ଭଲ ସଙ୍କେତ ହେଲେ ଦ୍ୱିତୀୟ ଟେଷ୍ଟରେ ଖେଳିବେ କି ନାହିଁ, ସେଥିଲାଗି ଦ୍ୱନ୍ଦ୍ୱ ଲାଗି ରହିଛି । ୩୧ ବର୍ଷୀୟ ପେସର ପ୍ରଥମ ଟେଷ୍ଟରେ ୪୪ ଓଭର ବୋଲିଂ କରିଥିଲେ। କାର୍ଯ୍ୟଚାପ ମ୍ୟାନେଜମେଣ୍ଟ ଷ୍ଟ୍ରାଟେଜୀ ଯୋଗୁ ସେ ଏହି ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୩ ମ୍ୟାଚ୍ ଖେଳିବେ।

# ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ଉ

**ଗଞ୍ଜାମ : ନ୍ୟୁଜ୍ ବ୍ୟୁରୋ**

ଦିନକ ପରେ ନେଇଥାନ୍ତେ ଚାକିରୀରୁ ଅବସର। ସୋମବାର ଗଞ୍ଜାମ ବ୍ଲକରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ସୁଶୀଲ କୁମାର ପଣ୍ଡା ନିଜ ଚାକିରୀ ଜୀବନରୁ ଅବସର ନେଇଥାନ୍ତେ। କିନ୍ତୁ ବିଧିର ବିଧାନ ଶନିବାର ବ୍ରହ୍ମପୁର ଭିଜିଲାନ୍ସ ପକ୍ଷରୁ ସହକାରୀ ଯନ୍ତ୍ରୀ ପଣ୍ଡାଙ୍କ ବିଭିନ୍ନ ବାସଗୃହ ଆଦି ସ୍ଥାନରେ ଚଢ଼ାଉ କରିଥିବା ଘଟଣା ସମସ୍ତଙ୍କୁ ଚକିତ କରିଛି । ଏଥିସହ ବ୍ଲକ କାର୍ଯ୍ୟାଳୟ ମଧ୍ୟ ଭିଜିଲାନ୍ସର ଏକ ଟିମ ସହକାରୀ ଯନ୍ତ୍ରୀଙ୍କ ପ୍ରକୋଷ୍ଠରେ ଦୀର୍ଘ ସମୟ ଧରି ଏସଆଇ ସୌମ୍ୟ ରଞ୍ଜନ ପଣ୍ଡା, ଏ ଏସଆଇ ପ୍ରତାପ କୁମାର ଶତପଥୀ ପ୍ରମୁଖ ବିଭିନ୍ନ କାଗଜ ପତ୍ର ଯାଞ୍ଚ କରିଥିଲେ। ସେଠାରୁ ଦୁଇ ପକେଟ ବିସ୍କୁଟ ମିଳିଥିବା ଶୁଣିବାକୁ ମିଳିଛି । ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏକକାଳୀନ ୭ଟି ସ୍ଥାନରେ ଚଢ଼ାଉ ହୋଇଥିଲା। ବ୍ରହ୍ମପୁର ରାମହରି ନଗରରେ ଥିବା ସୁଶୀଲଙ୍କ ବାସଭବନ, ଆଙ୍ଗୁଲି ମୁକ୍ତେଶ୍ୱର ଆପାର୍ଟମେଣ୍ଟର ଦୁଇଟି ଫ୍ଲାଟ, ପୁରୀ ଚୁଡଙ୍ଗ ସାହି, କବିସୂର୍ଯ୍ୟନଗର ଗୁଡିଆଳିର ତାଙ୍କର ପୈତୃକ ଘର, ପୁରୁଷୋତ୍ତମପୁର ବେଢ ଗାଁରେ ଥିବା ତାଙ୍କର ପୈତୃକ ଘର ସହ ଗଞ୍ଜାମ ବ୍ଲକ କାର୍ଯ୍ୟାଳୟରେ ଏକକାଳୀନ ଭାବେ ୭ଟି ସ୍ଥାନରେ ଚଢ଼ାଉ କରିଛି ଭିଜିଲାନ୍ସ । ଏହି ଚଢ଼ାଉରେ ୬ ଜଣ ଡିଏସପି, ୭ ଜଣ ଇନ୍ସପେକ୍ଟର ସାମିଲ ହୋଇଛନ୍ତି । ଭିଜିଲାନ୍ସ ଚଢ଼ାଉ ସମୟରେ କିଛି ନଗଦ ଟଙ୍କା ସହ କିଛି ସୁନା ଅଳଙ୍କାର ଜବତ ହୋଇଥିବା ଜଣାପଡିଛି।

# କେନ୍ଦ୍ରାପଡା ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ନବସୃଜନ ଷ୍ଟାର୍ଟଅପ୍ ପ୍ରତିଯୋଗୀତା

**କେନ୍ଦ୍ରାପଡା : ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ଦୁଇଦିନିଆ ମହାବିଦ୍ୟାଳୟ ସ୍ତରୀୟ ନବସୃଜନ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଆଦ୍ୟାରଶ୍ମି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇର ରାଜ୍ୟ ଉପସଭାପତି ପ୍ରସନ୍ନ କୁମାର ପରିଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିବାବେଳେ ତନୁମାନସ ଗବେଷଣା ପ୍ରତିଷ୍ଠାନର ପ୍ରତିଷ୍ଠାତା ଅବିନାଶ ଦାସ ମୁଖ୍ୟ ବକ୍ତାଭାବେ ଯୋଗଦେଇ ପିଲାମାନଙ୍କୁ ନୂତନତ୍ୱର ପରିପ୍ରକାଶ ଓ ନବସୃଜନ ସଂପର୍କରେ ମତବ୍ୟକ୍ତ କରିଥିଲେ। ଏହାପରେ ପିଲାମାନଙ୍କ ମଧ୍ୟରେ ନବସୃଜନ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଯୁବ ରେଡ୍‌କ୍ରସର କାଉନ୍‌ସିଲର ପ୍ରଶାନ୍ତ ବେହେରା ପରିଚାଳନା କରିଥିଲେ।

# ଏସିଆ କପ୍‌ରେ ମୁହାଁମୁହିଁ ହେବେ ଭାରତ-ପାକିସ୍ତାନ

**ନୂଆଦିଲ୍ଲୀ**

ଆସନ୍ତା ସେପ୍ଟେମ୍ବରରେ ଭାରତରେ ଅନୁଷ୍ଠିତ ହେବାକୁ ଯାଉଛି ଏସିଆ କପ୍-୨୦୨୫। ଏହି ଟୁର୍ଣ୍ଣାମେଣ୍ଟରେ ଆଉ ମାତ୍ର ତିନି ମାସ ବାକି ଅଛି। କିନ୍ତୁ ଏହା ସତ୍ତ୍ୱେ ଟୁର୍ଣ୍ଣାମେଣ୍ଟର ଆୟୋଜନ ନେଇ ଆଶଙ୍କା ପ୍ରକାଶ ପାଇଛି। ଯଦି ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବରରେ ନହୁଏ, ତେବେ ଏହା ପରେ ଏହା ହେବା କଷ୍ଟକର ହେବ, କାରଣ ଏହା ପରେ ସମସ୍ତ ଦଳର ବିଭିନ୍ନ ମ୍ୟାଚ୍ ପାଇଁ କାର୍ଯ୍ୟସୂଚୀ ଜାରି ହୋଇଛି।

ଏହି ସମୟରେ, ଏସିଆ କପ୍ ସୋନିର ସରକାରୀ ପ୍ରସାରକ ଏକ ପୋଷ୍ଟର ଜାରି କରିଥିଲେ, ଯେଉଁଥିରେ ଭାରତ, ବାଂଲାଦେଶ ଏବଂ ଶ୍ରୀଲଙ୍କାର ଅଧିନାୟକଙ୍କୁ ଦେଖାଯାଇଥିଲା, କିନ୍ତୁ ଏହି ପୋଷ୍ଟରରେ ପାକିସ୍ତାନର ନାମ ନାହିଁ। ଏହା ପରେ ଆରମ୍ଭ ହୋଇଛି ଚର୍ଚ୍ଚା। ତେବେ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ଏସିଆ କପ୍-୨୦୨୫ ସମ୍ପର୍କରେ ଭାରତ ସରକାରଙ୍କ ସହ କଥା ହୋଇପାରନ୍ତି ନେଇ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହୋଇଛି। ସରକାରଙ୍କ ନିର୍ଦ୍ଦେଶ ପାଇବା ପରେ ହିଁ ବିସିସିଆଇ ଭାରତ କେବେ ଏବଂ କେଉଁଠାରେ ପାକିସ୍ତାନ ସହିତ ମ୍ୟାଚ୍ ଖେଳିପାରିବ ସେ ବିଷୟରେ ପରବର୍ତ୍ତୀ ନିଷ୍ପତ୍ତି ନେବ।

୨୨ ଏପ୍ରିଲରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ-ପାକିସ୍ତାନ ତିକ୍ତତା ଚରମସୀମାରେ ପହଞ୍ଚିଥିଲା। ଯଦିଓ ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ଅଛି, ଏହାର ପ୍ରଭାବ କ୍ରିକେଟ ଉପରେ ପଡିଛି। ଏଥର ଭାରତକୁ ଏସିଆ କପ୍ ୨୦୨୫ ଆୟୋଜନ କରିବାକୁ ପଡିବ। ଏପରି ପରିସ୍ଥିତିରେ, ଏହି ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ କେଉଁଠି ଖେଳିବ ଏବଂ ଭାରତ ସହିତ ମୁକାବିଲା କରିବ କି ନାହିଁ, ଏହା ଭାରତ ସରକାରଙ୍କ ନିର୍ଦ୍ଦେଶ ପାଇବା ପରେ ହିଁ ନିଷ୍ପତ୍ତି ନିଆଯାଇପାରିବ।

ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ, ବିସିସିଆଇ ଅଧିକାରୀ କହିଛନ୍ତି,'ଆମେ ଏପର୍ଯ୍ୟନ୍ତ ଏହା ବିଷୟରେ ଜାଣିନାହୁଁ। ମହିଳା କ୍ରିକେଟ ଭିନ୍ନ କାରଣ ଭାରତ-ପାକିସ୍ତାନ ମ୍ୟାଚ୍ ଉପରେ ଅଧିକ ଧ୍ୟାନ ଦିଆଯାଉନାହିଁ, କିନ୍ତୁ ପୁରୁଷ କ୍ରିକେଟକୁ କୋଟି କୋଟି ଲୋକ ଦେଖନ୍ତି। ଅପରେସନ ସିନ୍ଦୁର ପରେ, ଭାରତ-ପାକିସ୍ତାନ ମ୍ୟାଚ୍ ଉପରେ ସନ୍ଦେହର ବାଦଲ ରହିଛି। ଆମେ ଏହି ବିଷୟରେ ସରକାରଙ୍କ ସହ କଥା ହେବୁ'।

ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବରରେ ଭାରତରେ ଅନୁଷ୍ଠିତ ହେବାକୁ ଯାଉଛି। ପାକିସ୍ତାନ ତାର ମ୍ୟାଚ୍ କଲମ୍ବୋ କିମ୍ବା ଦୁବାଇରେ ଖେଳିପାରିବ, କିନ୍ତୁ ବିସିସିଆଇ ଏପର୍ଯ୍ୟନ୍ତ ଶ୍ରୀଲଙ୍କା କ୍ରିକେଟ୍ କିମ୍ବା ଏମିରେଟ୍ସ କ୍ରିକେଟ୍ ବୋର୍ଡ ସହିତ ପାକିସ୍ତାନର ମ୍ୟାଚ୍ ଆୟୋଜନ କରିବାର ସମ୍ଭାବନା ଉପରେ କଥା ହୋଇନାହିଁ, ଯେତେବେଳେ ଅକ୍ଟୋବରରେ ଭାରତ ଅକ୍ଟୋବର ୫ରେ କଲମ୍ବୋରେ ଆଇସିସି ମହିଳା କ୍ରିକେଟ୍ ବିଶ୍ୱକପରେ ପାକିସ୍ତାନ ସହିତ ମୁକାବିଲା କରିବ। ଏହା ମଧ୍ୟ ଭାରତ ଦ୍ୱାରା ଆୟୋଜିତ ହେଉଛି ଏବଂ ପାକିସ୍ତାନର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଅନୁଷ୍ଠିତ ହେବ।

# ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ରଥଟଣା
# ସୁଭଦ୍ରାଙ୍କ ରଥ ଟାଣିଲେ ମହିଳା



**ବାରିପଦା : ନ୍ୟୁଜ୍ ବ୍ୟୁରୋ**

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀ ଶ୍ରୀ ହରିବଳଦେବ ଜୀଉଙ୍କ ରଥଯାତ୍ରାର ପ୍ରଥମ ଦିନରେ ପ୍ରଥମେ ବଳଭଦ୍ରଙ୍କ ୧୪ ଚକ ବିଶିଷ୍ଟ ତାଳଧ୍ୱଜ ରଥକୁ ହଜାର ହଜାର ଭକ୍ତ ଶ୍ରୀ ମନ୍ଦିର ନିକଟ ରଥ ଖଳାରୁ ଟାଣି ନେଇ ରାଧା ମୋହନ ମନ୍ଦିର ଠାରେ ଥିବା ଗୁଣ୍ଡିଚା ମନ୍ଦିର ଆଗରେ ପହଞ୍ଚାଇ ଥିଲେ। ପରେ ପରେ ଦେବି ସୁଭଦ୍ରାଙ୍କର ୧୨ ଚକ ବିଶିଷ୍ଟ ଦେବଦଳନ ରଥକୁ ପରମ୍ପରା ମୁତାବକ କେବଳ ମହିଳା ଭକ୍ତମାନେ ଟାଣିନେଇ ଅଧାବାଟରେ ଅର୍ଥାତ ବାରିପଦା ଟାଉନ ଥାନା ସମ୍ମୁଖରେ ପହଞ୍ଚାଇଥିଲେ। ସେହିପରି ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର, ମୟୁରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରାଜ୍ୟ ଲକ୍ଷ୍ମୀ ଭଞ୍ଜଦେଓ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ମୟୁରଭଞ୍ଜ ଜିଲାପାଳ ହେମକାନ୍ତ ସଞ୍ଜୟ, ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ, ମୟୁରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲି ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ରଥ ଟାଣିଥିଲେ। ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ପରମ୍ପରା ମୁତାବକ ଦେବି ସୁଭଦ୍ରାଙ୍କ ଦେବଦଳନ ରଥକୁ କେବଳ ମହିଳା ମାନେ ଟାଣିଥାନ୍ତି। ଏହି ପରମ୍ପରା ୧୯୭୫ ମସିହା ଯେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥି ଥିଲେ, ସେତିକି ବେଳୁ ଆରମ୍ଭ ହୋଇଛି । ମହିଳା ମାନଙ୍କୁ ଅଗ୍ରାଧିକାର ଦେଇ ସେମାନଙ୍କୁ ସଶକ୍ତ କରାଯିବା ପାଇଁ ବାରିପଦା ମାଟିରୁ ଆରମ୍ଭ ହୋଇଥିବା ଏହି ପରମ୍ପରା ଅଦ୍ୟାବଧି ଚାଲୁ ରହିଛି । ତେବେ ରଥ ଟଣା ବେଳେ ଆଜି ମୁଖ୍ୟତଃ ପାଗ ଶୁଖିଲା ଥିବାରୁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଚଳିତ ବର୍ଷ ରଥଯାତ୍ରା ମେଳାରେ ଦୋଳି ସହିତ ବିଭିନ୍ନ ଆମୋଦ ପ୍ରମୋଦ ଏବଂ ଘର କରଣା ଜିଣିଷର ଦୋକାନ ଲାଗିଛି। ଏଣୁ କେବଳ ରଥ ଟଣା ନୁହେଁ ମେଳାରେ ମଧ୍ୟ ବ୍ୟାପକ ଭିଡ଼ ପରିଲକ୍ଷିତ ହେଉଛି।

# କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଦ୍ୱାରା ଟର୍ଫ କୋର୍ଟ ଉଦ୍‌ଘାଟିତ

**ବରଗଡ : ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ସ୍ଥିତ କ୍ରୀଷ୍ଣା ବିକାଶ ଶିକ୍ଷାନୁଷ୍ଠାନରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ବିଦ୍ୟାଳୟରେ ନବନିର୍ମିତ ଟର୍ଫ କୋର୍ଟ ଉନ୍ମୋଚନ ହୋଇଯାଇଛି । ପ୍ରକାଶ ଥାଉକି, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବାଦ୍ୟ, ନୃତ୍ୟ ଓ ସଙ୍ଗୀତର ତାଳେ ତାଳେ ଭବ୍ୟ ସ୍ୱାଗତ କରାଯାଇଥିଲା । କ୍ରୀଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଦାଶରୀ ମୂରଲୀ କ୍ରୀଷ୍ଣା କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। କେନ୍ଦ୍ର ମନ୍ତ୍ରୀ ନବନିର୍ମିତ ଟର୍ଫ କୋର୍ଟ ଉନ୍ମୋଚନ କରିବା ଅବସରରେ ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ, ତାଙ୍କୁ ଏହି ଟର୍ଫ କୋର୍ଟ ଦ୍ୱାରା ଛାତ୍ରଛାତ୍ରୀମାନେ ତାଙ୍କ ମନରେ ଖେଳ ଏବଂ କ୍ରୀଡ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ ଏବଂ ତାଙ୍କର ଶାରୀରିକ ଓ ମାନସିକ ବିକାଶ ହେବ ବୋଲି କହିଥିଲେ । ପରେ କ୍ରୀଷ୍ଣା ବିକାଶର କିଣ୍ଡର କସ୍‌ମସ୍‌ର ପପେଟ ଥାଏଟର, ଲାଇଫ ସ୍କୁଲ ଷ୍ଟୁଡିଓ ଏବଂ ଗ୍ରାଣ୍ଡମା କିଚେନ ପରିଦର୍ଶନ କରି ପ୍ରାଥମିକ ଛାତ୍ରଛାତ୍ରୀ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ନୂତନ ଶିକ୍ଷା ପ୍ରଣାଳୀ ଏବଂ କୌଶଳକୁ ଉଚ୍ଚ ପ୍ରସଂଶା କରିଥିଲେ।



କେନ୍ଦ୍ରମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କ୍ରୀଷ୍ଣା ବିକାଶ ଗ୍ରୁପ ଓ ଏହାର ଚେୟାର୍‌ମ୍ୟାନ ଡି.ମୂରଲୀ କ୍ରୀଷ୍ଣାଙ୍କୁ ଅଭିମନ୍ୟୁ ସାହିତ୍ୟ ସଂସଦ ସହଯୋଗରେ ଏହି ଅଂଚଳର ଭାଷା ଓ ସଂସ୍କୃତି ପାଇଁ ଏହି ପ୍ରକାର ଚେଷ୍ଟାର ଭୂୟସୀ ପ୍ରଶଂସା କରିଥିଲେ। ସେ କ୍ରୀଷ୍ଣା ବିକାଶ ସ୍କୁଲର ଶୈକ୍ଷିକ ବାତାବରଣକୁ ପ୍ରଶଂସା କରିବା ସହିତ ଏହି ସ୍କୁଲ୍‌ରେ ମାତୃଭାଷାକୁ ଗୁରୁତ୍ୱ ଦେବା ପାଇଁ ଉପଦେଶ ଦେଇଥିଲେ। କ୍ରୀଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଦାଶରୀ ମୂରଲୀ କ୍ରୀଷ୍ଣା କିଣ୍ଡର କସ୍‌ମସ ଉପରେ ବିଷଦ ବ୍ୟାଖ୍ୟା କରିବା ସହିତ ଲାଇଫ ସ୍କିଲ ଦ୍ୱାରା ଛାତ୍ରଛାତ୍ରୀଙ୍କ ମନରେ ଜିଜ୍ଞାସାର ଭାବ ଉଦ୍ରେକ ହେବ ବୋଲି ମତବ୍ୟକ୍ତ କରିଥିଲେ । ଏହାପରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ କ୍ରୀଷ୍ଣା ବିକାଶ ଅଡିଟୋରିୟମ ଠାରେ ଅନୁଷ୍ଠିତ ହେଉଥିବା ଜାତୀୟ ସ୍ତରୀୟ ହଲଧର ନାଗ ପାଠ ଚକ୍ର ହଲ୍‌ଧର-ସୃଜନ ଆଲ ଦର୍ସନରେ ଯୋଗଦାନ କରିଥିଲେ । ରାଜ୍ୟ ଶିକ୍ଷା ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ମାନୀତ ଅତିଥି ଭାବରେ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଏହି ଜାତୀୟ ସ୍ତରୀୟ ପାଠଚକ୍ରରେ ବରଗଡ଼ ସଂସଦ ପ୍ରଦୀପ ପୁରୋହିତ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ କୁମାର ଗଡତିଆ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, କ୍ରୀଷ୍ଣା ବିକାଶ ଶିକ୍ଷାନୁଷ୍ଠାନର ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା, ଆବାସିକ ବିଦ୍ୟାଳୟର ଏକଜ୍ୟୁକେଟିଭ ପ୍ରିନ୍ସିପାଲ ଶିଶିର ପ୍ରସାଦ ରାଉଳ, ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ (ସି.ବି.ଏସ୍.ଇ) ପ୍ରଦୀପ କୁମାର ସାହୁ, ଉପାଧ୍ୟକ୍ଷ (ଏକାଡ଼େମିକ୍ସ) ଡ. ମନୋଜ କୁମାର ତ୍ରିପାଠୀ ଓ ଅନେକ ଶିକ୍ଷାବିତ୍, ପ୍ରଫେସର, ଅନେକ ବରିଷ୍ଠ ସାହିତ୍ୟିକ, ବୁଦ୍ଧିଜୀବି, ସାହିତ୍ୟ ପିପାସୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ସୁଶାନ୍ତ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଶୋକ ପୂଜାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ପାଠଚକ୍ର ଦୁଇ ଦିନ ଧରି ବରାହଗୁଡ଼ା ସ୍ଥିତ କ୍ରୀଷ୍ଣା ବିକାଶ ଅଡିଟୋରିଅମ ଠାରେ ଅନୁଷ୍ଠିତ ହେବ।

# ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ



**ଶ୍ରୀ ଦୁର୍ଗା ଦାସ ଉଇକେ**
**କେନ୍ଦ୍ର ଜନଜାତି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ**

ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଲାଗି ଦେଶ ସର୍ବୋପରି ଥିଲା। ସେଥିପାଇଁ ସେ କ୍ଷମତା ତ୍ୟାଗ କରି ଦେଶର ଏକତା ଓ ଅଖଣ୍ଡତା ଲାଗି ନିଜର ସବୁକିଛି ତ୍ୟାଗ କରିଥିଲେ । ଦେଶରେ ଦୁଇଟି ନିୟମ, ଦୁଇଟି ପ୍ରଧାନ, ଦୁଇଟି ନିଶାନାକୁ ବିରୋଧ କରୁଥିଲେ । ଏଥିପାଇଁ ସ୍ୱତନ୍ତ୍ର ଭାରତବର୍ଷରେ ସେ ପ୍ରଥମ ରାଷ୍ଟ୍ରବାଦୀ ଆନ୍ଦୋଳନ ଆରମ୍ଭ କରିଥିଲେ । ଭାରତର ପୁନର୍ନିର୍ମାଣ ଲାଗି ଶ୍ୟାମାପ୍ରସାଦ ଜନସଂଘ ଗଢିଥିଲେ । ଜମ୍ମୁ ଓ କଶ୍ମୀରରେ ବିନା ପରମିଟରେ ଭ୍ରମଣ ଓ ପଶ୍ଚିମବଙ୍ଗର ଅଖଣ୍ଡତା ତାଙ୍କରି ଉଦ୍ୟମ ଲାଗି ସମ୍ଭବପର ହୋଇପାରିଛି ।

ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତାର ପ୍ରତୀକ, ପ୍ରଖର ରାଷ୍ଟ୍ରବାଦୀ, ଚିନ୍ତକ, ଜନସଂଘ ସଂସ୍ଥାପକ ଶ୍ୟାମାପ୍ରସାଦଙ୍କ ଅବର୍ତ୍ତମାନରେ ତାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଡା. ସାହେବଙ୍କ ଭାଷାରେ ରାଷ୍ଟ୍ରିୟ ଏକତାର ପୃଥିବୀ ଉପରେ ସୁନେଲି ଭବିଷ୍ୟତର ହିଁ ମୂଳଦୁଆ ସ୍ଥାପନ କରାଯାଇପାରେ । ଭାରତର ମୂଳ ସମସ୍ୟାକୁ ସମାଧାନ କରିବା ଦିଗରେ ଆଜୀବନ ସଂଘର୍ଷ କରିଥିବା ବ୍ୟକ୍ତିତ୍ୱ ହେଉଛନ୍ତି ଡ. ମୁଖାର୍ଜୀ। ସାଂସ୍କୃତିକ ରାଷ୍ଟ୍ରବାଦ ଉପରେ ପର୍ଯ୍ୟବସିତ ଜନସଂଘ ଓ ଆଜିକାର ବିଜେପି ଦଳ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଦୂରଦୃଷ୍ଟିର ଫଳସ୍ୱରୂପ।

ଶିକ୍ଷା ଓ ଔଦ୍ୟୋଗିକ କ୍ଷେତ୍ରରେ ପରିବର୍ତ୍ତନ ପାଇଁ ଡ.ମୁଖାର୍ଜୀ ବହୁ କାମ କରିଛନ୍ତି । ଗୁଣାତ୍ମକ ଶିକ୍ଷା ଓ ଗବେଷଣା କାର୍ଯ୍ୟର ସେ ପକ୍ଷଧର ଥିଲେ। କଶ୍ମୀରକୁ ଭାରତର ଅଭିନ୍ନ ଅଙ୍ଗର ମର୍ଯ୍ୟାଦା ଦେବା ଓ ଦେଶର ଅଖଣ୍ଡତା ଲାଗି ନିଜ ଜୀବନକୁ ବାଜିରେ ଲଗାଇବା ପରି ଉଲ୍ଲେଖନୀୟ କାର୍ଯ୍ୟର ସେ ହେଉଛନ୍ତି ସୂତ୍ରଧର।

ମାନବତାର ଉପାସକ, ପ୍ରଖର ରାଷ୍ଟ୍ରବାଦୀ ବିଚାରକ, ମହାନ ଶିକ୍ଷାବିଦ୍, ଜନସଂଘ ପ୍ରତିଷ୍ଠାତା ଡ. ମୁଖାର୍ଜୀ ଅଖଣ୍ଡତା ଲାଗି ଏକ ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ। ଆମେ ଏଭଳି ଦେଶରେ ରହିବା ଯେଉଁଠି ଆମ ଭବିଷ୍ୟତ ଆମ ପିଲାଙ୍କ ହାତରେ ରହିବ। ଯେଉଁଠି ଶାନ୍ତି, ପ୍ରଗତି, ଆଜାଦିର ବିଜୟ ଉଦଘୋଷଣା ହେବ।

ଏକଦା ଶ୍ୟାମାପ୍ରସାଦ କହିଥିଲେ ଯେ, ଯେଉଁ କାମ ଆମେ ଆରମ୍ଭ କରୁଛେ ତାକୁ ସମ୍ପୂର୍ଣ୍ଣ କରିବା ଦରକାର। ନିଜର ସର୍ବଶ୍ରେଷ୍ଠ ନଦେଲା ଯାଏ ସନ୍ତୁଷ୍ଟ ହେବା ଉଚିତ ନୁହେଁ । ଯହାଁ ହୁଏ ବଲିଦାନ ମୁଖାର୍ଜୀ ବହ କଶ୍ମୀର ହାମାର ହେ ନାରା ଦିନେ ଗୁଞ୍ଜୁରି ଉଠିଥିଲା। ଆଜି କଶ୍ମୀର ଶାନ୍ତ ଓ ଅଖଣ୍ଡ ଭାରତର ଅଂଶ ପାଲଟିଛି । ଧାରା ୩୭୦ ଉଚ୍ଛେଦ ହୋଇ କଶ୍ମୀର ଭାରତର ପ୍ରକୃତ ଭୂସ୍ୱର୍ଗ ପାଲଟିଛି।

ଆମ ପଥପ୍ରଦର୍ଶକ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ଦିନେ କହିଥିଲେ ଯେ, ଯେଉଁ ରାଷ୍ଟ୍ରର ସୈନିକ ବଳ ରହିଥିବ ସେହି ଦେଶ ପ୍ରକୃତପକ୍ଷେ ଶକ୍ତିଶାଳୀ ହୋଇପାରିବ। କିନ୍ତୁ ନିଜ ସ୍ୱାର୍ଥ ଦୃଷ୍ଟିରୁ ସେହି ରାଷ୍ଟ୍ର ଏହାର ଦୂରୁପଯୋଗ କରିନଥାଏ। ସେତେବେଳେ ଜମ୍ମୁ ଓ କଶ୍ମୀର ପ୍ରସଙ୍ଗରେ ବାହାରେ ପ୍ରସଙ୍ଗ ଉତଥାପନ କରୁଥିବା ନେତା ଡ. ମୁଖାର୍ଜୀ ଥିଲେ।

୧୯୪୭ ପରେ ଦେଶର କ୍ଷମତା ଡୋର ସମ୍ଭାଳିଥିବା କଂଗ୍ରେସ ଶାସନ କାଳରେ ଅଭାରତୀୟତା ବ୍ୟାପୁଥିବା ବେଳେ ଡ. ମୁଖାର୍ଜୀଙ୍କ ଉଦ୍ୟମରେ ପଶ୍ଚିମ ଦେଶର ଅନୁପ୍ରବେଶକୁ ରୋକିବା ଲାଗି ଭାରତୀୟତା ଓ ଶାଶ୍ୱତ ବିଚାରଧାରାର ଉଦ୍ରେକ ହୋଇଥିଲା। ସେହି ଅନୁରୂପ ଦେଶର ରାଜନୈତିକ ବିକାଶ ଲାଗି ଆପ୍ରାଣ ଉଦ୍ୟମ ଡ. ମୁଖାର୍ଜୀ କରିଥିଲେ। ଆଜିର ଭାରତୀୟ ଜନତା ପାର୍ଟି ବା ବିଜେପିର ପ୍ରାଣପୁଞ୍ଜ, ଆଧାରଶିଳା, ଆଧାର ସ୍ତମ୍ଭ, ପରିଦୃଶ୍ୟ, ସ୍ୱରୂପ ଡ. ମୁଖାର୍ଜୀ ହିଁ ରହିଥିଲେ।

୧୯୫୧ ସେ ଜନସଂଘ ପ୍ରତିଷ୍ଠା କରିଥିଲେ ଯାହା ପରେ ୧୯୮୦ରେ ବିଜେପିର ଆଧାରଶିଳାରେ ପରିଣତ ହେଲା । ସେ ପଣ୍ଡିତ ଜବାହରଲାଲ ନେହେରୁ ମନ୍ତ୍ରିମଣ୍ଡଳରେ ଉଦ୍ୟୋଗ ଓ ଅପୂର୍ତ୍ତି ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। କିନ୍ତୁ କଂଗ୍ରେସର ତୁଷ୍ଟିକରଣ ରାଜନୀତିରେ ନପଶି ଡ.ମୁଖାର୍ଜୀ ଦଳ ଛାଡି ବିପକ୍ଷରେ ବସିବାକୁ ଠିକ ଭାବିଥିଲେ। ସରକାରଙ୍କ ଦୋଷ ତ୍ରୁଟିକୁ ସଂସଦରେ ଉପସ୍ଥାପନ କରିବାରେ ଡ. ମୁଖାର୍ଜୀ ନିପୁଣ ଥିଲେ। ସାଧାରଣ ଜନତାର ସ୍ୱର ଭାବରେ ସଂସଦରେ ଶ୍ୟାମାପ୍ରସାଦ ବେଶ ପରିଚିତ ଥିଲେ। ଅଖିଳ ଭାରତୀୟ ହିନ୍ଦୁ ମହାସଭାର ଅଧ୍ୟକ୍ଷ ଭାବେ ଶ୍ୟାମାପ୍ରସାଦ ଦେଶର ସାମ୍ପ୍ରଦାୟିକ ସଦଭାବ ପ୍ରତିଷ୍ଠା ସହ ସାମାଜିକ ନ୍ୟାୟ ଲାଗି କାମ କରିଥିଲେ। ବଙ୍ଗ ବିଭାଜନ ପରେ ଶରଣାର୍ଥୀଙ୍କ ପୁନର୍ବାସ ପାଇଁ ସେ ଉଦ୍ୟମ କରିଥିଲେ।

୬ ଜୁଲାଇ ୧୯୦୧ରେ କୋଲକାତାର ଏକ ପ୍ରତିଷ୍ଠିତ ପରିବାରରେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ଜନ୍ମ ନେଇଥିଲେ । ତାଙ୍କ ବାପା ଆଶୁତୋଷ ମୁଖାର୍ଜୀ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ସେ ଦେଶର ଜଣେ ପ୍ରଖ୍ୟାତ ଶିକ୍ଷାବିଦ ଥିଲେ । ୧୯୧୭ରେ ଡ. ମୁଖାର୍ଜୀ ମାଟ୍ରିକ ପାସ ପରେ ୧୯୨୧ରେ ବିଏ ଓ ୧୯୨୩ରେ ଆଇନ ଉପାଧି ପ୍ରାପ୍ତ କରିଥିଲେ । ପରେ ୧୯୨୬ରୁ ବିଲାତରୁ ସେ ବାରିଷ୍ଟର ପାସ କରି ଭାରତ ଫେରିଥିଲେ।

ନିଜର ଯଶସ୍ୱୀ ପିତାଙ୍କ ଅନୁସରଣ କରି ସେ ଖୁବ କମ ଦିନରେ ବିଦ୍ୟା ଅଧ୍ୟୟନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପ୍ରାପ୍ତ କଲେ। ୩୩ ବର୍ଷ ବୟସରେ ସେ କୋଲକାତା ବିଶ୍ୱବିଦ୍ୟାଳୟର ସର୍ବ କନିଷ୍ଠ କୁଳପତି ଭାବରେ ନିଯୁକ୍ତି ପାଇଥିବା ବ୍ୟକ୍ତି ଥିଲେ। ଜଣେ ବିଚାରକ, ଚିନ୍ତକ, ଶିକ୍ଷାବିଦ, ପ୍ରଖ୍ୟାତ ବକ୍ତା ଭାବରେ ତାଙ୍କର ସୁଖ୍ୟାତି ସାରା ଦେଶରେ ବଢିବାରେ ଲାଗିଥିଲା।

ସମର୍ପିତ ଭାବରେ ରାଷ୍ଟ୍ରର ସେବା କରିବା ଲାଗି ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ରାଜନୀତିରେ ପ୍ରବେଶ କରିଥିଲେ। ମାନବତାର ଉପାସକ ଓ ସିଦ୍ଧାନ୍ତବାଦୀ ଡ. ମୁଖାର୍ଜୀ ଅଣ କଂଗ୍ରେସମାନଙ୍କ ସହ ମିଶି କୃଷକ ପ୍ରଜାପତିଙ୍କ ସହ ମିଶି ପ୍ରଗତିଶୀଳ ଗଠବନ୍ଧନ ତିଆରି କରିଥିଲେ । ଏହି ମନ୍ତ୍ରିମଣ୍ଡଳରେ ସେ ଅର୍ଥମନ୍ତ୍ରୀ ବି ରହିଥିଲେ । ଏହି ସମୟରେ ସାବରକରଙ୍କ ପରି ବୀରପୁତ୍ରଙ୍କ ସଂସ୍ପର୍ଶରେ ଆସି ଶ୍ୟାମାପ୍ରସାଦ ହିନ୍ଦୁ ମହାସଭାରେ ନିଜକୁ ସାମିଲ କରିଥିଲେ । ମୁସଲିମ ଲିଗର ରାଜନୀତିରେ ବଙ୍ଗ ଦେଶର ରାଜନୀତି କଳୁଷିତ ହେବାରେ ଲାଗିଥିଲା । ଏହି ସମୟରେ ସେଠାରେ ସାମ୍ପ୍ରଦାୟିକ ବିଭାଜନର କଥା ବି ଉଠିଥିଲା। ସାମ୍ପ୍ରଦାୟିକ ଲୋକମାନଙ୍କୁ ଇଂରେଜ ଶାସକମାନେ ପ୍ରୋତ୍ସାହିତ କରିଆସୁଥିଲେ। ଏହି ସମୟରେ ବଙ୍ଗ ହିନ୍ଦୁମାନଙ୍କର ଯେପରି ଉପେକ୍ଷା ନହୁଏ ସେଥିଲାଗି ସେ ଆପ୍ରାଣ ଉଦ୍ୟମ କରିଥିଲେ।

ସେହି ସମୟରେ ପଞ୍ଜାବ ଓ ବଙ୍ଗ ଦାବି କରି ପ୍ରସ୍ତାବିତ ପାକିସ୍ତାନ ପ୍ରସ୍ତାବକୁ ସେ ବିଭାଜିତ କରିଲେ। ଅଧା ପଞ୍ଜାବ ଓ ଅଧା ବଙ୍ଗଳା ଖଣ୍ଡିତ ଭାରତ ଅଂଶ ହୋଇପାରିଲା। ଗାନ୍ଧୀ ଓ ପଟେଲଙ୍କ ଅନୁରୋଧରେ ସେ ସ୍ୱାଧୀନ ଭାରତର ପ୍ରଥମ ମନ୍ତ୍ରିମଣ୍ଡଳରେ ସାମିଲ ହେଲେ। ତାଙ୍କୁ ଉଦ୍ୟୋଗ ପରି ମନ୍ତ୍ରିମଣ୍ଡଳ ବି ମିଳିଲା। ସମ୍ବିଧାନ ସଭା ଓ ପ୍ରାନ୍ତୀୟ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଭାବରେ ଶୀଘ୍ରାତିଶୀଘ୍ର ସେ ନିଜ ସ୍ଥାନକୁ ପକ୍କା କରିପାରିଲେ। ନିଜର ରାଷ୍ଟ୍ରବାଦୀ ଚିନ୍ତାଧାରା ଲାଗି ଅନ୍ୟ ସମସାମୟିକ ନେତାଙ୍କଠାରୁ ସେ ଆଗରେ ରହିଲେ। ନିଜ ପ୍ରତିବଦ୍ଧତାକୁ ସର୍ବୋଚ୍ଚ ମାନ୍ୟତା ଦେଇ କଂଗ୍ରେସରୁ ବିଦାୟ ନେଇ ସେ ଏକ ନୂଆ ଦଳ ଗଢି ସଂସଦରେ ବିପକ୍ଷ ଭାବରେ ଦେଶ ପାଇଁ କାମ କରିବା ଆରମ୍ଭ କରିଥିଲେ। ୧୯୫୧ରେ ଭାରତୀୟ ଜନସଂଘର ପ୍ରତିଷ୍ଠା କରାଯାଇଥିଲା।

ନିଜର ବିଶିଷ୍ଟ ରଣନୀତି ଲାଗି ବଙ୍ଗ ବିଭାଜନ ବେଳେ ମୁସଲିମ ଲିଗର ସମସ୍ତ ଚକ୍ରାନ୍ତକୁ ସେ ପଣ୍ଡ କରିପାରିଥିଲେ । ୧୯୪୨ ଭାରତର ଛୋଟ ମୋଟ ନେତାମାନଙ୍କୁ ଇଂରେଜ ସରକାର ଜେଲ ପଠାଇ ଦେଇଥିଲା । ସାଂସ୍କୃତିକ ଦୃଷ୍ଟିରୁ ଆମେ ସମସ୍ତେ ଏକ ହୋଇଥିବା ବେଳେ ଧର୍ମ ଆଧାରରେ ଆମକୁ ବିଭାଜନ କରିହେବ ନାହିଁ ବୋଲି ଡ. ମୁଖାର୍ଜୀ ମନ୍ତବ୍ୟ ଦେଇଥିଲେ। ଆମେ ସବୁ ଏକ ଓ ଆମ ଭିତରେ କିଛି ଫରକ ନାହିଁ ବୋଲି ଡ. ମୁଖାର୍ଜୀ କହୁଥିଲେ। ଆମର ଗୋଟିଏ ରକ୍ତ, ଗୋଟିଏ ଭାଷା ଓ ସଂସ୍କୃତି ବୋଲି ସେ କହୁଥିଲେ । କିନ୍ତୁ ସେହି ସମୟରେ କଂଗ୍ରେସ ନେତୃତ୍ୱ ଲାଗି ୧୯୪୬ରେ ମୁସଲିମ ଲିଗ ଲଢେଇ କରି ବଙ୍ଗ ବିଭାଜନ କଲା ଭାରତ ବିଭାଜନ ଲାଗି ଗୁପ୍ତ ଯୋଜନାର ଶେଷରେ ଇଂରେଜ ସରକାର ସଫଳ ବି ହେଲେ ।

କିନ୍ତୁ ଶ୍ୟାମାପ୍ରସାଦ ମୁଖାର୍ଜୀ ଏହି ବିଭାଜନ ଘୋର ପରିପନ୍ଥୀ ଥିଲେ। ସେ ତୁଷ୍ଟିକରଣର ବି ବିରୋଧୀ ଥିଲେ ଦୁଇ ନିଶାନା, ଦୁଇ ବିଧାନ, ଦୁଇ ପ୍ରଧାନ ଚିନ୍ତାଧାରାକୁ ସେ ବିରୋଧ କରୁଥିଲେ। ରାଷ୍ଟ୍ର ପ୍ରଥମ ବୋଲି ନାରା ଦେଇ ଜମ୍ମୁ ଓ କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ସେ ବିବେଚନା କରୁଥିଲେ। ରାଷ୍ଟ୍ରର ଏକତା, ଅଖଣ୍ଡତା, ସାମାଜିକ ଅବସ୍ଥାର ସେ ପ୍ରବଳ ସମର୍ଥକ ଥିଲେ। ନେହେରୁ ମନ୍ତ୍ରିମଣ୍ଡଳର ଉଦ୍ୟୋଗ ମନ୍ତ୍ରୀ ପଦରୁ ଇସ୍ତଫା ଦେଇ ୧୯୫୧ରେ ସେ ଜନସଂଘ ପ୍ରତିଷ୍ଠା କରିଥିଲେ । ୩୦ ବର୍ଷ ପରେ ୧୯୮୦ରେ ଭାରତୀୟ ଜନତା ପାର୍ଟି ପ୍ରତିଷ୍ଠା ହେଲା ଅନ୍ତ୍ୟୋଦୟ, ରାଷ୍ଟ୍ରିୟ ଏକତା, ଅଖଣ୍ଡତାକୁ ସୁଦୃଢ଼ କରିବା ଲାଗି ଆମେ ସମସ୍ତେ ଏକ ମନ ହୋଇ କାମ କରିଚାଲିଛେ। ୨୦୧୪ ଅପେକ୍ଷା ୨୦୨୫ରେ ବିକଶିତ ଭାରତ ଚିତ୍ର ଏବେ ସମସ୍ତେ ଦେଖିପାରୁଛେ।





# ଦୁର୍ନୀତି ରୋକିବାକୁ ହେଲେ ବିଭିନ୍ନ ତଦନ୍ତକାରୀ ସଂସ୍ଥା ଭିତରେ ସମନ୍ୱୟ ଜରୁରୀ : ଜଷ୍ଟିସ ଅରିଜିତ ପଶାୟତ

**କଟକ, ନ୍ୟୁଜ ବ୍ୟୁରୋ**

ନିକଟ ଅତୀତରେ ଯେତିକି ସରକାରୀ ଅଧିକାରୀ ଦୁର୍ନୀତି ଅଭିଯୋଗରେ ଗିରଫ ହୋଇଛନ୍ତି, ତାହା ସୂଚାଇ ଦେଉଛି କି ପ୍ରଶାସନିକ ସେବା ଆଢୁଆଳରେ ଦୁର୍ନୀତିଖୋରଙ୍କ ସଂଖ୍ୟା ବଢ଼ି ଚାଲିଛି। କଳାଧନ ଠାବ ସମ୍ପର୍କିତ ଏସଆଇଟି ବୈଠକରେ ଏହାକୁ ନେଇ ଘୋର ଉଦବେଗ ପ୍ରକାଶ ପାଇଛି। ତେବେ ଦୁର୍ନୀତି ରୋକିବାକୁ ହେଲେ ବିଭିନ୍ନ ତଦନ୍ତକାରୀ ସଂସ୍ଥା ଭିତରେ ସମନ୍ୱୟ ରହିବା ଜରୁରୀ ଏବଂ ଦୁର୍ନୀତିଖୋରମାନେ ଆଇନ ଅଦାଲତରେ କିପରି ଦଣ୍ଡିତ ହୋଇପାରିବେ ସେ ନେଇ ଆଜି ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ଏସଆଇଟି ଉପାଧ୍ୟକ୍ଷ ଜଷ୍ଟିସ ଅରିଜିତ ପଶାୟତ। ତେବେ ରାଜ୍ୟରେ ବଢି ଚାଲିଥିବା ଅବାଧ ନିଶା କାରବାରକୁ ରୋକିବା ଦିଗରେ ଠୋସ ପଦକ୍ଷେପ ନେବା ଉପରେ ମଧ୍ୟ ଆଜିର ବୈଠକରେ ବିଶେଷ ଭାବେ ଆଲୋଚନା ହୋଇଛି।

ଖୁବ ଅଳ୍ପ ଦିନ ଭିତରେ ବହୁ ସଂଖ୍ୟକ ଦୁର୍ନୀତିଖୋର ଅଧିକାରୀ ବିଭିନ୍ନ ମାମଲାରେ ଗିରଫ ହେଲେଣି। ଏହା ସୂଚାଇ ଦେଉଛି କି, ସରକାରୀ ବ୍ୟବସ୍ଥା ଭିତରେ ଦୁର୍ନୀତିଗ୍ରସ୍ତ କର୍ମଚାରୀ ଏବଂ ଅଧିକାରୀଙ୍କର ସଂଖ୍ୟା ବଢ଼ିଛି। କିନ୍ତୁ ସେମାନଙ୍କୁ ଠାବ କରାଯିବା ସହିତ ଆଇନ ଅଦାଲତରେ ଦଣ୍ଡିତ କରିପାରିଲା ଭଳି ପଦକ୍ଷେପ ନେବାକୁ ଆଜି ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ଏସଆଇଟି ଉପାଧ୍ୟକ୍ଷ ଜଷ୍ଟିସ ଅରିଜିତ ପଶାୟତ। କଳାଧନ ଠାବ କରିବା ଉଦ୍ଦେଶ୍ୟରେ ଗଠିତ ହୋଇଥିବା ଏସଆଇଟିର ବୈଠକ ଆଜି କଟକରେ ଅନୁଷ୍ଠିତ ହୋଇଛି। ବୈଠକରେ ଓଡିଶା ସମେତ ଝାଡଖଣ୍ଡ ଏବଂ ପଶ୍ଚିମବଙ୍ଗର ବହୁ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ରାଜ୍ୟ ଭିଜିଲାନ୍ସ ବିଭାଗ ପକ୍ଷରୁ ଆଜି ଯେଉଁ ରିପୋର୍ଟ ପ୍ରଦାନ କରାଯାଇଛି, ତାକୁ ନେଇ ଜଷ୍ଟିସ ପଶାୟତ ସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ସର୍ବ ଭାରତୀୟ ପ୍ରଶାସନିକ ଅଧିକାରୀମାନେ ଦୁର୍ନୀତି ମାମଲାରେ ଛନ୍ଦି ହେବା ଏକ ଚିନ୍ତାର ବିଷୟ। ତେଣୁ ସରକାରୀ ସେବାରେ ଯେପରି ଦୁର୍ନୀତି ନ ହେବ, ସେ ନେଇ ତଦନ୍ତକାରୀ ସଂସ୍ଥା ଗୁଡ଼ିକ ବିଶେଷ ଧ୍ୟାନ ଦେବାକୁ ଆଜିର ବୈଠକରେ ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ଏସଆଇଟି ଉପାଧ୍ୟକ୍ଷ।

ତେବେ ଓଡିଶା ସମେତ ପୂର୍ବ ଭାରତରେ ଅବାଧ ନିଶା କାରବାର ବଢ଼ିବାରେ ଲାଗିଛି, ଯାହା ଜରିଆରେ ବିପୁଳ କଳାଧନ କାରବାର ହେଉଛି। ନିଶା କାରବାରକୁ ରୋକା ନ ଗଲେ ସାମାଜିକ ସ୍ଥିତି ବିଗିଡ଼ିବା ସହ କଳାଧନ ଠାବ କରିବା ମୁସ୍କିଲ ହୋଇଯିବ। ତେଣୁ ଅବାଧ ନିଶା କାରବାର ଉପରେ ଅଙ୍କୁଶ ଲଗାଇବା ଲାଗି ଆଜି କେତେକ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ହୋଇଛି। ତେବେ ଚିଟ ଫଣ୍ଡ ଜମାକାରୀମାନେ କେତେକାଂଶରେ ଜମା ଟଙ୍କା ଫେରି ପାଇଲେଣି। ଏହାକୁ ତ୍ୱରାନ୍ୱିତ କରିବା ଉପରେ ଆଜି ବିଶେଷ ଭାବେ ଆଲୋଚନା କରାଯାଇଛି। ଏହା ବ୍ୟତୀତ ବଢ଼ି ଚାଲିଥିବା ଜିଏସଟି ଠକେଇ, ଅନ ଲାଇନ ଠକେଇକୁ ରୋକିବା ଦିଗରେ ବ୍ୟାପକ ପଦକ୍ଷେପ ନେବାକୁ ମଧ୍ୟ ବିଭିନ୍ନ ବିଭାଗକୁ ପରାମର୍ଶ ଦେଇଛନ୍ତି ଏସଆଇଟି ଉପାଧ୍ୟକ୍ଷ ଜଷ୍ଟିସ ପଶାୟତ।

ଆଜିର ବୈଠକରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ରାଜ୍ୟ ଭିଜିଲାନ୍ସ, କ୍ରାଇମବ୍ରାଞ୍ଚ ସେଣ୍ଟ୍ରାଲ ବ୍ୟୁରୋ ଅଫ ଡ଼ାଇରେକ୍ଟ ଟାକ୍ସେସ, ଜିଏସଟି ସମେତ ପ୍ରାୟ ୧୧ଟି ତଦନ୍ତକାରୀ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଏହା ବ୍ୟତୀତ ଝାଡଖଣ୍ଡ ଏବଂ ପଶ୍ଚିମବଙ୍ଗର ବହୁ ବରିଷ୍ଠ ଅଧିକାରୀମାନେ ଆଜିର ବୈଠକରେ ଯୋଗଦେଇଥିଲେ।

# ନଭି ମୁମ୍ବାଇରେ ଶ୍ରୀଜୀଉଙ୍କ ରଥଯାତ୍ରା ସମ୍ପନ୍ନ

**ମୁମ୍ବାଇ:**

ଜୟ ଜଗନ୍ନାଥ ଲୋକତରଣ ଟ୍ରଷ୍ଟ ଆନୁକୂଲ୍ୟରେ ନଭି ମୁମ୍ବାଇର ଖାରଗର୍ ଅଞ୍ଚଳସ୍ଥିତ ବାଲାଜୀ ଆଙ୍ଗନଠାରେ ଶ୍ରୀଜୀଉଙ୍କ ପବିତ୍ର ରଥଯାତ୍ରା ବିପୁଳ ଆନନ୍ଦଉଲ୍ଲାସ ମଧ୍ୟରେ ପାଳିତ ହୋଇଛି। ସଂଘର ମୁଖ୍ୟ କର୍ମକର୍ତ୍ତା ତଥା ଟ୍ରଷ୍ଟି ରାମପ୍ରସାଦ ମୁଦୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀଜୀଉମାନଙ୍କୁ ପାରମ୍ପରିକ ନୀତିରେ ରଥାରୂଢ଼ କରାଯିବା ପରେ ଶ୍ରୀ ମୁଦୁଲି ଛେରାପହଁରା କାର୍ଯ୍ୟ କରିଥିଲେ। ପ୍ରାୟ ଦଶ ହଜାରରୁ ଅଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମରେ ଶ୍ରୀଜୀଉମାନଙ୍କ ରଥକୁ



ବାଲାଜୀ ଆଙ୍ଗନରୁ ରେଲ୍‌ବିହାର, ଉତ୍ସବଚୌକ, ଜଳବାୟୁ ବିହାର, ରଘୁନାଥ ବିହାର, ଯାନ୍ ଇଣ୍ଟରନ୍ୟାସ୍‌ନାଲ ସ୍କୁଲ, କେନ୍ଦ୍ରୀୟ ବିହାର ଓ ହୀରାନନ୍ଦାନୀ ଦେଇ ସେକ୍ଟର-୧୨ସ୍ଥିତ ଶିବମନ୍ଦିର ପ୍ରାଙ୍ଗଣରେ ପହଞ୍ଚିବା ପରେ ଆଡ଼ପ ମଣ୍ଡପରେ ଶ୍ରୀବିଗ୍ରହମାନଙ୍କୁ ସ୍ଥାପନା ଓ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ପ୍ରସାଦସେବନ ଏବଂ ଓଡ଼ିଆ କଳାକାରମାନଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଆସନ୍ତା ନବମୀ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସଂଘର ମୁଖ୍ୟ ସଂଯୋଜକ ରାମପ୍ରସାଦ ମୁଦୁଲି, ଏଲିନା ମୁଦୁଲି ଏବଂ ସମସ୍ତ କର୍ମକର୍ତ୍ତା ପ୍ରମୁଖ ଏହି ପବିତ୍ର ରଥଯାତ୍ରା ଉତ୍ସବକୁ ଶୃଙ୍ଖଳାର ସହିତ ପରିଚାଳନା କରିଥିଲେ।

# ‘ସାହିତ୍ୟ ମାସିକୀ’ କାର୍ଯ୍ୟକ୍ରମ : ‘ପ୍ରତିକୂଳତା ସୃଜନଶୀଳତାକୁ ଉତ୍ସାହିତ କରେ’

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଜୀବନର ସଂଗ୍ରାମ ଓ ସଂଘର୍ଷ ମଣିଷକୁ ଅଧିକ ସଫଳ କରାଏ। ପ୍ରତିକୂଳତା ଆମ ଜୀବନକୁ ଅର୍ଥପୂର୍ଣ୍ଣ କରେ ଓ ତାହା ସୃଜନଶୀଳତାକୁ ଖୁବ ଉତ୍ସାହିତ କରେ ବୋଲି ଗାଳ୍ପିକ, ଗୀତିକାର ଓ ସଂଳାପକାର ବିଜୟ ମଲ୍ଲ ପ୍ରକାଶ କରିଛନ୍ତି।

ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ‘ସାହିତ୍ୟ ମାସିକୀ’ କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୀ ମଲ୍ଲ କହିଛନ୍ତି ଯେ ସାହିତ୍ୟ ଆମ ଜୀବନର ସଂଘାତ ଓ ସଂଶୟକୁ ରୂପାୟିତ କରିଥାଏ।

ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ କଥାକାର ଡ଼. ଅରବିନ୍ଦ ରାୟ ଏହି ସାକ୍ଷାତକାରରେ ଅଂଶ ଗ୍ରହଣ କରିଥିଲେ। ଦିଲ୍ଲୀପ ବିଷୋୟୀ, ପ୍ରିୟରଞ୍ଜନ ସାହୁ ନନ୍ଦ କିଶୋର ବିଶ୍ୱାଳ, ରମେଶ ପଟ୍ଟନାୟକ ଓ ସଞ୍ଜୟ ମହାନ୍ତି ପ୍ରମୁଖ ବିଭିନ୍ନ ପ୍ରଶ୍ନ କରିଥିଲେ ଓ ଶ୍ରୀ ମଲ୍ଲ ତାଙ୍କ ବ୍ୟକ୍ତି ତଥା ସୃଜନ ଜୀବନ ବାବଦରେ ଉଲ୍ଲେଖ କରିଥିଲେ। ସେ ସମକାଳର ତରୁଣପ୍ରତିଭାମାନଙ୍କୁ ଅଧିକ ଅଧ୍ୟୟନ ଓ ସାଧନା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ ପରିଚୟ ପ୍ରଦାନ କରିଥିଲେ।

ଉପସଭାପତି ମିନତି ଦାଶ (ମାନୀ)ଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ସତ୍ୟ ନାରାୟଣ ସିଂହ, ଅକ୍ଷୟ ପାଳ, ଲକ୍ଷ୍ମୀଧର ଦାଶ,ଶର୍ମିଷ୍ଠା ମହାପାତ୍ର ପ୍ରଦ୍ୟୁମ୍ନ ପଟ୍ଟନାୟକ, ଶ୍ୟାମାକିଙ୍କର




ମହାନ୍ତି, ଚିତ୍ତରଞ୍ଜନ ବର୍ମା, ବାସନ୍ତୀ ମହାନ୍ତି, ନୃସିଂହ ତରାଇ, ସୁବୋଧ କାନୁନଗୋ, ପ୍ରହରାଜ ଜୟନାରାୟଣ ନନ୍ଦ, ନିରୁପମା କର,ଚିନ୍ମୟୀ ପଣ୍ଡା, ଯୋଗାନନ୍ଦ ସାହୁ,ଦେବରାଜ ବିଷୋୟୀ, ଉଷାରାଣୀ ଆଚାର୍ଯ୍ୟ, ପ୍ରଣତି ପରିଡା, ବିଦ୍ୟୁତପ୍ରଭା ଗନ୍ତାୟତ, ସୁଧା ପଟ୍ଟନାୟକ, ବୀଣାପାଣି ମିଶ୍ର,ପ୍ରିୟରଞ୍ଜନ ସାହୁ, ପ୍ରକାଶ ଚନ୍ଦ୍ର ବେହେରା, ନିରୁପମା ରଥ, ସୁଶାନ୍ତ ଷଡ଼ଙ୍ଗୀ,ପବିତ୍ର ମୋହନ ବାରିକ, ସୁଷମା ଦାଶ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଅନ୍ୟତମ ଉପସଭାପତି ବିଭୂତି ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ଯୁବପିଢ଼ିଙ୍କୁ ଉଚ୍ଚଶିକ୍ଷା ପାଇଁ ଖୋଲିବାକୁ ଯାଉଛି ଦଶ ହଜାର ଗ୍ରାମୀଣ ଯୋଗାଯୋଗ କେନ୍ଦ୍ର

**ନୂଆଦିଲ୍ଲୀ:**

ପର୍ଯ୍ୟାପ୍ତ ମାର୍ଗଦର୍ଶନ ଅଭାବ ଏବଂ ଘରୋଇ ପରିସ୍ଥିତି ଯୋଗୁଁ ଉଚ୍ଚଶିକ୍ଷାର ସୀମାରେ ପହଞ୍ଚି ପାରୁନଥିବା ଦେଶର ଯୁବପିଢ଼ିଙ୍କୁ ଉଚ୍ଚଶିକ୍ଷା ସହିତ ଯୋଡ଼ିବା ପାଇଁ ଏବେ ଏକ ବଡ଼ ଅଭିଯାନ ଆରମ୍ଭ କରାଯିବ। ଏଥିରେ ସ୍କୁଲ ଛାଡ଼ିଥିବା ଛାତ୍ରଛାତ୍ରୀମାନଙ୍କୁ କେବଳ ଉଚ୍ଚଶିକ୍ଷା ସହିତ ଯୋଡ଼ିବାରେ ସାହାଯ୍ୟ କରାଯିବ ନାହିଁ, ବରଂ ସେମାନଙ୍କୁ ଘରୋଇ ଏବଂ ସ୍ଥାନୀୟ ପରିସ୍ଥିତି ମଧ୍ୟରେ ଉଚ୍ଚଶିକ୍ଷା ସହିତ ଯୋଡ଼ି ହେବାର ବିକଳ୍ପ ମଧ୍ୟ ପ୍ରଦାନ କରାଯିବ। ଏହାରି ଭିତରେ, ସେମାନଙ୍କୁ ଅନଲାଇନ୍ ଏବଂ ଦୂରଶିକ୍ଷା, ଛାତ୍ରବୃତ୍ତି ଭଳି ସୁବିଧା ସହିତ ଯୋଡ଼ି ହେବାରେ ସାହାଯ୍ୟ କରାଯିବ। ସର୍ବାଧିକ ଧ୍ୟାନ ସେହି ରାଜ୍ୟଗୁଡ଼ିକ ଉପରେ ଦିଆଯିବ ଯେଉଁଠାରେ ଉଚ୍ଚଶିକ୍ଷାର ମୋଟ ନାମଲେଖା ଅନୁପାତ (ଜିଇଆର୍) ଜାତୀୟ ହାରଠାରୁ କମ୍। ଏମାନଙ୍କ ମଧ୍ୟରେ ଚିହ୍ନଟ ହୋଇଥିବା



ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା, ନାଗାଲାଣ୍ଡ, ଝାଡ଼ଖଣ୍ଡ, ଗୁଜରାଟ, ଛତିଶଗଡ଼, ବିହାର, ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, ତ୍ରିପୁରା ଏବଂ ଜମ୍ମୁ ଏବଂ କାଶ୍ମୀର ରହିଛି। ଏହି ରାଜ୍ୟଗୁଡ଼ିକର ଜିଇଆର୍ ୧୬ ରୁ ୨୬ ପ୍ରତିଶତ ମଧ୍ୟରେ ରହିଛି। ଜାତୀୟ ଶିକ୍ଷା ନୀତି ଅଧୀନରେ, ଶିକ୍ଷା ମନ୍ତ୍ରଣାଳୟ ୨୦୩୫ ସୁଦ୍ଧା ଉଚ୍ଚଶିକ୍ଷାର ମୋଟ ନାମଲେଖା ଅନୁପାତ (ଜିଇଆର୍)କୁ ୫୦ ପ୍ରତିଶତକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଯାହା ବର୍ତ୍ତମାନ ମାତ୍ର ୨୯ ପ୍ରତିଶତ ଅଟେ। ଏହି ପରିପ୍ରେକ୍ଷୀରେ, ସ୍କୁଲ ଛାଡ଼ିଥିବା ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷା ସହିତ ଯୋଡ଼ିବାର ଏହି ପଦକ୍ଷେପକୁ ତ୍ୱରାନ୍ୱିତ କରାଯାଇଛି। ଏଥିରେ ସର୍ବାଧିକ ଧ୍ୟାନ ଗ୍ରାମାଞ୍ଚଳ ଉପରେ ଦିଆଯାଇଛି। ଯେଉଁଠାରେ ସ୍କୁଲ ଛାଡ଼ିବା ପରେ, ବିଭିନ୍ନ କାରଣରୁ ବହୁ ସଂଖ୍ୟକ ପିଲା ଉଚ୍ଚଶିକ୍ଷାରେ ପହଞ୍ଚି ପାରନ୍ତି ନାହିଁ। ଏପରି ପରିସ୍ଥିତିରେ, ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଦେଶରେ ଦଶ ହଜାର ଗ୍ରାମୀଣ ଯୋଗାଯୋଗ କେନ୍ଦ୍ର ଖୋଲିବାର ଯୋଜନା ରହିଛି। ଯାହା ପିଲାମାନଙ୍କୁ ସେମାନଙ୍କ ଆଗ୍ରହକୁ ବୁଝି ସେମାନଙ୍କ ପସନ୍ଦର ପାଠ୍ୟକ୍ରମରେ ପ୍ରବେଶ କରାଇବାରେ ସାହାଯ୍ୟ କରିବ। କେବଳ ଏତିକି ନୁହେଁ, ଏହି କେନ୍ଦ୍ରଗୁଡ଼ିକ ପିଲାମାନଙ୍କୁ ସଠିକ୍ ଶିକ୍ଷାନୁଷ୍ଠାନରେ ପ୍ରବେଶ ପାଇଁ ଆବେଦନ କରିବା ଏବଂ ଛାତ୍ରବୃତ୍ତି ପାଇବାରେ ମଧ୍ୟ ସାହାଯ୍ୟ କରିବ। ଯଦି କୌଣସି ପିଲା ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧୀୟ ଅଧ୍ୟୟନରେ ଆଗ୍ରହୀ, ତେବେ ସେମାନେ ଏଥିରେ ମଧ୍ୟ ସାହାଯ୍ୟ କରିବେ। ଯଦି ମନ୍ତ୍ରଣାଳୟ ସହିତ ଜଡ଼ିତ ଅଧିକାରୀଙ୍କ କଥାକୁ ବିଶ୍ୱାସ କରାଯାଏ, ତେବେ ଗ୍ରାମାଞ୍ଚଳର ବହୁ ସଂଖ୍ୟକ ପିଲା ଉଚ୍ଚଶିକ୍ଷା ପାଇବାରେ ଅସମର୍ଥ କାରଣ ସେମାନଙ୍କୁ ପରବର୍ତ୍ତୀ କ'ଣ କରିବାକୁ ହେବ ସେ ବିଷୟରେ ମାର୍ଗଦର୍ଶନ ଦେବା ପାଇଁ କେହି ନାହାଁନ୍ତି। ଏହି ବ୍ୟବସ୍ଥାରେ, କେନ୍ଦ୍ରଗୁଡ଼ିକ ଏବେ ସ୍କୁଲ ଛାଡ଼ି ଯାଉଥିବା ପିଲାମାନଙ୍କ ଉପରେ ନଜର ରଖିବେ। ଏହା ସହିତ, ସେମାନେ ୧୧-୧୨ ଶ୍ରେଣୀର ପାଠପଢ଼ା ସମୟରେ ସେମାନଙ୍କୁ ଆଗକୁ ବଢ଼ିବାର ରାସ୍ତା ଦେଖାଇବେ।

# ଗାନ୍ଧୀ ଆଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ଦୋଳଗୋବିନ୍ଦ ପ୍ରଧାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ମନ୍ତ୍ରୀ, ଗାନ୍ଧୀମଣିଷ ସ୍ୱର୍ଗତ ଦୋଳଗୋବିନ୍ଦ ପ୍ରଧାନଙ୍କ ୯୯ତମ ଜନ୍ମୋତ୍ସବ ଶନିବାର ସନ୍ଧ୍ୟାରେ ବୁଦ୍ଧ ମନ୍ଦିର ସଭାଗୃହରେ ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି।

କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବରିଷ୍ଠ ରାଜନେତା, ଇଷ୍ଟର୍ଣ୍ଣ ମିଡ଼ିଆର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ କହିଲେ ଯେ, ଗାନ୍ଧୀ ଆଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ଗାନ୍ଧୀ ମଣିଷ ଦୋଳଗୋବିନ୍ଦ ପ୍ରଧାନ। ସେ କେବଳ ଜଣେ ସ୍ୱାଧୀନଚେତା ମଣିଷ ନଥିଲେ, ସେ ଥିଲେ ପ୍ରଚଣ୍ଡ ସ୍ୱାଭିମାନୀ, ନିଜ ଲୋକପ୍ରିୟତାର ଶୀର୍ଷରେ ଥିଲେ ସେ। ୱାର୍ଡ଼ମେମ୍ବରରୁ ସରପଂଚ, ପଂଚାୟତ ସମିତି, ଚେୟାରମ୍ୟାନ, ବିଧାୟକ ଓ ମନ୍ତ୍ରୀ ହୋଇ ପାରିଥିଲେ।

ଶ୍ରଦ୍ଧାଞ୍ଜଳି ଜଣାଇ ଓଡ଼ିଶା ଉଚ୍ଚନ୍ୟାୟାଳୟର ପୂର୍ବତନ ବିଚାରପତି ନ୍ୟାୟମୂର୍ତ୍ତୀ ଦେବବ୍ରତ ଦାଶ କହିଲେ ଯେ, ସ୍ୱାଧୀନତା ସଂଗ୍ରାମ ସମୟରେ ଜଣେ ୮ମ ଶ୍ରେଣୀର ଛାତ୍ର ତିନିବର୍ଷରୁ ଉର୍ଦ୍ଧ୍ୱ ଜେଲ୍ ଜୀବନ କଟାଇବା ଓଡ଼ିଶା ଇତିହାସରେ ଏକ ପ୍ରମୁଖ ଘଟଣା। ଜେଲ ଜୀବନ ହିଁ ତାଙ୍କର ଥିଲା ପ୍ରକୃତ ଶିକ୍ଷାକ୍ଷେତ୍ର। ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଠାରୁ ସେ ଜେଲ୍ ଭିତରେ ଯାହା ଶିକ୍ଷା କରିଥିଲେ, ଭାରତ ସ୍ୱାଧୀନତା ହେବା ପରେ ସେ ତାକୁ ସାଧାରଣ ଜନତାଙ୍କ ନିକଟରେ ପ୍ରୟୋଗ କରି ସଫଳ ହୋଇଥିଲେ। ଶ୍ରଦ୍ଧାଞ୍ଜଳି ଜଣାଇ ବରିଷ୍ଠ ପୂର୍ବ ପ୍ରଶାସକ ଅରବିନ୍ଦ ବେହେରା କହିଲେ ଯେ, ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ ନୀତିନିଷ୍ଠ ଏକଯୋଗୀ ପୁରୁଷର ଜୀବନ ଯାପନ କରୁଥିଲେ। ବିନା ଔଷଧରେ ୯୩ ବର୍ଷ ବଂଚିବା ଆଜିର ସମାଜରେ ଏକ ବିରଳ ଘଟଣା।

ମୁଖ୍ୟବକ୍ତା ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ ସ୍ୱର୍ଗତ ପ୍ରଧାନଙ୍କୁ ଜଣେ କାଳଜୟୀ ନେତା ଭାବେ ବର୍ଣ୍ଣନା କରିଥିଲେ। ଗାନ୍ଧୀ ମଣିଷ ଦୋଳଗୋବିନ୍ଦ ମରିଯାଇଛନ୍ତି ସତ, କିନ୍ତୁ ତାଙ୍କ ‘ଗାନ୍ଧୀ କଥା’ ପୁସ୍ତକ ତାଙ୍କୁ ସବୁଦିନ ପାଇଁ ଜୀବିତ କରି ରଖିବ। ମହାତ୍ମା ଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟର ମ୍ୟାନେଜିଙ୍ଗ ଟ୍ରଷ୍ଟି ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର ସ୍ୱର୍ଗତ ଦୋଳଗୋବିନ୍ଦ ପ୍ରଧାନଙ୍କ ଜନ୍ମ ଶତବାର୍ଷିକ ବର୍ଷରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଗାନ୍ଧୀବାଦୀ, ବରିଷ୍ଠ ସାମ୍ବାଦିକ, ସମାଜସେବୀ, କର୍ମଚାରୀ ନେତା ଗୌରାଙ୍ଗ ଚରଣ ହୋତାଙ୍କୁ ‘ଗାନ୍ଧୀ ଗୌରବ ସମ୍ମାନ-୨୦୨୫’ ପ୍ରଦାନ କରାଯାଇଥିଲା। ଶେଷରେ ଟ୍ରଷ୍ଟି ପୁଷ୍ପରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଟ୍ରଷ୍ଟି ପ୍ରଜ୍ଞାରାଜ ପ୍ରଧାନ ପରିଚାଳନା କରିଥିଲେ।

ପୂର୍ବାହ୍ନରେ ଓଡ଼ିଶା ସରକାରଙ୍କ ସ୍ମୃତି ବନଠାରେ ବୃକ୍ଷପୂଜା କରାଯାଇଥିଲା ଓ ଦୟାନନ୍ଦ ଆଦର୍ଶ ଗୁରୁକୁଳ ଠାରେ ବୈଦିକ ଶାନ୍ତିଯଜ୍ଞ ସହ ପ୍ରସାଦ ବଂଟନ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଗୁରୁକୁଳର ବ୍ରହ୍ମଚାରୀମାନେ ବେଦପାଠ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ରମେଶଚନ୍ଦ୍ର ପାତ୍ରାଳସିଂହ, ପୃଥ୍ୱୀରାଜ ପ୍ରଧାନ, ଅଶୋକ କୁମାର ମିଶ୍ର, ଶାରଦା ପ୍ରସନ୍ନ ପରିଜା, କସ୍ତୁଭ ପ୍ରଧାନ, ପୂର୍ବତନ ରେଞ୍ଜ ଅଫିସର ରଶ୍ମୀରେଖା ପରିଡ଼ା, ବିଜୟ ବିଶ୍ୱାଳ, ଜିତେନ୍ଦ୍ର ମହାନ୍ତି, ଅଜିତ ରଞ୍ଜନ ପାଲଟାସିଂହ, ଅମୂଲ୍ୟ ଜେନା ପ୍ରମୁଖ ସହଯୋଗ କରିଥିଲେ। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଇଂ ଅଶୋକ ବିଶ୍ୱାଳ, ଓକିଲ ମନୋଜ ସାହୁ, ରୁଦ୍ର ନାରାୟଣ ଦାସ, ପ୍ରତାପ ଚନ୍ଦ୍ର ମଲ୍ଲିକ, ପ୍ରଭାତ କୁମାର ଖଟୁଆ, ନାରାୟଣ ଚନ୍ଦ୍ର ମହାନ୍ତି, ଶରତ କୁମାର ରାୟ, ଅଜୟ କୁମାର ମହାନ୍ତି, ବିନୋଦ ବିହାରୀ ବେହେରା, ଇଂ ସେବକ ଶ୍ରୀକାନ୍ତ କୁମାର ବେହେରା, ଅଭୟ କୁମାର ଦାସ, ବସନ୍ତ କୁମାର ପଣ୍ଡା, ଶ୍ରୀମତୀ ସୁନିତା ଦେବତା, ରବୀନ୍ଦ୍ରନାଥ ଦାସ ଓ ବିଭୂତି ଭୂଷଣ ପ୍ରଧାନଙ୍କୁ ପ୍ରଶଂସା ପତ୍ର ଓ ସାଲ୍ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମହାପ୍ରଭୁ ...

ଆଦାନୀ ଗ୍ରୁପ ଅଧ୍ୟକ୍ଷ ଗୌତମ ଆଦାନୀ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ମୋତେ ପୁରୀଧାମକୁ ଯାଇ ରଥଯାତ୍ରା ସମୟରେ ସେବା କରିବାକୁ ସୌଭାଗ୍ୟ ପ୍ରାପ୍ତ ହେଲା। ଆରମ୍ଭ ହୋଇଥିବା ଏହି ଦିବ୍ୟ ଯାତ୍ରାରେ ସ୍ୱୟଂ ଭଗବାନ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଏହା କେବଳ ଏକ ଯାତ୍ରା ନୁହେଁ, ବରଂ ଭକ୍ତି, ସେବା ଓ ସମର୍ପଣର ଉତ୍ସବ।

ଏହି ପୂଣ୍ୟ ଅବସରରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସେବା କରିବା ପାଇଁ ଆଦାନୀ ପରିବାର ପୂରା ନିଷ୍ଠା ଓ ଶ୍ରଦ୍ଧାର ସହ ସମର୍ପିତ। ପ୍ରତ୍ୟେକ ଭକ୍ତଙ୍କୁ ପୁଷ୍ଟିଯୁକ୍ତ ଆହାର ପ୍ରେମର ସହ ପରସାଯାଉ, ଏହି ସଂକଳ୍ପର ସହ ପୁରୀ ଧାମରେ ପ୍ରସାଦ ସେବା ଆରମ୍ଭ କରିଛୁ। ପୁରୀର ଏହି ପୂଣ୍ୟଭୂମିରେ ସେବକ ରୂପରେ ଯୋଡି ହେବା ମୋ ପାଇଁ, ଆଦାନୀ ପରିବାର ପାଇଁ ଅତ୍ୟନ୍ତ ଗର୍ବ ଓ ଖୁସିର ବିଷୟ। ମୁଁ ପ୍ରାର୍ଥନା କରୁଛି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଆମ ଉପରେ ସର୍ବଦା ଏପରି ରହିଥାଉ।

ପବିତ୍ର ରଥଯାତ୍ରା ଅବସରରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ନବଦିବସ ବ୍ୟାପୀ ରଥଯାତ୍ରା ସମୟରେ ପ୍ରାୟ ୪ ମିଲିୟନ ଶ୍ରଦ୍ଧାଳୁ ଭକ୍ତଙ୍କ ପାଇଁ ମାଗଣାରେ ସୁଷମ ଖାଦ୍ୟ ବିତରଣ ବ୍ୟବସ୍ଥା କରାଯାଇଛି। ସେହିପରି ପାନୀୟ ଜଳ ଯୋଗାଣ ସହିତ ସ୍ୱଚ୍ଛ ପରିମଳ ବ୍ୟବସ୍ଥା ଏବଂ ଏଥିପାଇଁ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ସମୁଦ୍ର ବେଳାଭୂମିର ସ୍ୱଚ୍ଛତା ରକ୍ଷା ସହିତ ପ୍ଲାଷ୍ଟିକ୍ ବର୍ଜ୍ୟ ନିଷ୍କାସନ ବ୍ୟବସ୍ଥା କରାଯିବା ସହ ସ୍ୱେଚ୍ଛାସେବୀ ଓ କର୍ମଚାରୀମାନଙ୍କୁ ଟି-ସାର୍ଟ, ନିରାପଦ ସାମଗ୍ରୀ ବିଭିନ୍ନ କିଷମର ଜ୍ୟାକେଟ୍, ରେନ୍ କୋଟ, କ୍ୟାପ୍ ଓ ଛତା ମଧ୍ୟ ବିତରଣ କରାଯାଇଛି। ଆଦାନୀ ଗ୍ରୁପ୍ ପୁରୀ ଜିଲ୍ଲା ପ୍ରଶାସନ ସହଯୋଗରେ ଇସ୍କନ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ସହିତ ମିଶି ବିଭିନ୍ନ ସେବା ମୂଳକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଆଦାନୀ ଗ୍ରୁପ୍ ପକ୍ଷରୁ ଓଡ଼ିଶାରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନଜୀବିକା ସଶକ୍ତିକରଣ ଆଦିବାସୀ ସଂପ୍ରଦାୟର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କମ୍ୟୁନିଟି ଭିତ୍ତିଭୂମି ନିରନ୍ତର ବିକାଶ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ଆଦି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି।

## କ୍ୟାପଟେନ୍ ଶୁଭାଂଶୁ ...

ଭାରତର ମହାକାଶ ଇତିହାସରେ ଏକ ଗର୍ବର ଅଧ୍ୟାୟ ଭାବରେ ଲିପିବଦ୍ଧ ହୋଇଛି, କାରଣ ଶୁକ୍ଲା ଗତ ୪୦ ବର୍ଷ ମଧ୍ୟରେ ମହାକାଶକୁ ଯାଇଥିବା ପ୍ରଥମ ଭାରତୀୟ। ରାକେଶ ଶର୍ମାଙ୍କ ପରେ ଶୁଭାଂଶୁ ଶୁକ୍ଲା ମହାକାଶକୁ ଯାଇଥିବା ଦ୍ୱିତୀୟ ଭାରତୀୟ।

ଶୁଭାଂଶୁଙ୍କ ସହ ଆଲୋଚନା ବେଳେ ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜି ଆପଣ ଭାରତଭୂମିଠାରୁ ଦୂରରେ ଅଛନ୍ତି, କିନ୍ତୁ ଭାରତବାସୀଙ୍କର ଅତି ନିକଟରେ ରହିଛନ୍ତି। ଆପଣଙ୍କ ନାମରେ ବି ଶୁଭ ରହିଛି। ଏହି ସମୟରେ ଆମେ ଦୁଇଜଣ କଥା ହେଉଛେ, ମାତ୍ର ମୋ ସହିତ ୧୪୦ କୋଟି ଭାରତବାସୀଙ୍କ ଭାବନା ଯୋଡ଼ି ହୋଇରହିଛି। ମୋ ଶବ୍ଦରେ ସମସ୍ତ ଭାରତୀୟଙ୍କ ଉତ୍ସାହ ଏବଂ ଉଦ୍ଦୀପନା ସାମିଲ ରହିଛି। ଏହି ଅବସରରେ ମୋଦୀ ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେଠାରେ ସବୁ ଠିକଠାକ ଅଛି କି ବୋଲି ପଚାରିଥିଲେ।

ଶୁଭାଂଶୁ ପ୍ରଧାନମନ୍ତ୍ରୀଙ୍କୁ ଉତ୍ତର ଦେଇ କହିଛନ୍ତି, ସବୁ ଠିକଠାକ ଅଛି। ସେ ସୁସ୍ଥ ଅଛନ୍ତି। ସମସ୍ତଙ୍କ ଆଶୀର୍ବାଦ ଏବଂ ଭଲପାଇବା ଯୋଗୁ ତାଙ୍କୁ ଭଲ ଲାଗୁଛି। ଏହି ଯାତ୍ରାରେ ସେ ଦେଶକୁ ପ୍ରତିନିଧିତ୍ୱ କରୁଥିବାରୁ ଗର୍ବ ଅନୁଭବ କରୁଛନ୍ତି ବୋଲି କହିଛନ୍ତି। ଆପଣ ସାଥୀରେ ଯେଉଁ ଗାଜର ହାଲୱା ନେଇଥିଲେ ତାହାକୁ ନିଜ ସାଥୀମାନଙ୍କୁ ଖୁଆଇଛନ୍ତି ତ ବୋଲି ପ୍ରଧାନମନ୍ତ୍ରୀ ମଜାଳିଆ ଢଙ୍ଗରେ ଶୁଭାଂଶୁଙ୍କୁ ପଚାରିଥିଲେ।

## ଜୁନ୍ ୩୦ ରବି ...

ଧାନ ସଂଗ୍ରହକୁ ତ୍ୱରିତ କରାଯାଉଛି। ଯେପରି ଟୋକନ ନଷ୍ଟ ନ ହେଉ ସେଥିପ୍ରତି ଆମେ କୃଷକଙ୍କ ସହ ଆଲୋଚନା କରିଛୁ। ଖାଦ୍ୟ ସୁରକ୍ଷା କାର୍ଡର ଇ-କେୱାଇସି କରିବାର ଶେଷ ତାରିଖ ଜୁନ ୩୦। ଅସମୟରେ ବର୍ଷା ପାଇଁ କ୍ଷତି ସହୁଥିବା ଚାଷୀଙ୍କୁ ସରକାର ସହାୟତା ଦେବେ ବୋଲି କହିଛନ୍ତି ମନ୍ତ୍ରୀ ଶ୍ରୀ ପାତ୍ର।

## ୬ ମାଓବାଦୀଙ୍କ ...

ଚେତରାମ ଉସେଣ୍ଡି ଓରଫ ରୁଷି, ୧ ଲକ୍ଷ ପୁରସ୍କାର ଘୋଷିତ, ଗାଙ୍ଗୁ ପୋୟାମ, ୧ ଲକ୍ଷ ପୁରସ୍କାର ଘୋଷିତ, ଶାରୀ ଓରଫ ଗାଗରି କେବାଟୀ।

## ବସ୍ ଧକ୍କାରେ ...

ବସ ସେମାନଙ୍କ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ୩ ଜଣ ଯୁବତୀଙ୍କ ମୃତ୍ୟୁ ଘଟିଛି। ନିକଟରେ ଥିବା ଏକ ପୁଲିସ ଗାଡିରେ ତୁରନ୍ତ ସେମାନଙ୍କୁ ପିପିଲି ଡାକ୍ତରଖାନାକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।

ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ମୃତକ ୩ ଜଣଙ୍କ ମଧ୍ୟରେ ୨ ଜଣ ଛାତ୍ରୀଙ୍କ ଘର କେନ୍ଦ୍ରାପଡ଼ା ଜିଲ୍ଲାରେ ହୋଇଥିବା ବେଳେ ଅନ୍ୟ ଜଣଙ୍କର ପରିଚୟ ମିଳିପାରିନାହିଁ। ସେମାନଙ୍କ ମଧ୍ୟରେ ଦୁଇଜଣ ସମ୍ପର୍କୀୟ ଭଉଣୀ ହୋଇଥିବା ପ୍ରାଥମିକ ଭାବେ ଜଣାପଡିଛି।

## ସହାୟତା...

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ସମ୍ପୃକ୍ତ ୩ ଯୁବତୀ ଭୁବନେଶ୍ୱର ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀ ରିମଝିମ ପ୍ରିୟଦର୍ଶିନୀ ସାହୁ, ଏଲିନା ଦାସ ଓ କାଜଲ ଦାସ। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଏହି ସହାୟତା ରାଶି ପ୍ରଦାନ କରାଯିବ।

## ଟିକସରେ ବଡ଼ ରିହାତି ...

ସ୍ଥାନାନ୍ତର ଏବଂ ଆମେରିକାରେ ଜାରି ହୋଇଥିବା ଡେବିଟ କିମ୍ବା କ୍ରେଡିଟ କାର୍ଡ ଦ୍ୱାରା କରାଯାଇଥିବା ପେମେଣ୍ଟ ଉପରେ ଲାଗୁ ହେବ ନାହିଁ ଅର୍ଥାତ୍, ଅଧିକାଂଶ ଦୈନିକ ରିମିଟାନ୍ସ ଏହି ଟିକସ ପରିସର ବାହାରେ ରହିବ।

## ଆନ୍ଧ୍ରକୁ ବାର୍ତ୍ତା...

ସମାଧାନ ପାଇଁ ପୂର୍ବ ସରକାର ଗୁରୁତ୍ୱ ଦେଉ ନ ଥିଲେ ବୋଲି ପୂର୍ବତନ ଜିଲ୍ଲାପାଳ ଗଦାଧର ପରିଡା ଅଭିଯୋଗ କରିଛନ୍ତି। ଏବେର ସରକାର ଗୁରୁତ୍ୱ ଦେଉଥିବାରୁ କୋଟିଆ ଓଡିଶାରେ ରହିବ ବୋଲି ଆଶା ଉଜ୍ଜ୍ୱଳ ରହିଛି ବୋଲି ସେ କହିଛନ୍ତି। ସରପଞ୍ଚ ଲିଉ ଗେମେଲ, କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତିଭାସନ, କୋରାପୁଟ ଏସପି ରୋହିତ ବର୍ମା ପ୍ରମୁଖ ଉପସ୍ଥିତ ରହି ରଥ ଟାଣିଥିଲେ। କୋରାପୁଟ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, କୋରାପୁଟ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ, ପଟ୍ଟାଙ୍ଗୀ ବିଡିଓ ରାମକୃଷ୍ଣ ନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ, ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଂପାଦକ ଭବାନୀ ଶଙ୍କର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ପରିଚାଳନା କରିଥିଲେ।

କୋଟିଆରେ ପ୍ରଥମ ଥର ପାଇଁ ୫ ମନ୍ତ୍ରୀ ସମେତ ଅନେକ ଗୁଡ଼ିଏ ନେତାଙ୍କୁ ଦେଖି କୋଟିଆର ବିକାଶ ହେବ ଏବଂ ଲୋକେ ଜୀବନ ଜୀବିକା ପାଇଁ ସୁଯୋଗ ପାଇବେ ବୋଲି ଆଶା ରଖିଛନ୍ତି।

# ପୁରୀ ରେଳ ଷ୍ଟେସନରେ ଆରପିଏଫ ସିପିଡିଏସ ଟିମ୍ ଦ୍ୱାରା ମୋବାଇଲ୍ ଫୋନ୍ ଚୋର ଗିରଫ

**ପୁରୀ, ନ୍ୟୁଜ ବ୍ୟୁରୋ**

ସତର୍କତା ଏବଂ ତ୍ୱରିତ କାର୍ଯ୍ୟାନୁଷ୍ଠାନର ଏକ ପ୍ରଶଂସନୀୟ ପ୍ରଦର୍ଶନ କରି, ରେଳ ସୁରକ୍ଷା ବଳର ଅପରାଧ ନିବାରଣ ଏବଂ ଚିହ୍ନଟ ସ୍କ୍ୱାଡ୍ ୨୮ ଜୁନ୍ ୨୦୨୫ ରେ ପୁରୀ ରେଳ ଷ୍ଟେସନରେ ଯାତ୍ରୀ ସାମଗ୍ରୀ ଚୋରିରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ସଫଳତାର ସହ ଗିରଫ କରିଛି।

ଅନଧିକୃତ ଯାତ୍ରୀଙ୍କ ଗତିବିଧିକୁ ବନ୍ଦ କରିବା ଏବଂ ଯାତ୍ରୀ ସାମଗ୍ରୀ ଚୋରି ଚିହ୍ନଟ କରିବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନର ଅଂଶ ଭାବରେ, ସିପିଡିଏସ୍ ଦଳ ଷ୍ଟେସନ ପରିସରରେ ବ୍ୟାପକ ପାଟ୍ରୋଲିଂ ଏବଂ ନଜର ରଖିଥିଲା। ଅପରେସନ ସମୟରେ, ମୁଖ୍ୟ ଫାଟକ ଅଞ୍ଚଳ ନିକଟରେ ଜଣେ ସନ୍ଦିଗ୍ଧ ପୁରୁଷଙ୍କୁ ଅଟକାଯାଇଥିଲା।

ତଦନ୍ତ କରିବା ପରେ, ବ୍ୟକ୍ତିଙ୍କ ପାଖରେ ଦୁଇଟି ଚୋରି ମୋବାଇଲ୍ ଫୋନ୍ - ଗୋଟିଏ ଆକାଶିଆ ନୀଳ ଙଚଚଙ ୧୦-କ ଏବଂ ଏକ ଧୂସର ସାମସଙ୍ଗ ଏସ୍୨୪ ଅଲଟ୍ରା - ଥିବା ମିଳିଥିଲା ଯାହାର ମୂଲ୍ୟ ପ୍ରାୟ ୧,୫୦,୦୦୦/-। ଚୋରି ହୋଇଥିବା ଜିନିଷଗୁଡ଼ିକ ଷ୍ଟେସନରେ ଉପସ୍ଥିତ ଜଣେ ଯାତ୍ରୀଙ୍କର ବୋଲି ଚିହ୍ନଟ କରାଯାଇଥିଲା। ପଚରାଉଚରା ସମୟରେ, ଅଭିଯୁକ୍ତ ଚୋରି କରିଥିବା ସ୍ୱୀକାର କଲା ଏବଂ ନିଜର ପରିଚୟ ନାମ: ରାଜେଶ ସିଂହ, ବୟସ: ୨୧ ବର୍ଷ, ଠିକଣା: ଡିବିସି ପଡ଼ା, ପିଏସ୍-ବୈଦନାଥପୁର, ଜିଲ୍ଲା-ଆସାନସୋଲ, ରାଜ୍ୟ-ପଶ୍ଚିମବଙ୍ଗ ବୋଲି ପ୍ରକାଶ କରିଛି। ଦୋଷ ସ୍ୱୀକାର ଏବଂ ଚୋରି ହୋଇଥିବା ସମ୍ପତ୍ତି ଉଦ୍ଧାର ପରେ, ଅଭିଯୁକ୍ତକୁ ପୁରୀର ଆରପିଏଫ୍ ପୋଷ୍ଟକୁ ଅଣାଯାଇଥିଲା। ସମସ୍ତ ଆବଶ୍ୟକୀୟ ଆଇନଗତ ଔପଚାରିକତା ପୂରଣ କରିବା ପରେ, ଅଧିକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟକ୍ତିଙ୍କୁ ପୁରୀର ସରକାରୀ ରେଳବାଇ ପୋଲିସ (ଜିଆରପି)କୁ ହସ୍ତାନ୍ତର କରାଯାଇଥିଲା। ପୁରୀ ରେଳ ଷ୍ଟେସନ ସିସି ଟିଭି କ୍ୟାମେରାର ନେଟୱାର୍କ, ସଜାଗ ଆରପିଏଫ୍ କର୍ମଚାରୀ ଏବଂ ଯାତ୍ରୀମାନଙ୍କ ନିରାପତ୍ତା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ନିରନ୍ତର ୨୪ ଘଣ୍ଟା ତଦାରଖରେ ନଜର ରଖାଯାଇଅଛି।

**ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳବାଇ**

**ଇ-ଟେଣ୍ଡର ନୋଟିସ**

କ୍ର.ନଂ. ଟେଣ୍ଡର ନୋଟିସ୍ ନମ୍ବର : CAO/C/BSP/25-26/05, ତାରିଖ:20.06.2025 (ଖୋଲା ଇ-ଟେଣ୍ଡର) (ଦୁଇଟି ପ୍ୟାକେଟ୍ ସିଷ୍ଟମ)

କାର୍ଯ୍ୟର ନାମ: ‘ବୈଦ୍ୟୁତିକ ଲୋକୋ ସେଡ୍/ବିଏସପିର ବୃଦ୍ଧି, ବୈଦ୍ୟୁତିକ ଲୋକୋମୋଟିଭ୍ ବିଏସ୍‌ପିର ଯାଞ୍ଚ ଏବଂ ରକ୍ଷଣାବେକ୍ଷଣ ପାଇଁ ଆଗୁଆ ଯାଞ୍ଚ କେନ୍ଦ୍ର ସୃଷ୍ଟି ଏବଂ ଏସ୍‌ଇସିଆର ବିଳାସପୁର ଡିଭିଜନ ଉପରେ ଇଏଲଏସ୍/ବିଏସପିରେ ଷ୍ଟୋର ଡିପୋର ଭିତ୍ତିଭୂମିର ଉନ୍ନତି’,

ଟେଣ୍ଡର ମୂଲ୍ୟ: ଟଙ୍କା 379191928.17, ଇଏମ୍‌ଡି:ଟଙ୍କା 2046000.00,

ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ: ନାହିଁ,

କାର୍ଯ୍ୟ ସମାପ୍ତି ଅବଧି: 12 (ବାର) ମାସ, ଗ୍ରହଣ ପତ୍ର ତାରିଖରୁ, ଟେଣ୍ଡର ବନ୍ଦ ତାରିଖ ଏବଂ ସମୟ: 15.07.2025 ତାରିଖ ଦିନ 15:00 ଘଣ୍ଟା ପର୍ଯ୍ୟନ୍ତ,

ଟେଣ୍ଡର ଖୋଲିବାର ତାରିଖ ଏବଂ ସମୟ: 15.07.2025 ତାରିଖ ଦିନ 15:30 ଘଣ୍ଟା। ଟେଣ୍ଡର ଡକ୍ୟୁମେଣ୍ଟ ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟ ପାଇଁ ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ମୁଖ୍ୟ ପ୍ରଶାସନିକ ଅଧିକାରୀ/ସିଓଏନ୍/ଏସ୍.ଇ.ସି.ଆର୍/ବିଳାସପୁର, ପିନ୍:495004 କିମ୍ବା ଉପ-ମୁଖ୍ୟ ଯନ୍ତ୍ରୀ (ସିଓଏନ୍) / ଏସ୍.ଇ.ସି.ରେଲୱେ/ବିଳାସପୁର-ପିନ୍-495004 କିମ୍ବା ଉପ-ମୁଖ୍ୟ ଯନ୍ତ୍ରୀ/ସିଓଏନ୍/ଆଇ/ଏସ୍.ଇ.ସି.ରେଲୱେ/ରାୟପୁର-ପିନ୍-492009, ମୁଖ୍ୟ ପ୍ରକଳ୍ପ ପରିଚାଳକ/ପଶ୍ଚିମ/ନିର୍ମାଣ/ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳବାଇ, ନାଗପୁର ପିନ୍:440001 ସହିତ ଚୁକ୍ତି କରନ୍ତୁ କିମ୍ବା ଆମର ୱେବସାଇଟ୍ www.ireps.gov.in ରେ ଦେଖନ୍ତୁ।

ଉପମୁଖ୍ୟ ଯନ୍ତ୍ରୀ/ସିଓଏନ୍,
ଏସ୍.ଇ.ସି.ରେଲୱେ, ବିଳାସପୁର

CPR/10/PR/132

South East Central Railway @secrail

# ରଥଯାତ୍ରା ସମୟରେ ସ୍ୱାସ୍ଥ୍ୟ ଜନିତ ଜିରୋ କାଜୁଆଲଟି ଲକ୍ଷ୍ୟ ହାସଲ କରିଛି : ସ୍ୱାସ୍ଥ୍ୟ ମନ୍ତ୍ରୀ

**ପୁରୀ/ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଚତୁର୍ଦ୍ଧାମୂରତିଙ୍କ ମାନବୀୟ ଲୀଳାର ନିଦର୍ଶନ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ସମୟରେ ସାମୁହିକ ପ୍ରଚେଷ୍ଟାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱାସ୍ଥ୍ୟ ଜନିତ ଜିରୋ କାଜୁଆଲଟି ଲକ୍ଷ୍ୟ ହାସଲ କରିଛି। ସେଥିପାଇଁମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପୁରୀଠାରେ ନିୟୋଜିତ ସମସ୍ତ ଅଧିକାରୀ, କର୍ମଚାରୀ ଓ ସ୍ୱେଚ୍ଛାସେବୀଙ୍କୁ ସାଧୁବାଦ ଜଣାଇଛନ୍ତି। ରଥଯାତ୍ରା-୨୦୨୫ ଅବସରରେ ସମନ୍ୱିତ ଓ ସୁବ୍ୟବସ୍ଥିତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବହୁବିଧ ପଦକ୍ଷେପ ଗ୍ରହଣ କରାଯାଇଛି। ପୁରୀଠାରେ ବିଭାଗର କ୍ୟାମ୍ପ ଅଫିସ୍ କାର୍ଯ୍ୟ କରୁଛି। ଏହି ବର୍ଷ ଅତିରିକ୍ତ ବେଡ୍ ସଂଖ୍ୟା ଗତ ବର୍ଷର ୧୪୦ରୁ ୨୬୫କୁ ବୃଦ୍ଧି କରାଯାଇଛି। ସ୍ୱାସ୍ଥ୍ୟସେବାକୁ ବ୍ୟାପକ ଏବଂ ତ୍ୱରିତ କରିବା ଉଦ୍ଦେଶ୍ୟରେ ଅନ୍ୟ ଜିଲ୍ଲାରୁ ୩୭୮ ଜଣ ଅତିରିକ୍ତ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କୁ ନିୟୋଜିତ କରାଯାଇଛି। ଅତିରିକ୍ତ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରଥମ ଥର ପାଇଁ ଏଏମ୍‌ସ୍, ଭୁବନେଶ୍ୱର ପକ୍ଷରୁ ଚିକିତ୍ସା କେନ୍ଦ୍ରରେ ଏକ ବିଶେଷ ଡାକ୍ତର ଟିମ୍ ନିୟୋଜିତ ହୋଇ କାର୍ଯ୍ୟ କରୁଛନ୍ତି। ଜରୁରୀକାଳୀନ ଚିକିତ୍ସା ପରିବହନ ପାଇଁ ବ୍ୟାପକ ଆମ୍ବୁଲେନ୍ସ ନେଟୱାର୍କ ସୁନିଶ୍ଚିତ କରାଯାଇଛି। ୩୧ଟି ସରକାରୀ ଆମ୍ବୁଲାନ୍ସ ଏବଂ ସ୍ୱେଚ୍ଛା ସେବୀ ସହାୟତାରେ ୪୩ଟି ଆମ୍ବୁଲାନ୍ସକୁ ମିଶାଇ ମୋଟ ୭୪ଟି ଆମ୍ବୁଲାନ୍ସ ସେବାରେ ଅଛି ବୋଲି ସୂଚନା ମିଳିଛି।

ଭୁବନେଶ୍ୱର
୨୯ ଜୁନ୍,
ରବିବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଦିଲ୍ଲୀରେ ୧ ଜୁଲାଇରୁ ଲକ୍ଷାଧିକ ଗାଡି ହୋଇଯିବ କବାଡି : ପ୍ୟାନେଲ ଦେଲା ମଞ୍ଜୁରୀ



**ନୂଆଦିଲ୍ଲୀ,୨୮।୬**

ନିଜ ବାହାନରେ ଦିଲ୍ଲୀ ଯିବା ଆସିବା କରୁଥିବା ଲୋକଙ୍କ ପାଇଁ ଖୁସି ଖବର। ଦିଲ୍ଲୀରେ ୧ ଜୁଲାଇରୁ ପୁରୁଣା ବାହନକୁ ପେଟ୍ରୋଲ-ଡିଜେଲ୍ ମିଳିବନି। ସିଏକ୍ୟୁଏମ୍ (ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ) ନିଷ୍ପତ୍ତି ନେଇଛି। ଏଭଳି ବାହନକୁ ଜବତ କରି ସ୍କ୍ରାପ୍ କରାଯିବ। ଦିଲ୍ଲୀ ସରକାର ଓ ଟ୍ରାଫିକ୍ ପୋଲିସ ମିଶିକି ଏହି ଯୋଜନା ତିଆରି କରିଛନ୍ତି। ସେ ଇଓଏଲ୍ ଇଓଏଲ୍ ଅର୍ଥାତ 'ଏଣ୍ଡ-ଅଫ୍-ଲାଇଫ୍' ଗାଡିର ହଟସ୍ପଟ୍ ମଧ୍ୟ ଖୋଜି ନିଆଯାଇଛି। ଏହାର ଲକ୍ଷ୍ୟ ଦିଲ୍ଲୀର ବାୟୁକୁ ସଫା କରିବା। ଅଧିକାରୀଙ୍କ କହିବା ଅନୁସାରେ, ୧ ଜୁନ୍‌ରୁ ୨୩ ଜୁନ୍ ଭିତରେ ପ୍ରାୟ ୧.୪ ଲକ୍ଷ ବାହନକୁ ଇଓଏଲ୍ ରୂପରେ ଚିହ୍ନଟ କରାଯାଇଛି। ମୋଟ ଭାବରେ ୮.୧ ଲକ୍ଷ ବାହନର ଚିହ୍ନଟ କରାଯାଇଛି। ସେ ଏହା ମଧ କହିଛନ୍ତି ଯେ, ୪୯୮ ପେଟ୍ରୋଲ ପମ୍ପରେ ଅଟୋମେଟିକ୍ ନମ୍ବର ପ୍ଲେଟ ରିକଗନେସନ୍ କ୍ୟାମେରା ଲଗାଯାଇଛି। ଏଥିରେ ୩୮୨ ପେଟ୍ରୋଲ ଓ ଡିଜେଲ ଥିବା ବାହନ ପାଇଁ ରହିଛି, ସେଭଳି ୧୧୬ ସିଏନ୍‌ଜି ବାହନ ପାଇଁ ରହିଛି। ତେବେ ଅଧିକାରୀମାନେ ଏହା ସ୍ପଷ୍ଟ କରିଛନ୍ତି ଯେ, ସିଏନ୍‌ଜିରେ ଚାଲୁଥିବା ପୁରୁଣା ବାହନ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ କରାଯାଇ ନାହିଁ। ଏଏନ୍‌ପିଆର ଟେକ୍ନୋଲୋଜିରୁ ବାହନର ଡାଟାକୁ ରିୟଲ ଟାଇମ୍‌ରେ ରେକର୍ଡ ଓ ଟ୍ରାକ୍ କରାଯାଇପାରେ। ଏହାଦ୍ୱାରା ବାହନର ବୟସ ସହିତ ସବୁ ସୂଚନା କିଛି ସେକେଣ୍ଡରେ ମିଳିଯାଇଥାଏ। ସିଏକ୍ୟୁଏମ୍‌ର ସଦସ୍ୟ ବିରେନ୍ଦ୍ର ଶର୍ମା କହିଛନ୍ତି, ଆମେ ଶେଷରେ ଇଓଏଲ୍ ବାହନକୁ ସଡକରୁ ହଟାଇବାର ସମସ୍ୟାକୁ ସମାଧାନ କରିବାର ନିଷ୍ପତ୍ତି ନେଇଛୁ।' ସେ କହିଛନ୍ତି, ଇଓଏଲ୍ ବାହନକୁ ଦିଲ୍ଲୀର ସଡକରୁ ହଟାଇବାର ମାମଲା ୨୦୧୫ରେ ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ ପରେ ୨୦୧୮ରେ ସୁପ୍ରିମକୋର୍ଟରେ ଉଠାଯାଇଛି, କିନ୍ତୁ ଏଏନ୍‌ପିଆର୍ ଭଳି ଟେକ୍ନୋଲୋଜି ହେବା କାରଣରୁ ଏହାକୁ ଲାଗି କରାଯାଇ ନାହିଁ। ଶର୍ମା କହିଛନ୍ତି, ଇଓଏଲ୍ ବାହନ ପ୍ରଦୂଷଣ ରୋକିଥାଏ। ରିସର୍ଚ୍ଚରୁ ଜଣାପଡିଛି ଯେ, ବିଏସ୍-୪ ବାହନ, ବିଏସ୍-୬ ବାହନର ତୁଳନାରେ ୫.୫ ଗୁଣା ଅଧିକ ପ୍ରଦୂଷଣ କରିଥାଏ।

# ପାତାଳୀ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ରଥଯାତ୍ରା:ଲକ୍ଷାଧିକ ଭକ୍ତଙ୍କ ସମାଗମ



**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ପ୍ରସିଦ୍ଧ ପୀଠ ପାତାଳୀକ୍ଷେତ୍ର କୋଟସମଲାଇରେ ଶନିବାର ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶନିବାର ସକାଳ ୫ଟାରେ ମଙ୍ଗଳଆଳତି, ସକାଳ ୭ଟାରେ ଖେଚୁଡି ଭୋଗ, ୮ଟାରେ ମଙ୍ଗଳାରୋପଣ, ଦ୍ୱାରପାଳ ପୂଜା, ଦ୍ୱାରଫିଟା, ଖେଚୁଡି ଭୋଗ, ମହାପ୍ରଭୁଙ୍କ ବେଶ, ରଥ ପ୍ରତିଷ୍ଠା ଆଦି ରୀତିନୀତି କରାଯାଇଥିଲା। ସକାଳ ୧୦ଟାରେ ଛଳିଆ ପାହାଡ ଶିଖରରୁ ମହାପ୍ରଭୁଙ୍କୁ ଧାଡି ପହଣ୍ଡିରେ ଅଣାଯାଇ ରଥାରୂଢ କରାଯାଇଥିଲା। ଅପରାହ୍ନ ୧ଟାରେ ମହାପ୍ରଭୁଙ୍କୁ ଗାଁର ଗଉଁତିଆ ଚମରା ଅମାତ୍ ଛେରାପହଁରା ନୀତି ସମ୍ପାଦନ କରିଥିଲେ। ତା' ପରେ ୨ଟାରେ ମହାପ୍ରଭୁଙ୍କ ରଥଟଣା ହୋଇଥିଲା। ବଳରାମଙ୍କ ଦେବଦଳନ ରଥ ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଓ କାଳିଆଙ୍କ ନନ୍ଦିଘୋଷ ରଥ ଟଣା ଯାଇଥିଲା। ତା'ପରେ ୩ଟାରେ ଛୋଟ ଛୋଟ ଛୁଆଙ୍କ ରଥଛୁଆ କରାଯାଇଥିଲା। ଏହି ଅବସରରେ ଲକ୍ଷଲକ୍ଷ ଭକ୍ତ ଶ୍ରୀଜୀଉଙ୍କ ପ୍ରଭୁକୃପା ପାଇଁ ଧାଇଁ ଆସିଥିଲେ। ଏଥିରେ ରାଜମଣୀ ସାହୁ, ନାରାୟଣ ଦେହୁରୀ, ଅଧ୍ୟାପକ ପଣ୍ଡିତ ହରିଶ୍ଚନ୍ଦ୍ର ହୋତା ଓ ରବିନାରାୟଣ ପାଣିଗ୍ରାହୀ ପ୍ରମୁଖ ଧାରାବିବରଣି ପ୍ରଦାନ କରିଥିଲେ। ପାତାଳୀ ଶ୍ରୀକ୍ଷେତ୍ର ଭଜନ ଗ୍ରୁପ ଦ୍ୱାରା ଭଜନ କାର୍ଯ୍ୟକ୍ରମ, ମହିଳା ନାମ ସଂକିର୍ତ୍ତନ ଆଦି ପରିବେଷଣ ହୋଇଥିଲା। ଅଖିଳ ଭାରତୀୟ ସେବା ସଂଗଠନ, ରାଷ୍ଟ୍ରୀୟ ସ୍ୱୟଂ ସେବା ସଂଗଠନ, ମାହେଶ୍ୱରୀ ସେନା, ପାତାଳୀ ସେନା, ପବନା ଶ୍ରମ ଗ୍ରୁପ, ପୋଲିସ ବିଭାଗ, ସ୍ୱାସ୍ଥ୍ୟ, ପାନୀୟ ଜଳ ବିଭାଗ, ଦମକଳ ବାହିନୀ ସହ ଅନ୍ୟ ବିଭାଗ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଓ ଟ୍ରଷ୍ଟ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଥିଲା।

# ପୁରୁଲିଆରୁ ମାସଗ୍ରାମ ମାର୍ଗ ଦେଇ ହାଓଡ଼ା ଯାଉଥିବା ମେମୁ ଟ୍ରେନ୍‌ର ଶୁଭାରମ୍ଭ କଲେ ରେଳମନ୍ତ୍ରୀ



**ନୂଆଦିଲ୍ଲୀ//ଭୁବନେଶ୍ୱର,୨୮/୦୬ ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ରେଳପଥ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ , କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡକ୍ଟର ସୁକାନ୍ତ ମଜୁମଦାର, ବିଷ୍ଣୁପୁରର ସାଂସଦ ସୌମିତ୍ର ଖାନ, ହାଓଡ଼ାର ସାଂସଦ ପ୍ରସୁନ ବାନାର୍ଜୀ, ରେଳ ଅଧିକାରୀ ଏବଂ ନାଗରିକମାନେ ଶନିବାର ସାନ୍ତ୍ରାଗାଛି ରେଳପଥ ଷ୍ଟେସନ ପରିଦର୍ଶନ କରିଥିଲେ। ଏହି ନିରୀକ୍ଷଣ ପରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଅଞ୍ଚଳର ଚାହିଦା ପୂରଣ କରି ପୁରୁଲିଆ ଏବଂ ହାଓଡ଼ା ମଧ୍ୟରେ ଟ୍ରେନ୍ ନମ୍ବର ୦୮୧୨୧ - ଗରଗଟ ସେବାର ଉଦଘାଟନୀ ଉତ୍ସବରେ ଯୋଗଦେଇ ଟ୍ରେନର ଶୁଭାରମ୍ଭ କରିଥିଲେ। ଶ୍ରୀ ବୈଷ୍ଣବ ଅମୃତ ଭାରତ ଷ୍ଟେସନ୍ ଯୋଜନା ପୁନଃବିକାଶର ଏକ ଅଂଶ ଭାବରେ ସାନ୍ତ୍ରାଗାଛି ରେଳ ଷ୍ଟେସନରେ ଭିତ୍ତିଭୂମି ଏବଂ ଯାତ୍ରୀ ସୁବିଧା ଯାଞ୍ଚ କରିଥିଲେ। ସାନ୍ତ୍ରାଗାଛି ରେଳ ଷ୍ଟେସନରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଗରଗଟ ଟ୍ରେନ୍ ନମ୍ବର ୦୮୧୨୧ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଶ୍ରୀ ଅଶ୍ୱିନୀ ବୈଷ୍ଣବ ତାଙ୍କର ବକ୍ତବ୍ୟରେ କହିଛନ୍ତି ଯେ, "ଏହି ମେମୁ ଟ୍ରେନ୍ କେବଳ ଏକ ଗୁରୁତ୍ୱପୂର୍ଣ୍ଣ ରେଳ ସଂଯୋଗକୁ ପୁନରୁଦ୍ଧାର କରେ ନାହିଁ ବରଂ ଐତିହାସିକ ବାଙ୍କୁଡା ଦାମୋଦର ରେଳପଥର ଆତ୍ମାକୁ ମଧ୍ୟ ପୁନର୍ଜୀବିତ କରେ। ପୁରୁଲିଆ, ବାଙ୍କୁଡା ଏବଂ ହାଓଡ଼ାର ଲୋକମାନେ ଏବେ ଏକ ସ୍ୱଚ୍ଛ, ଦ୍ରୁତ ଏବଂ ଅଧିକ ସୁଲଭ ରେଳ ଯାତ୍ରାର ସୁବିଧା ପାଇଛନ୍ତି। ଏହା ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ।" କେବଳ ପଶ୍ଚିମବଙ୍ଗରେ, ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ପ୍ରାୟ ୧୦୧ଟି ଷ୍ଟେସନରେ ଅସାଧାରଣ ଗତିରେ କାମ ଚାଲିଛି। ଏହା କେବଳ ବିକାଶ ନୁହେଁ, ଏହା ଭାରତୀୟ ରେଳବାଇର ଏକ ସମ୍ପୂର୍ଣ୍ଣ ନବୀକରଣର ଦୃଷ୍ଟିକୋଣ। ଏକ ନୂତନ ଯୁଗର ନିର୍ମାଣ କରାଯାଉଛି - ୫୦-୬୦ ବର୍ଷ ପୁରୁଣା ଷ୍ଟେସନଗୁଡ଼ିକୁ ବଦଳାଇ ଆଧୁନିକ ଷ୍ଟେସନଗୁଡ଼ିକ ବ୍ୟବହାର କରାଯିବ। ଲୋକମାନେ ଆଜି ଗୁଣବତ୍ତା ଏବଂ ଉତ୍ତମ ଅଭିଜ୍ଞତା ପାଇଁ ଆକାଂକ୍ଷା କରନ୍ତି। ନୂତନ ମେମୁ ଟ୍ରେନ୍ ନମ୍ବର ୦୮୧୨୧ ପୁରୁଲିଆ – ବାଙ୍କୁଡା – ମାସଗ୍ରାମ – ହାଓଡ଼ା ରୁଟ୍ ଦେଇ ମୋଟ ୨୮୩ କିମି ଦୂରତା ଅତିକ୍ରମ କରିବ। ଏହି ମେମୁ ସେବା ପଶ୍ଚିମବଙ୍ଗ ରାଜ୍ୟ ମଧ୍ୟରେ ପୂର୍ବ-ପଶ୍ଚିମ ଗତିଶୀଳତାକୁ ବୃଦ୍ଧି କରେ ଏବଂ ଅଫିସ୍ ଯାଉଥିବା ହଜାର ହଜାର ଦୈନିକ ଯାତ୍ରୀଙ୍କ ପାଇଁ ଏକ ଦ୍ରୁତ ଓ କମ ଖର୍ଚ୍ଚରେ ଯାତ୍ରା କରିବ ଯେଉଁଥିରେ ଅଫିସ୍ ଯାଉଥିବା ଲୋକ, ଛୋଟ ଏବଂ ମଧ୍ୟମ ବ୍ୟବସାୟୀ ମଧ୍ୟ ସାମିଲ ଅଛନ୍ତି।

# ୬ ବର୍ଷ ପରେ ଚୀନ୍ ସହ ଆଲୋଚନା : ଏସ୍‌ସିଓରୁ ରାଜନାଥ ଦେଲେ ଗୁଡ୍ ନ୍ୟୁଜ୍



**ନୂଆଦିଲ୍ଲୀ,୨୮/୦୬**

ଭାରତର ଆହ୍ୱନରେ ବଢିବ ଡ୍ରାଗନ୍‌ର ଟେନ୍‌ସେନ୍। ଏସ୍‌ସିଓ ବୈଠକରେ ଭାରତ-ଚୀନ୍ ଦ୍ୱିପାକ୍ଷିକ ଆଲୋଚନା ହୋଇଛି। ଦୁଇ ଦେଶ ମଧ୍ୟରେ ନୂଆ ବିବାଦ ସୃଷ୍ଟି ନକରିବାକୁ ଚୀନ୍ ପ୍ରତିରକ୍ଷାମନ୍ତ୍ରୀଙ୍କୁ ସିଧା ସିଧା ଶୁଣାଇଛନ୍ତି ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ସେପଟେ ସକରାତ୍ମକ ମନୋଭାବ ରଖି ୬ ବର୍ଷ ପରେ କୈଳାସ ମାନସରୋବର ଯାତ୍ରା ଖୋଲିଥିବାରୁ ଖୁସିବ୍ୟକ୍ତ କରିଛନ୍ତି। ଅନ୍ୟପଟେ ଚୀନ୍ ଓ ତାଇୱାନ୍‌ରୁ ଆସୁଥିବା କିଛି ସାମଗ୍ରୀ ଉପରେ ଶୁଳ୍କ ଲଗାଇଛି ଭାରତ।

ଚୀନ୍ ପ୍ରତିରକ୍ଷାମନ୍ତ୍ରୀ ଏଡମିରଲ ଡାନ୍ ଜୁନଙ୍କୁ ସାକ୍ଷତ କରିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ। ଏହା ସହିତ ସୀମା ଉତ୍ତେଜନା ପରିଚାଳନା ଓ ଉତ୍ତମ ସମ୍ପର୍କ ପାଇଁ ଭାରତ ସରକାର ଚୀନ୍‌କୁ ୪ ସୂତ୍ରୀ ଫର୍ମୁଲାର ପରାମର୍ଶ ଦେଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ସାକ୍ଷତକାରରେ ଏକ ବଡ଼ ନିଷ୍ପତ୍ତି ଉପରେ ଦୁଇ ଦେଶ ସହମତି ପ୍ରକାଶ କରିଛନ୍ତି। ରାଜନାଥ ସିଂହ ସୋସିଆଲ ମିଡିଆରେ କହିଛନ୍ତି କି, ପ୍ରାୟ ୬ ବର୍ଷ ପରେ କୈଳାସ ମାନସରୋବର ଯାତ୍ରା ପୁଣି ଆରମ୍ଭ ହୋଇଛି। ଏହାକୁ ନେଇ ଭାରତ ଓ ଚୀନ ମଧ୍ୟରେ ଆଲୋଚନା ସକାରାତ୍ମକ ହୋଇଛି। ସୋସିଆଲ ମିଡିଆ ଏକ୍ସ ପୋଷ୍ଟରେ ରାଜନାଥ ସିଂହ କହିଛନ୍ତି, "କିଙ୍ଗ୍‌ଦାଓରେ ଏସ୍‌ସିଓ ରକ୍ଷା ମନ୍ତ୍ରୀଙ୍କ ବୈଠକ ଜରିଆରେ ଚୀନ୍ ରକ୍ଷାମନ୍ତ୍ରୀ ଏଡମିରଲ ଡାନଙ୍କ ସହ ଆଲୋଚନା ହୋଇଛି। ଆମେ ଦ୍ୱିପାକ୍ଷିକ ସମ୍ପର୍କ ସମ୍ବନ୍ଧିତ ବିଷୟରେ ଦୂରଦର୍ଶୀ ବିଚାରର ଆଦାନ ପ୍ରଦାନ ହୋଇଛି। ପ୍ରାୟ ୬ ବର୍ଷ ପରେ କୈଳାଶ ମାନସରୋବର ଯାତ୍ରା ପୁଣି ଆରମ୍ଭ ହୋଇଛି।" ଚୀନ୍‌ର କିଙ୍ଗ୍‌ଦାଓରେ ସାଙ୍ଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ)ର ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଯୋଗ ଦେଇଥିଲେ। ଏସ୍‌ସିଓରେ ମିଳିତ ଦସ୍ତାବିଜ (ବିବୃତି)ରେ ସ୍ୱାକ୍ଷର କରିବାକୁ ମନା କରିଥିଲେ ରାଜନାଥ। ଏସ୍‌ସିଓର ମିଳିତ ବିବୃତିରେ ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଘଟଣାକୁ ସାମିଲ କରାଯାଇ ନାହିଁ। କିନ୍ତୁ ପାକିସ୍ତାନର ବେଲୁଚିସ୍ତାନରେ ହୋଇଥିବା ଆତଙ୍କବାଦୀ ହମ୍‌ଲା ଘଟଣା ବାବଦରେ ଏଥିରେ ଉଲ୍ଲେଖ ରହିଛି। ଏହାକୁ ନେଇ ରାଜନାଥ ସିଂହ ଆପତ୍ତି ଉଠାଇଥିଲେ। ସେପଟେ ଭାରତ ସରକାର ଚୀନ୍ ଓ ତାଇୱାନ୍‌ରୁ ଆମଦାନୀ ହେଉଥିବା ପ୍ଲାଷ୍ଟିକ ମେସିନ୍ ଉପରେ ୫ବର୍ଷ ଯାଏ ଆଣ୍ଟି ଡମ୍ପିଙ୍ଗ ଟାରିଫ୍ ଲଗାଇଛି। କେନ୍ଦ୍ରୀୟ ପରୋକ୍ଷ ଟିକସ୍ ଏବଂ ସୀମା ଶୁଳ୍କ ବୋର୍ଡ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଚୀନ୍ ଏବଂ ତାଇୱାନ୍‌ରୁ ଆସୁଥିଲା ପ୍ଲାଷ୍ଟିକ ମେସିନ୍‌ରେ ୫ ବର୍ଷ ଯାଏ ଶୁଳ୍କ ଲାଗୁଥିବା ଏସବିଆଇସି ପକ୍ଷରୁ ନୋଟିସ୍ ଜାରି ହୋଇଛି। ଏହା ପୂର୍ବରୁ ୨୦୨୩ରେ ଚୀନ୍‌ରୁ ଆସୁଥିବା ପିଗମେଣ୍ଟ ଉପରେ ଚାର୍ଜ ଲଗାଇଥିଲା।

# ସମ୍ବଲପୁର ସହରରେ ପାନୀୟ ଜଳ ଯୋଗାଣ ପାଇଁ ୬୦୦ କୋଟି ବ୍ୟୟ ବରାଦ



**ସମ୍ବଲପୁର, ୨୮/୦୬ ନ୍ୟୁଜ ବ୍ୟୁରୋ**

ମ୍ୟୁନିସିପାଲିଟିରେ ବୁର୍ଲା ଓ ହୀରାକୁଦ ଏନଏସି ସହ ଆଖପାଖର ପ୍ରାୟ ୫୫ଟି ଗାଁକୁ ମିଶାଇ ଏହାକୁ ମହାନଗରର ମାନ୍ୟତା ମିଳିଛି। ତେବେ ସମ୍ବଲପୁର ସହରର କେତେକ ସ୍ଥାନ ସହ ନୂଆଭାବେ ସମିଶ୍ରଣ ହୋଇଥିବା କେତୋଟି ଗାଁକୁ ଜନ ସ୍ୱାସ୍ଥ୍ୟ ବିଭାଗର ପାନୀୟ ଜଳ ପହଞ୍ଚି ପାରିନାହିଁ। ଯାହା ଫଳରେ ଲୋକେ ପାନୀୟ ଜଳ ପାଇଁ ହଇରାଣ ହେଉଛନ୍ତି। ଏହା ଦ୍ୱାରା ବେଳେ ବେଳେ ଜଳବାହିତ ରୋଗ ମଧ୍ୟ ହେବାର ନଜିର ରହିଛି। ଏହି ସମସ୍ୟାକୁ ନଜରରେ ରଖି ଏବେ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସହରାଞ୍ଚଳ ଲୋକଙ୍କୁ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ପାଇଁ ଏକ ନୂତନ ପ୍ରକଳ୍ପ ହାତକୁ ନିଆଯାଇଛି। ଏଥିପାଇଁ ୬୦୦ କୋଟି ବ୍ୟୟ ବରାଦ ହୋଇଥିବା ବେଳେ ଟେଣ୍ଡର ମଧ୍ୟ ଡକା ଯାଇଛି। ଏନେଇ ସମ୍ବଲପୁର ମହାନଗର ନିଗମର କମିଶନର ବେଦ ଭୂଷଣ ସୂଚନା ଦେଇଛନ୍ତି। କ୍ୟାବିନେଟ ମଞ୍ଜୁରୀ ଅପେକ୍ଷାରେ ଥିବା କହିଛନ୍ତି ମହାନଗର ନିଗମର କମିଶନର। ସମ୍ବଲପୁର ମହାନଗରର ଜନ ସଂଖ୍ୟା ପ୍ରାୟ ସାଢେ ୪ ଲକ୍ଷ ରହିଛି। ଏହିଭଳି ଏକ ଜନସଂଖ୍ୟାକୁ ବ୍ୟବହାରଯୋଗ୍ୟ ଜଳ ଯୋଗେଇବା ଜନ ସ୍ୱାସ୍ଥ୍ୟ ବିଭାଗ ପାଇଁ ଏକ ବଡ଼ ଆହ୍ୱାନ ରହିଛି। ମୁଖ୍ୟତଃ ପାଖରେ ହୀରାକୁଦ ଜଳଭଣ୍ଡାର ଓ ମହାନଦୀ ଥିବାରୁ ଏଠାରେ ପାଣିର କୌଣସି ଅସୁବିଧା ନାହିଁ। ତେବେ ଏହି ପାଣିକୁ ବ୍ୟବହାରଯୋଗ୍ୟ କରିବା ପାଇଁ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟର ଆବଶ୍ୟକତା ରହିଛି। ସମ୍ବଲପୁର ମହାନଗରରେ ଥିବା ୮ଟି ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ଏଥିପାଇଁ ଯଥେଷ୍ଟ ନଥିବାରୁ ଜନସ୍ୱାସ୍ଥ୍ୟ ବିଭାଗ ସହର ଆଖପାଖରେ ଥିବା ଆର୍‌ଡବ୍ଲୁଏସ୍‌ଏସ୍ ବିଭାଗର କେତେକ ପ୍ରକଳ୍ପ ଉପରେ ନିର୍ଭରଶୀଳ ଥିଲା। ତେବେ ଏଥିରେ ମଧ୍ୟ ସମସ୍ୟା ରହୁଥିଲା, ଫଳରେ ସହରର କେତେକ ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଥିଲେ। ଏଥିପାଇଁ ଏବେ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଏକ ପ୍ରକଳ୍ପ ପାଇଁ ଟେଣ୍ଡର ଡକାଯାଇଛି। ଏହା ୬୦୦ କୋଟି ଟଙ୍କାର ଅଟେ। ଏହି ପ୍ରକଳ୍ପ ଦ୍ୱାରା ମୁଖ୍ୟତଃ ସହରର ପ୍ରତ୍ୟେକ ଘରକୁ ପାନୀୟ ଜଳ ୨୪ ଘଣ୍ଟା ପହଞ୍ଚାଇବାକୁ ଚେଷ୍ଟା କରାଯିବ। ଏଥିପାଇଁ କେତେକ ପୁରୁଣା ପାନୀୟ ଜଳ ଯୋଗାଣ ପାଇପ ବଦଳାଯିବା ସହ କେତେକ ନୂଆ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ମଧ୍ୟ ବସା ଯିବ। ସମ୍ବଲପୁର ମହାନଗର ନିଗମର କମିଶନର ବେଦ ଭୂଷଣ କହିଛନ୍ତି ଯେ ''ଆମେ ସବୁ ଘରକୁ ପାଣି ଦେଉଛୁ କିନ୍ତୁ ତାହା ୨୪ ଘଣ୍ଟା ଦିଆ ଯାଇ ପାରୁନି। ଆମ ପାଖରେ ହୀରାକୁଦ ଡ୍ୟାମ ଯୋଗୁଁ ପାଣିର କୌଣସି ଅସୁବିଧା ନାହିଁ ତେବେ ଆମକୁ ବିଶୋଧିତ ପାଣି ଦରକାର। ଜଳ ଯୋଗାଣ ପାଇଁ ପାଇପ ସଂଯୋଗୀକରଣ ବ୍ୟବସ୍ଥା ଉତ୍ତମ ହେବା ଦରକାର। ସେଥିପାଇଁ ଏବେ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ଏକ ଟେଣ୍ଡର ଡକାଯାଇଛି ଯେଉଁଥିରେ ୬୦୦ କୋଟିର ବ୍ୟୟ ବରାଦ ରହିଛି। ଏଥିପାଇଁ କ୍ୟାବିନେଟ ମଞ୍ଜୁରୀ ମଧ୍ୟ ଖୁବ ଶୀଘ୍ର ମିଳିଯିବ। ଆଉ ଏହି ପ୍ରକଳ୍ପରେ କେତୋଟି ନୂଆଁ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ହେବ ଓ କେତେକ ପୁରୁଣା ପାନୀୟ ଜଳ ସଂଯୋଗୀକରଣ ପାଇପ ବଦଳାଯିବ''। ସୂଚନାଯୋଗ୍ୟ ଯେ ସମ୍ବଲପୁର ମହାନଗରରେ ଜନ ସ୍ୱାସ୍ଥ୍ୟ ବିଭାଗର ପ୍ରାୟ ୭୦ ହଜାର ଗ୍ରାହକ ଅଛନ୍ତି। ଅନ୍ୟପଟେ ମହାନଗରରେ ପ୍ରାୟ ସାଢେ ୪ ଲକ୍ଷ ଲୋକ ବସବାସ କରୁଛନ୍ତି। ଏହିଭଳି ଭାବରେ ଦୈନିକ ଜଣେ ବ୍ୟକ୍ତିକୁ ୧୬୫ ଲିଟରର ପାଣିର ଆବଶ୍ୟକତା ରହିଛି। ତେଣୁ ଏହା ଏକ ବଡ଼ ଆହ୍ୱାନ ଅଟେ। ନା ଅନୁସାରେ ସମ୍ବଲପୁର ମହାନଗରରେ ପୂର୍ବରୁ ମାତ୍ର ୮ଟି ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ରହିଛି। ଯେମିତି କି ସମ୍ବଲପୁର ସହରର ବରେଇପାଲିରେ ୪୦ ଏମ୍‌ଏଲ୍‌ଡି, ମୁଦିପଡାରେ ୧୧ ଏମ୍‌ଏଲ୍‌ଡି, ହୀରାକୁଦ ସହରରେ ଗୋଟିଏ ୯ ଏମ୍‌ଏଲ୍‌ଡି, ବୁର୍ଲା ସହର ରେ ଗୋଟିଏ ୪.୫ ଏମ୍‌ଏଲ୍‌ଡି, ଗୋଟିଏ ୬ ଏମ୍‌ଏଲ୍‌ଡି ଓ ୨.୨୫ ଏମ୍‌ଏଲ୍‌ଡିର ୩ ଟି ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ରହିଛି। ତେବେ ଏହି ନୂତନ ପ୍ରକଳ୍ପ ରେ ବର୍ତ୍ତମାନ ସମ୍ବଲପୁର ସହରର କାଇଁଷିର ରୋଡ୍ ଅଞ୍ଚଳରେ ଗୋଟିଏ ୬୫ ଏମ୍‌ଏଲ୍‌ଡି କ୍ଷମତା ସମ୍ପନ୍ନ ଓ ବୁର୍ଲା ସହରର ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଞ୍ଚଳରେ ୩୫ ଏମ୍‌ଏଲ୍‌ଡି କ୍ଷମତା ସମ୍ପନ୍ନର ଗୋଟିଏ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ହେବ। ଏହା ଦ୍ୱାରା ସମ୍ବଲପୁର ମହାନଗର ଆଞ୍ଚଳରେ ଥିବା ପାଣି ସମସ୍ୟା ଦୂର ହେବ ବୋଲି ଆଶା କରାଯାଉଛି। ମୁଖ୍ୟତଃ ଲୋକଙ୍କୁ ୨୪ ଘଣ୍ଟା ପାଣି ଯୋଗାଇଦେବା ତଥା ପାଣି ୨୪ ଘଣ୍ଟା ଉପଲବ୍ଧ ହେଲେ ପାଣି ପାଇପରେ ପ୍ରେସର ରହିଲେ ବାହାରୁ କୌଣସି ସଂକ୍ରମଣର ଆଶଙ୍କା ହ୍ରାସ ପାଇବ। ଏହା ସହ ପାଣିର ଗୁଣାତ୍ମକ ମାନ ବୃଦ୍ଧି କରିବା ଲକ୍ଷ୍ୟ ନେଇ ଜିଲ୍ଲା ପ୍ରଶାସନ ଏହି ପଦକ୍ଷେପ ଗ୍ରହଣ କରିଛି।

# ନନ୍ଦିଘୋଷ ରଥ ଟଣା ବିଭ୍ରାଟକୁ ନେଇ କ୍ଷୋଭ ପ୍ରକାଶ କଲେ ନବୀନ

**ଭୁବନେଶ୍ୱର ୨୮/୦୬ ନ୍ୟୁଜ ବ୍ୟୁରୋ**

ଶ୍ରୀଗୁଣ୍ଡିଚାରେ ବିଳମ୍ବରେ ନନ୍ଦିଘୋଷ ରଥ ଟଣା ଏବଂ ବିଭ୍ରାଟ ଘଟଣାରେ ଏକ୍ସରେ କ୍ଷୋଭ ପ୍ରକାଶ କଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସୋସିଆଲ ମିଡିଆ 'ଏକ୍ସ' ଆକାଉଣ୍ଟରେ ପୋଷ୍ଟ କରି ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ ଲେଖିଛନ୍ତି ଯେ, ଚକା ଆଖି ସବୁ ଦେଖୁଛି। "ମହାପ୍ରଭୁ ସଦ୍‌ବୁଦ୍ଧି ଦିଅନ୍ତୁ'।

ସେ ଲେଖିଛନ୍ତି ଯେ,'ଶୁକ୍ରବାର ନନ୍ଦିଘୋଷ ରଥ ଟଣାରେ ଅଯଥା ବିଳମ୍ବ ହେବା ପାଇଁ ଆମେ ଏଠାରେ କାହା ଉପରକୁ ଅଙ୍ଗୁଳି ଉଠାଇବାକୁ କିମ୍ବା ପ୍ରଶାସନକୁ ଦୋଷ ଦେବା ପାଇଁ ଚାହୁଁ ନାହୁଁ। କିନ୍ତୁ ରାଜ୍ୟର ଏହି ପବିତ୍ର ଉତ୍ସବ ସମୟରେ ଯେଉଁ ଘଟଣା ଘଟିଲା, ତାହା ଉପରେ ଗଭୀର ଚିନ୍ତା ଓ ଦୁଃଖ ପ୍ରକାଶ ନକରି ରହିହେଉ ନାହିଁ। ଗତ ବର୍ଷ ଶ୍ରୀ ବଳଭଦ୍ରଙ୍କ ମୂର୍ତ୍ତି ଆଡ଼ପ ବିଜେ ପହଣ୍ଡି ସମୟରେ ଖସି ପଡ଼ିଥିବା ଘଟଣା ଭୁଲିବା କଷ୍ଟକର, ଯାହା ଅସଂଖ୍ୟ ଭକ୍ତଙ୍କୁ ମର୍ମାହତ କରିଥିଲା। ଏ ବର୍ଷ ନନ୍ଦିଘୋଷ ରଥ ସିଂହଦ୍ୱାରରେ ସନ୍ଧ୍ୟା ୭:୪୫ ପର୍ଯ୍ୟନ୍ତ ଅଟକି ରହିବା ଏବଂ ଦିନ ଶେଷ ହେବା ପୂର୍ବରୁ ମାତ୍ର ୧୦ ହାତ ଗଡ଼ିବା ଆମେ ଦେଖିଲୁ। ଏହା ସ୍ୱାଭାବିକ ଭାବେ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଏହି ଅନନ୍ୟ ଉତ୍ସବ ଦେଖିବାକୁ ଆସିଥିବା ଲକ୍ଷ ଲକ୍ଷ ଭକ୍ତଙ୍କୁ ନିରାଶ ଓ ହତାଶ କରିଛି। ଖରାପ ଭିଡ଼ ନିୟନ୍ତ୍ରଣ ହେତୁ ଶତାଧିକ ଭକ୍ତ ମଧ୍ୟ ଆହତ ହୋଇଛନ୍ତି। ଏସବୁ ଭିତରେ ଆମେ କେବଳ ପ୍ରାର୍ଥନା କରିପାରିବା ବୋଲି ନବୀନ କହିଛନ୍ତି। ସେ ପୁଣି ଲେଖିଛନ୍ତି ଯେ, ଚଳିତ ବର୍ଷ ମହାପ୍ରଭୁ ଜଗନ୍ନାଥ ଏହି ବର୍ଷ ଏହି ଦିବ୍ୟ ଉତ୍ସବରେ ହୋଇଥିବା ଭୟଙ୍କର ଅବ୍ୟବସ୍ଥା ପାଇଁ ଦାୟୀ ସମସ୍ତଙ୍କୁ କ୍ଷମା କରନ୍ତୁ। ମୁଁ ଆଶା କରୁଛି ଏହା ସରକାରର ସମସ୍ତଙ୍କ ପାଇଁ ଗଭୀର ଆତ୍ମନିରୀକ୍ଷଣର କାରଣ ହେବ।

## ମତ୍ସ୍ୟଜିବୀଙ୍କୁ ସମୁଦ୍ରକୁ ଯିବାକୁ ବାରଣ

**ଭୁବନେଶ୍ୱର, ୨୮/୦୬ ନ୍ୟୁଜ ବ୍ୟୁରୋ**

ଶନିବାର ଠାରୁ ଜୁଲାଇ ୧ ତାରିଖ ପର୍ଯ୍ୟନ୍ତ ପାଗ ଖରାପ ରହିବା ସହିତ ସମୁଦ୍ର ଅଶାନ୍ତ ରହିବ। ଓଡ଼ିଶା ଉପକୂଳରେ ପବନର ବେଗ ଘଂଟା ପ୍ରତି ୩୫ରୁ ୪୫ କି.ମି. ଏବଂ ସ୍ଥଳ ବିଶେଷରେ ୫୫ କି.ମି.କୁ ଛୁଇଁପାରେ। ଏଣୁ ଏହି ସମୟରେ ମତ୍ସ୍ୟଜିବୀମାନଙ୍କୁ ସମୁଦ୍ରକୁ ମାଛ ଧରିବାକୁ ଯିବାକୁ ବାରଣ କରାଯାଇଛି।

# ପ୍ରାକୃତିକ ବିପର୍ଯ୍ୟୟଠାରୁ ବି ଭୟଙ୍କର ସାପ କାମୁଡ଼ା : ଗଲାଣି ୯ ଜୀବନ





**ଭୁବନେଶ୍ୱର,୨୮/୬ ନ୍ୟୁଜ ବ୍ୟୁରୋ**

ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟଠାରୁ ବି ଭୟଙ୍କର ସାପ କାମୁଡ଼ା। ପ୍ରତିବର୍ଷ ରାଜ୍ୟରେ ସାପ ପ୍ରାୟ ୧ ହଜାରରୁ ଅଧିକ ଲୋକଙ୍କ ନେଉଛି ଜୀବନ। ବର୍ଷାଦିନ ଆସିବା ମାତ୍ରେ ସାପ କାମୁଡ଼ା ହାର ବଢୁଛି। ଗତ ଦୁଇଦିନ ଭିତରେ ୯ଜଣଙ୍କ ଜୀବନ ଗଲାଣି ରାଜ୍ୟର ବିଭିନ୍ନ ସ୍ଥାନରେ। ରାଜ୍ୟରେ ଯେତିକି ବିପର୍ଯ୍ୟୟଜନିତ ମୃତ୍ୟୁ ଘଟୁଛି, ସେଥିରୁ ୯୦% ମୃତ୍ୟୁର କାରଣ ପାଣିରେ ବୁଡ଼ିବା ଓ ସାପ କାମୁଡ଼ା। ସରକାରୀ ତଥ୍ୟ କହୁଛି, ବଜ୍ରପାତ ଓ କାଳବୈଶାଖୀଜନିତ ମୃତ୍ୟୁ ପୂର୍ବାପେକ୍ଷା କମିଥିବାବେଳେ ସାପ କାମୁଡ଼ାଜନିତ ମୃତ୍ୟୁ ସଂଖ୍ୟା ବଢ଼ିଛି। ସାପ କାମୁଡ଼ାରେ ୨୦୧୬ରେ ୩୦୫ଜଣ ଲୋକଙ୍କ ଜୀବନ ଯାଇଥିଲା। ୨୦୧୯ରେ ଏହା ୮୨୩ ଥିବାବେଳେ ୨୦୨୩ରେ ୧୦୦୧ଜଣ ପ୍ରାଣ ହରାଇଥିଲେ। ଗତ ମାର୍ଚ୍ଚରେ ବିଧାନସଭାରେ ସରକାର ରଖିଥିବା ତଥ୍ୟ ମୁତାବକ, ୨୦୨୩- ୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ୧୮୫୯ ଜଣ ଲୋକଙ୍କ ମୃତ୍ୟୁ ହୋଇଥିଲା ସାପ କାମୁଡ଼ାରେ। ସେଥିରୁ ୨୦୨୩-୨୪ ଆର୍ଥିକ ବର୍ଷରେ ୧୧୫୦ ଜଣ ପ୍ରାଣ ହରାଇଥିଲେ। ମୋଟାମୋଟି କହିବାକୁ ଗଲେ, ପ୍ରତିବର୍ଷ ୧ ହଜାରରୁ ଅଧିକ ଜୀବନ ଯାଉଛି ବିଷଧର ସାପ ଚୋଟରେ। ସାପ କାମୁଡ଼ାଜନିତ ମୃତ୍ୟୁ ସଂଖ୍ୟା କମାଇବାକୁ ରାଜ୍ୟ ସରକାର ଏକ ନୂଆ ଯୋଜନା କରିଛନ୍ତି। ଜିଆଇଏସ୍ ସଂଯୋଗରେ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ସ୍ନେକ ରେସ୍କ୍ୟୁ ପ୍ରୋଟେକସନ ଆପ୍ (ସର୍ପ)। ନିକଟସ୍ଥ କେଉଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଣ୍ଟି ଭେନମ ସେରମ (ସାପ କାମୁଡ଼ା ଇଞ୍ଜେକସନ) ଉପଲବ୍ଧ ଅଛି, ସେ ବାବଦରେ ଏହି ଆପ୍ ସହାୟତାରେ ସୂଚନା ମିଳିପାରିବ। ତେଣୁ ସାପ କାମୁଡ଼ା ପୀଡ଼ିତଙ୍କୁ ଧରି ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ଚକ୍କର କାଟିବାକୁ ପଡ଼ିବ ନାହିଁ।

ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି, ସାପ ବିଷରୁ ବର୍ତ୍ତିବା ପାଇଁ ରାଜ୍ୟର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଣ୍ଟି ଭେନମ ସେରମ ଇଞ୍ଜେକସନ ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ ଅଛି। ପ୍ରତି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଡାକ୍ତରଖାନା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏହା ଉପଲବ୍ଧ ରହିଛି। ଦୁର୍ଗମ ଅଞ୍ଚଳର ଅଙ୍ଗନବାଡ଼ି କେନ୍ଦ୍ର ଓ ଆଶା କର୍ମୀଙ୍କ ପାଖରେ ବି ଏହି ଇଞ୍ଜେକସନ ରହିଛି। ତେଣୁ ସାପ କାମୁଡ଼ିବା ପରେ ବିଳମ୍ବ ନକରି ଶୀଘ୍ର ହସ୍ପିଟାଲକୁ ଆଣନ୍ତୁ। ସ୍ନେକ ହେଲ୍ପ ଲାଇନ ସଦସ୍ୟ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ବର୍ତ୍ତମାନ ସାପ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇଥାଏ। ଗୋଟିଏ ପଟେ ମେ' ମାସରୁ ସାପ ଅଣ୍ଡା ଫୁଟି ବହୁଳ ସଂଖ୍ୟାରେ ସାପ ଛୁଆ ଜନ୍ମ ନେଇଥାଆନ୍ତି। ଅନ୍ୟପଟେ ବର୍ଷାରେ ସାପ ଗାତରେ ପାଣି ପଶିଯିବାରୁ ସେମାନେ ସୁରକ୍ଷିତ ଆଶ୍ରୟ ସ୍ଥଳ ଖୋଜିଥାଆନ୍ତି। ବହୁ ସମୟରେ ସାପମାନେ ଘରକୁ ବି ପଶି ଆସନ୍ତି। ତେବେ ସାପ କାମୁଡ଼ିବା ପରେ ଅନେକ ଲୋକେ ହସ୍ପିଟାଲ ଚକ୍କର କାଟି କାଟି ଅଧିକ ସମୟ ନେଇଥାଆନ୍ତି। ଏହି ବିଳମ୍ବ ଭିତରେ ସାପ କାମୁଡ଼ିଥିବା ଲୋକଙ୍କ ଶରୀରରେ ବିଷ ପ୍ରବାହ ବଢ଼ିବାରୁ ତାଙ୍କର ମୃତ୍ୟୁ ହୋଇଥାଏ। ଅନେକ ସମୟରେ ସାପ କାମୁଡ଼ିଥିବା ଲୋକଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆଇସିୟୁ ଆବଶ୍ୟକ ପଡ଼େ। ନିକଟସ୍ଥ ସରକାରୀ ହସ୍ପିଟାଲରେ ଆଇସିୟୁ ନଥିଲେ ଲୋକେ ରୋଗୀଙ୍କୁ ଦୂର ସରକାରୀ ହସ୍ପିଟାଲକୁ ନେଉଛନ୍ତି। ଏଥିରେ ଅଧିକ ସମୟ ଯାଉଥିବାରୁ ସାପ କାମୁଡ଼ିଥିବା ଲୋକଙ୍କ ପ୍ରାଣହାନି ଆଶଙ୍କା ବଢୁଛି। ସଡ଼କ ଦୁର୍ଘଟଣାରେ ଯେଉଁଭଳି ପ୍ରଥମ ୪୮ ଘଣ୍ଟା ସବୁ ହସ୍ପିଟାଲରେ ମାଗଣା ଚିକିତ୍ସା ସୁବିଧା ମିଳୁଛି, ସେଭଳି ସୁବିଧା ସାପ କାମୁଡ଼ା ରୋଗୀଙ୍କ ପାଇଁ ବି ଘୋଷଣା କରାଯାଉ। ଏହାଦ୍ୱାରା ଲୋକେ ଆଉ ସାପ କାମୁଡ଼ା ରୋଗୀଙ୍କୁ ଧରି ଦୂର ସରକାରୀ ହସ୍ପିଟାଲ ଯାଇ ସମୟ ନଷ୍ଟ କରିବେନି। ହାତୀ, ବାଘ, କୁମ୍ଭୀର ଆଦି ବନ୍ୟପ୍ରାଣୀ ଆକ୍ରମଣରେ ମଣିଷର ମୃତ୍ୟୁ ହେଲେ ୧୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଦେବାକୁ ସରକାର ଘୋଷଣା କରିଛନ୍ତି। ସାପ କାମୁଡ଼ା ମୃତ୍ୟୁରେ କାହିଁକି ୪ ଲକ୍ଷ ଟଙ୍କା ମିଳିବ ବୋଲି ସେ ପ୍ରଶ୍ନ କରିଛନ୍ତି।

ପ୍ରକାଶ ପାଇବାକୁ ଯାଉଛି...
'କଥାକଳିକା'ର ଜୁଲାଇ-୨୦୨୫ ସଂଖ୍ୟା




ଏଥର ସଂଖ୍ୟାରେ...
ସ୍ମରଣୀୟ କଥା : ମନୋଜ କୁମାର ଜେନା।
ସମକାଳର କଥା : ଅମରେଶ ବିଶ୍ୱାଳ, ଆଭାସ କୁମାର ବରାଳ, ସୌରୀନ୍ଦ୍ରି ସାହୁ, ରୁମଝୁମ ନାୟକ, ଜାକିର ଖାନ୍।
ଅନ୍ୟ ଭାଷାର କଥା : ନଗେନ୍ଦ୍ର ପଟ୍ଟନାୟକ।
ଯୁବ ମାନସର କଥା : ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ରାଜେଶ ପୁଜାରୀ, କାଳନ୍ଦୀ ଭଞ୍ଜ, ସସ୍ମିତା ମହାପାତ୍ର, ସନ୍ତୋଷ ମିଶ୍ର, ମୋନିକା ସରକାର, ପ୍ରଭାତୀ ଜେନା, ନମିତା ଦାଶ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)